RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | VOLUME- 44 ♦ISSUE-33 ♦MONDAY ♦27 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୩ ♦ସୋମବାର ♦୨୭ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




## ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ପଦକ ଅଭିଯାନ

# ମୀରାବାଇ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

■ ଗ୍ଲାସଗୋ, ୨୬।୭ (ଏଜେନ୍ସି): ମହାନ ଭାରୋତ୍ତୋଳିକା ମୀରାବାଇ ଚାନୁ ସ୍କଟଲାଣ୍ଡ ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣିମ ସଫଳତା ଆଣିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୪୮ କିଗ୍ରା ଓଜନବର୍ଗରେ ମୀରାବାଇ ଏହି ସଫଳତା ପାଇଛନ୍ତି। ଏଥିରେ ମୀରାବାଇ ମୋଟ୍ ୧୯୦ କିଗ୍ରା ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଯେଉଁଥିରେ ସେ ସ୍ନାଚରେ ରେକର୍ଡ ୮୫ କିଗ୍ରା ଓ କ୍ଲିନ ଆଣ୍ଡ ଜର୍କରେ ୧୦୫ କିଗ୍ରା ଭାର ସଫଳତାର ସହ ଉଠାଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ୩୧ ବର୍ଷୀୟା ମୀରାବାଇଙ୍କ ଏହା ହେଉଛି ହ୍ୟାଟ୍ରିକ ସ୍ୱର୍ଣ୍ଣ ପଦକ ସଫଳତା। ଏଥିପୂର୍ବରୁ ୨୦୧୮ ଗୋଲ୍ଡକୋଷ୍ଟ ଓ ୨୦୨୨ ବର୍ମିଂହାମ ସଂସ୍କରଣରେ ମଧ୍ୟ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇତିହାସରେ ମୀରାବାଇ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ (୨୦୧୪) ସହ ମୋଟ୍ ୪ଟି ପଦକ ବିଜୟୀ ହୋଇଛନ୍ତି। ମୀରାବାଇଙ୍କ ସ୍ୱର୍ଣ୍ଣିମ ସଫଳତା ସହ ଭାରତ ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପଦକ ତାଲିକାରେ ୭ମ ସ୍ଥାନକୁ ଉଠିଛି। ଯେଉଁଥିରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ସାମିଲ ରହିଛି। ମୀରାବାଇଙ୍କ ପୂର୍ବରୁ ରବିବାର ଅପରାହ୍ନରେ ରିଷିକାନ୍ତ ସିଂ ପୁରୁଷ ୬୦ କିଗ୍ରା ଭାରୋତ୍ତୋଳନରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଶୁକ୍ରବାର ରାତିରେ ପାରା ଶକ୍ତିଉତ୍ତୋଳକ ଝାଣ୍ଟୁ କୁମାର କାଂସ୍ୟ ପଦକ ସଫଳତା ଆଣିଥିଲେ। ଯାହାକି ଭାରତ ପାଇଁ ପ୍ରଥମ ପଦକ ଥିଲା।

# ଅଧରପଣା ପାଇ ତୃପ୍ତ ହେଲେ ଅଶରୀରୀ



## ଆଜି ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ

■ ପୁରୀ, ୨୬।୭ (ସମିସ): ଅନ୍ତିମ ପର୍ଯ୍ୟାୟରେ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନସିଂହାସନକୁ ଯିବା ପାଇଁ ପ୍ରସ୍ତୁତ ହେଲେଣି ଦାରୁବିଗ୍ରହ। ସୋମବାର ନୀଳକନ୍ଦରକୁ ବିଜେ କରିବେ ମହାପ୍ରଭୁ। ଏହାର ଅବ୍ୟବହିତ ପୂର୍ବରୁ ରବିବାର ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୂଢ଼ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଜମିଥିଲା ଭକ୍ତଙ୍କ ଭିଡ଼। ତେବେ ରାତି ୮ଟା ମଧ୍ୟରେ ଏହି ନୀତି ସରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ୧ ଘଣ୍ଟା ୪୨ ବିଳମ୍ବରେ ଶେଷ ହୋଇଥିଲା ଅଧରପଣା ନୀତି। ରାତି ୯ଟା ୪୨ରେ ନନ୍ଦିଘୋଷ ରଥରେ ଶେଷ ଅଧରହାଣ୍ଡି ଭାଙ୍ଗିଥିଲା। ରବିବାର ଆଷାଢ ଶୁକ୍ଳ ଦ୍ୱାଦଶୀ ▶ପୃଷ୍ଠା-୭



## ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬


# ଚମକିଲେ ଜ୍ୟୋତିର୍ମୟୀ

■ ମୁମ୍ବାଇ, ୨୬।୭ (ଏଜେନ୍ସି): ପୁଣି ଜାତୀୟ ସ୍ତରରେ ଚମକିଲେ ଓଡ଼ିଆ ଝିଅ। ଦେଶର ଲୋକପ୍ରିୟ ସଙ୍ଗୀତଭିତ୍ତିକ ରିଅଲିଟି ଶୋ 'ଇଣ୍ଡିଆନ୍ ଆଇଡଲ୍ ସିଜନ ୧୬'ର ଗ୍ରାଣ୍ଡ ଫିନାଲେରେ ଓଡ଼ିଶାର ପ୍ରତିଭାବାନ ଗାୟିକା ଜ୍ୟୋତିର୍ମୟୀ ନାୟକ ବିଜୟୀ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଦୀର୍ଘ ୧୦ ମାସର ସଙ୍ଗୀତ ଯାତ୍ରା ପରେ ଆୟୋଜିତ ଭବ୍ୟ ଫିନାଲେରେ ଦେଶର ବିଭିନ୍ନ ରାଜ୍ୟର ୫ଜଣ ପ୍ରତିଭାଶାଳୀ ପ୍ରତିଯୋଗୀଙ୍କୁ ପଛରେ ପକାଇ ଜ୍ୟୋତିର୍ମୟୀ ଓଡ଼ିଶାରୁ ପ୍ରଥମ ଇଣ୍ଡିଆନ୍ ଆଇଡଲ୍ ଟ୍ରଫି ବିଜୟିନୀ ହୋଇଛନ୍ତି। ଜ୍ୟୋତିର୍ମୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଗ୍ରାମର ଝିଅ। ଜ୍ୟୋତିର୍ମୟୀଙ୍କ ବିଜୟ ଓଡ଼ିଶାର ▶ପୃଷ୍ଠା-୭

## କେନ୍ଦ୍ର ସରକାରଙ୍କ ପରୀକ୍ଷା ସଂସ୍କାର

# ଗଠନ ହେଲା ଟାସ୍କଫୋର୍ସ

## ନେତୃତ୍ୱ ନେବେ ନନ୍ଦନ ନିଲେକାନି



### ପେପର ଲିକ୍ ବିରୋଧରେ କଠୋର ଆଇନ

### ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନା

### ଆଜି ଲୋକସଭାରେ ଆସିବ ସଂଶୋଧନ ବିଲ୍

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ପରିପ୍ରେକ୍ଷୀରେ କକ୍ରୋଚ୍ ଜନତା ପାର୍ଟିର ଆନ୍ଦୋଳନ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ସହିତ ଅନେକ କାର୍ଯ୍ୟାନୁଷ୍ଠାନ ପରେ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ପାଇଁ କେନ୍ଦ୍ର ସରକାର ଆଜି ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହାସହିତ ପ୍ରଶ୍ନପତ୍ର ଲିକ୍ ବିରୋଧରେ କଠୋର ଆଇନ ପାଇଁ ଆସନ୍ତାକାଲି ଲୋକସଭାରେ ଏକ ସଂଶୋଧନ ବିଲ ଆଗତ କରିବାକୁ ମଧ୍ୟ ଘୋଷଣା କରିଛନ୍ତି। ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀଙ୍କୁ ୧୦ ବର୍ଷ ଜେଲ୍ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗି ଏହି ବିଲରେ ବ୍ୟବସ୍ଥା ରହିଛି।

ପରୀକ୍ଷା ପରିଚାଳନା ପଦ୍ଧତିକୁ ଅଧିକ ସ୍ୱଚ୍ଛ, ବିଶ୍ୱସନୀୟ ଏବଂ ପ୍ରଯୁକ୍ତିବିଦ୍ୟା-ଭିତ୍ତିକ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଯେଉଁ ଉଚ୍ଚସ୍ତରୀୟ ଟାସ୍କ ଫୋର୍ସ ଗଠନ କରିଛନ୍ତି, ତାହାର ନେତୃତ୍ୱ ନେବେ ଇନଫୋସିସ୍‌ର ସହ-ପ୍ରତିଷ୍ଠାତା ନନ୍ଦନ ନିଲେକାନି। ▶ପୃଷ୍ଠା-୭

## ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ବର୍ବରତା

# ସରକାରଙ୍କୁ ଘେରିବାକୁ ବିରୋଧୀଙ୍କ ପ୍ରସ୍ତୁତି

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧରେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଦିଲ୍ଲୀ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନକୁ ନେଇ ସାରା ଦେଶରେ ଆକ୍ରୋଶ ବୃଦ୍ଧି ପାଇଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ପ୍ରାର୍ଥନା ଏବଂ ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ଚିଠି ଲେଖି ଜୁଲାଇ ୨୦ରେ ଦିଲ୍ଲୀରେ ହୋଇଥିବା ପୁଲିସର "ବର୍ବର ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ବିରୋଧରେ ପେଲେଟ୍ ଗନ୍ ଭଳି ମାରାତ୍ମକ ଅସ୍ତ୍ର ବ୍ୟବହାର ପାଇଁ ଗୃହମନ୍ତ୍ରୀ ଅନୁମତି ଦେଇଥିଲେ କି ବୋଲି ପ୍ରଶ୍ନ କରିଛନ୍ତି। ରାହୁଲ ଗାନ୍ଧୀ ସାହିଲ ଲୋଚାବ ନାମକ ଜଣେ ୧୯ ବର୍ଷୀୟ ଛାତ୍ରଙ୍କୁ ଗଣମାଧ୍ୟମ ସମ୍ମୁଖରେ ଉପସ୍ଥାପନ କରି ପେଲେଟ୍ ଗନ୍ ମାଡ଼ରେ ତାଙ୍କର ଗୋଟିଏ ଆଖିର ଦୃଷ୍ଟିଶକ୍ତି ନଷ୍ଟ ହେବାକୁ ଥିବା ବିଷୟରେ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଉପରେ ପୁଲିସର ବର୍ବରତା ନେଇ ରାହୁଲଙ୍କ ନେତୃତ୍ୱରେ କଂଗ୍ରେସ ଲୋକସଭାରେ ସରକାରଙ୍କୁ ଘେରିବାକୁ ଯୋଜନା କରିଥିବା ସୂଚନା ମିଳିଛି। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାଡଗେ କହିଛନ୍ତି ଯେ, ଏବେ ପ୍ରଧାନମନ୍ତ୍ରୀଙ୍କ କ୍ଷମା ମାଗିବା ପାଳି ଏବଂ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ତଥା ପେଲେଟ୍ ଗନ୍ ବ୍ୟବହାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ▶ପୃଷ୍ଠା-୭

## ଅବପାତ ଘନୀଭୂତ

# ଆହୁରି ୪୮ ଘଣ୍ଟା ବର୍ଷା

■ ଭୁବନେଶ୍ୱର, ୨୬।୭ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଅବପାତର ରୂପନେଇଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗି ରହିଛି। ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ

### ଆଜି ୩ ଜିଲ୍ଲାରେ ସ୍କୁଲ ଛୁଟି

ଆହୁରି ଦୁଇ ଦିନ ଏହି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏପରିକି କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ହେବାର ରହିଛି। ଏହାକୁ ଦୃଷ୍ଟିରେ ରଖି ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲକୁ ଛୁଟି ଘୋଷଣା କରିଛନ୍ତି। ▶ପୃଷ୍ଠା-୭

## ବଜ୍ରପାତ ନେଲା ୩ ଚାଷୀଙ୍କ ଜୀବନ

■ କାମାକ୍ଷାନଗର/ରାଜବରହମପୁର, ୨୬।୭ (ସମିସ): ରବିବାର ଅପରାହ୍ନରେ ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅଞ୍ଚଳର ବିଲ କାମ ବେଳେ ବଜ୍ରପାତରେ ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ବାଲେଶ୍ୱର ଜିଲ୍ଲ ନୀଳଗିରି ବ୍ଲକ୍ ଅଞ୍ଚଳର ଜଣେ ଚାଷୀଙ୍କ ଜୀବନ ଯାଇଛି। କାମାକ୍ଷାନଗର ଥାନା ବାଲିପଡ଼ା ଗ୍ରାମର ସନ୍ତୋଷ ଦେହୁରୀ ଓ ତାଙ୍କ ପୁଅ ସତ୍ୟନାରାୟଣ ରବିବାର ଅପରାହ୍ନରେ ଧାନ ରୋଇବାକୁ ବିଲକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ଉଭୟ ବିଲ ଭିତରେ ଟଳି ପଡ଼ିଥିଲେ। ନିକଟରେ ଥିବା କିଛି ▶ପୃଷ୍ଠା-୭

# ସିଜେପି ପରେ ଇଜେପି

### ୧୦୦% ପେଟ୍ରୋଲ ଚୟନ ବିକଳ୍ପ ଦାବି

### କାର ଉପରେ ଇଥାନଲ୍ ଇନ୍ଧନର ପରୀକ୍ଷା ନିରୀକ୍ଷା ନ ହେଉ

■ ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ନିଟ୍ ପରୀକ୍ଷା ପତ୍ର ଲିକ୍ ପରେ ଏବେ ଗାଡ଼ିର ଇନ୍ଧନ ଟାଙ୍କିକୁ ନେଇ ଚିନ୍ତିତ ଦେଶର ସାଧାରଣ ଜନତା। ଲୋକଙ୍କ ଏହି ସମସ୍ୟାକୁ ନଜରରେ ରଖି କକ୍ରୋଚ୍ ଜନତା ପାର୍ଟି (ସିଜେପି) ପଦାଙ୍କ ଅନୁସରଣ କରି, ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ 'ଇ-୨୦ ଜନତା ପାର୍ଟି' (ଇଜେପି) ନାମକ ଏକ ନୂତନ ଗ୍ରୁପ ଉଭା ହୋଇଛି। ଏହା ଏବେ ସରକାରଙ୍କ ନିକଟରେ ଇଥାନଲ୍-ମିଶ୍ରିତ ପେଟ୍ରୋଲ ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ବିକଳ୍ପ ଦାବି କରୁଛି। ଇ-୨୦ ପେଟ୍ରୋଲକୁ ନେଇ ସାରା ଦେଶରେ ବିବାଦ ମଧ୍ୟରେ ଏହି ନୂଆ ସୋସିଆଲ ମିଡିଆ ଗ୍ରୁପ ସୃଷ୍ଟି ହୋଇଛି। କାରଣ ବର୍ତ୍ତମାନ ଦେଶରେ ଅନେକ ବ୍ୟବହାରକାରୀ ଇ-୨୦ ପେଟ୍ରୋଲ ବ୍ୟବହାର ଦ୍ୱାରା ଗାଡ଼ି ମାଇଲେଜ୍ ସହିତ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି।

ଇଜେପିର ଦାବି ହେଉଛି, ଲୋକମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶିତ ଇ-୨୦ ଇଥାନଲ୍ ମିଶ୍ରଣ ଇନ୍ଧନ ବ୍ୟବହାର ପରିବର୍ତ୍ତେ ୧୦୦% ପେଟ୍ରୋଲ ବାଛିବାର ▶ପୃଷ୍ଠା-୭

# ଚାଉଳ ପୋକମରା ଔଷଧ ଗନ୍ଧରେ ୨ ଶିଶୁ ମୃତ

### ମା' ଅସୁସ୍ଥ

■ ଭାପୁର, ୨୬।୭ (ସମିସ): ଚାଉଳରେ ପୋକ ନ ହେବା ପାଇଁ ପୋକମରା ଔଷଧ ଦିଆଯାଇଥିଲା। ସେହି ଗନ୍ଧରେ ଗୋଟିଏ ପରିବାରର ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ମଧ୍ୟ ଅସୁସ୍ଥ ହୋଇପଡ଼ିଛନ୍ତି। ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ବାଉଁଶବାଟୀ ପଞ୍ଚାୟତ କଇଁଥପୋଖରୀ ଗ୍ରାମରେ ଶନିବାର ଘଟିଛି ଏହି ଅଘଟଣ। ଗ୍ରାମର ଯଦୁ ସାହୁଙ୍କ ସ୍ତ୍ରୀ ରୁବି ସାହୁ ଚାଉଳ ପୋକ ମାରିବା ପାଇଁ ପୋକମରା ଔଷଧ ଆଣି ଘରେ ରଖିଥିଲେ। ପୋକମରା ଔଷଧକୁ କଣାକରି ଘରେ ରଖିଥିବା ବେଳେ କବାଟ ଝରକା ଦେଇ ଏସି ଲଗାଇ ଦୁଇ ପୁଅ ଝିଅଙ୍କୁ ଧରି ଶୁକ୍ରବାର ରାତିରେ ରୁବି ଶୋଇଯାଇଥିଲେ। ପୋକମରା ଔଷଧ ଗନ୍ଧରେ ରୁବିଙ୍କର ବାନ୍ତି ହେବାପରେ ଦୁଇବର୍ଷର ପୁଅ ▶ପୃଷ୍ଠା-୭

## ୧୦୪୦ ନିୟୁତ ୟୁନିଟ୍ ଉତ୍ପାଦନ ପାଇଁ ୧୦୮୩ ନିୟୁତ ୟୁନିଟ୍ ବିଜୁଳି ଖର୍ଚ୍ଚ

# କାହା ସ୍ୱାର୍ଥରେ ବ୍ୟୟହେବ ୪ ହଜାର କୋଟି ?

### ବିବାଦୀୟ କମ୍ପାନୀ ସହ ଚୁକ୍ତିକୁ ନେଇ ଅଡୁଆରେ ସରକାର

### ବୁଝାମଣାକୁ ନେଇ ପ୍ରଶ୍ନ ଉଠାଇଲେ ଶକ୍ତି ସମୀକ୍ଷକ ଓ ବିରୋଧୀ

■ ଭୁବନେଶ୍ୱର, ୨୬।୭ (ସମିସ): ସ୍ୱଚ୍ଛ ଓ ସବୁଜ ବିଦ୍ୟୁତ ଉତ୍ପାଦନ ପାଇଁ ଶୁକ୍ରବାର ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ ଲିମିଟେଡ୍ (ଓଏଚପିସି) ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରା ଷ୍ଟ୍ରକଚର ଲିମିଟେଡ୍ (ଏମଇଆଇଏଲ) ସହିତ ଆନୁଷ୍ଠାନିକ ଭାବେ ଏକ ଚୁକ୍ତିନାମା ପତ୍ର (ଲେଟର ଅଫ ଇଣ୍ଟେଣ୍ଟ) ସ୍ୱାକ୍ଷର କରିଛି। ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ଉପସ୍ଥିତିରେ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନିର୍ମାଣ (ପିଏସପି) କରିବା ପାଇଁ ଉକ୍ତ ଚୁକ୍ତିନାମାଟି ସ୍ୱାକ୍ଷର ହୋଇଛି। ପ୍ରକଳ୍ପଟିକୁ ନିର୍ମାଣ କରିବା ପାଇଁ କେନ୍ଦ୍ରୀୟ ବିଦ୍ୟୁତ ପ୍ରାଧିକରଣ (ସିଇଏ) ୩୧୬୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହି ଅର୍ଥରେ ଅପର ଇନ୍ଦ୍ରାବତୀ ପିଏସପିରେ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ୪ଟି ଜେନେରେଟର ସ୍ଥାପନ ହେବ ବୋଲି କୁହାଯାଇଛି। ମାତ୍ର ସରକାରଙ୍କ ଏହି ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି ରାଜ୍ୟର ଶକ୍ତି ସମୀକ୍ଷକ ଓ ବିରୋଧୀ ରାଜନୈତିକ ଦଳ। ଅନ୍ୟ ରାଜ୍ୟରେ ବିବାଦୀୟ ଓ ଖିଲାପୀ ସଂସ୍ଥା ସହ ବୁଝାମଣା କରିବାକୁ ସରକାର କାହିଁକି ଆଗ୍ରହ ପ୍ରକାଶ କଲେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗରେ ଓଏଚପିସି ଦାଖଲ କରିଥିବା ସତ୍ୟପାଠ ଅନୁସାରେ ପ୍ରକଳ୍ପରୁ ବାର୍ଷିକ ୧ ହଜାର ୪୦ ନିୟୁତ ୟୁନିଟ ବିଦ୍ୟୁତ ଉତ୍ପାଦନ ଲକ୍ଷ୍ୟ ଥିବା ବେଳେ ସେଥିପାଇଁ ୧ ହଜାର ୨୮୩ ନିୟୁତ ୟୁନିଟ ବ୍ୟବହାର ହେବ। ଅର୍ଥାତ ପ୍ରକଳ୍ପରୁ ଯେତିକି ବିଦ୍ୟୁତ ଉତ୍ପାଦନ ହେବ ତାହା ଠାରୁ ଅଧିକ ୨୪୩ ନିୟୁତ ୟୁନିଟ ପ୍ରକଳ୍ପରେ ଖର୍ଚ୍ଚ ହେବ। ▶ପୃଷ୍ଠା-୭




# ଅଖିଳେଶଙ୍କୁ ମେଣ୍ଟ ପାଇଁ ପ୍ରସ୍ତାବ ଦେଲେ ଓୱେସୀ

ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ଏଆଇଏମ୍ଆଇଏମ୍ ମୁଖ୍ୟ ଅସଦୁଦ୍ଦିନ ଓୱେସୀ ସମାଜବାଦୀ ପାର୍ଟି (ଏସ୍‌ପି) ସଭାପତି ଅଖିଳେଶ ଯାଦବଙ୍କୁ ମେଣ୍ଟର ପ୍ରସ୍ତାବ ଦେଇଛନ୍ତି। ମୋରାଦାବାଦର ଏକ ସଭାରେ ଭାଷଣ ଦେଇ ସେ କହିଛନ୍ତି, ବିଜେପିକୁ ପୁଣିଥରେ କ୍ଷମତାକୁ ଆସିବାରୁ ରୋକିବା ପାଇଁ



ସେ ସମାଜବାଦୀ ପାର୍ଟି ସହ ମିଶି କାମ କରିବାକୁ ପ୍ରସ୍ତୁତ। ଓୱେସୀ କହିଛନ୍ତି, 'ମୁଁ ପୂର୍ବରୁ ମଧ୍ୟ କହିଛି ଏବଂ ପୁଣି କହୁଛି, ଉତ୍ତରପ୍ରଦେଶରେ ବିଜେପି ପୁଣି ସରକାର ଗଠନ କରୁ ବୋଲି ଆମେ ଚାହୁଁନାହୁଁ। ମୁଁ ହାତ ମିଳାଇବାକୁ ପ୍ରସ୍ତୁତ, ମେଣ୍ଟ କରିବାକୁ ପ୍ରସ୍ତୁତ। ଏବେ ଆଲୋଚନା କରନ୍ତୁ, କିନ୍ତୁ ନିର୍ବାଚନ ସରିବା ପରେ ଯେପରି କାନ୍ଦିବେ ନାହିଁ।' ବିଜେପି ପକ୍ଷରୁ ଲାଗୁଥିବା 'ବି-ଟିମ୍' ଅଭିଯୋଗକୁ ଖଣ୍ଡନ କରି ସେ କହିଛନ୍ତି, ଏଆଇଏମ୍ଆଇଏମ୍‌ର ସଂଗ୍ରାମ କୌଣସି ଧର୍ମ ବିରୋଧରେ ନୁହେଁ, ବରଂ ସମ୍ମାନ, ଅଧିକାର ଓ ନ୍ୟାୟ ପାଇଁ। ଅଖିଳେଶ ଯାଦବଙ୍କ ସହ ବସି ଅଧିକାର ଓ ନ୍ୟାୟର ପ୍ରସଙ୍ଗରେ ଆଲୋଚନା କରିବାକୁ ସେ ପ୍ରସ୍ତୁତ ବୋଲି ମଧ୍ୟ କହିଛନ୍ତି। ତେବେ ଏଆଇଏମ୍ଆଇଏମ୍ ସହ ମେଣ୍ଟ କରିବା ନେଇ ସମାଜବାଦୀ ପାର୍ଟି କୌଣସି ପ୍ରତିକ୍ରିୟା ଦେଇନାହିଁ। ଉଭୟ ଦଳ ସମାନ ଭୋଟ୍ ବ୍ୟାଙ୍କକୁ ଲକ୍ଷ୍ୟ କରୁଥିବାରୁ ଏହି ପ୍ରସ୍ତାବ ଉପରେ ଏସ୍‌ପି କିପରି ନିଷ୍ପତ୍ତି ନେବ, ତାହା ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଆଉ ନିର୍ବାଚନ ଲଢ଼ିବେନି ସିଦ୍ଦରମେୟା

ବେଙ୍ଗାଲୁରୁ,୨୬।୭(ଏଜେନ୍ସି): କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସିଦ୍ଦରମେୟା ୨୦୨୮ ମସିହାରେ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ ବୋଲି ଘୋଷଣା କରିଛନ୍ତି। ବୟସାଧିକ୍ୟ, ସ୍ୱାସ୍ଥ୍ୟଗତ ସମସ୍ୟା ଏବଂ ରାଜନୀତିରେ ବୃଦ୍ଧି ପାଉଥିବା ଦୁର୍ନୀତିକୁ କାରଣ ଦର୍ଶାଇ ସେ ଏହି ନିଷ୍ପତ୍ତି ନେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରି ୭୯ ବର୍ଷୀୟ ଏହି ନେତା



ଜଣାଇଛନ୍ତି ଯେ, ଆଗାମୀ ନିର୍ବାଚନ ସମୟକୁ ତାଙ୍କୁ ୮୧-୮୨ ବର୍ଷ ହୋଇଥିବ। ଶରୀର ପୂର୍ବ ଭଳି ସହାୟତା ଦେଉନଥିବାରୁ ଏବଂ ଆଜିକାଲିର ନିର୍ବାଚନୀ ରାଜନୀତି ଅତ୍ୟନ୍ତ କଳୁଷିତ ହୋଇଯାଇଥିବାରୁ ସେ କୌଣସି ନିର୍ବାଚନୀ ପଦବୀ ପାଇଁ ଲଢ଼ିବେ ନାହିଁ। ତେବେ ସେ ପ୍ରତ୍ୟକ୍ଷ ନିର୍ବାଚନରୁ ଓହରି ଗଲେ ମଧ୍ୟ ସକ୍ରିୟ ରାଜନୀତିରେ ରହି ଜନସାଧାରଣଙ୍କ ସେବା ଓ ସେମାନଙ୍କ ସ୍ୱର ହୋଇ କାର୍ଯ୍ୟ କରିବା ଜାରି ରଖିବେ।

# ପଞ୍ଜାବ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେପି

ଚଣ୍ଡିଗଡ଼,୨୬।୭(ଏଜେନ୍ସି): କେନ୍ଦ୍ରୀ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ପରେ ପଞ୍ଜାବରେ ପେପର ଲିକ୍ ପ୍ରସଙ୍ଗକୁ ନେଇ ରାଜନୀତି ତୀବ୍ର ହୋଇଛି। ବିଜେପି ପଞ୍ଜାବର ଶିକ୍ଷାମନ୍ତ୍ରୀ ହରଜୋତ ସିଂହ ବୈନ୍ସଙ୍କ ଇସ୍ତଫା ଦାବି କରିଥିବାବେଳେ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ବିଜେପି ମୁଖପାତ୍ର ପ୍ରଦୀପ ଭଣ୍ଡାରୀ ଓ ପଞ୍ଜାବ କଂଗ୍ରେସ ସଭାପତି ଅମରିନ୍ଦର ସିଂହ ରାଜା ୱାରିଂ ପଞ୍ଜାବରେ ପିଏସ୍‌ଇବି ପରୀକ୍ଷା, ପିଏସ୍‌ଟିଇଟି, ନାଏବ ତହସିଲଦାର ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷାରେ ପେପର ଲିକ୍ ଏବଂ ଅନିୟମିତତା ଘଟିଥିବା ଅଭିଯୋଗ କରି ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱରେ ଇସ୍ତଫା ଦାବି କରିଛନ୍ତି। ଏହାର ଜବାବରେ ଭଗବନ୍ତ ମାନ କହିଛନ୍ତି, ଗତ ସାଢେ ଚାରି ବର୍ଷରେ ପଞ୍ଜାବରେ ଗୋଟିଏ ବି ପେପର ଲିକ୍ ହୋଇନାହିଁ। କେବଳ ଦୁଇଟି ସ୍ଥାନରେ ନକଲ ଉଦ୍ୟମ ଧରାପଡ଼ିଥିଲା ଏବଂ ୧୦ ମିନିଟ୍ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେ କହିଛନ୍ତି, ପେପର ଲିକ୍ ନେଇ ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ ଓ ଭୁଲ୍ ପ୍ରଚାର। ଆମ୍ ଆଦମୀ ପାର୍ଟି ମଧ୍ୟ ବିଜେପି ଓ କଂଗ୍ରେସ ଉପରେ ମିଥ୍ୟା ଅଭିଯୋଗ କରି ଲୋକଙ୍କୁ ବିଭ୍ରାନ୍ତ କରିବାର ଚେଷ୍ଟା କରୁଥିବା ଅଭିଯୋଗ ଆଣିଛି।

# ନିର୍ବାଚନ ଲଢ଼ିବା ବୟସ ୨୧ କରିବାକୁ ତେଲଙ୍ଗାନାର ପ୍ରସ୍ତାବ

ହାଇଦରାବାଦ,୨୬।୭(ଏଜେନ୍ସି): ଲୋକସଭା ଓ ବିଧାନସଭା ନିର୍ବାଚନ ଲଢ଼ିବା ପାଇଁ ସର୍ବନିମ୍ନ ବୟସ ସୀମାକୁ ୨୫ ବର୍ଷରୁ ୨୧ ବର୍ଷକୁ ହ୍ରାସ କରିବା ପ୍ରସ୍ତାବ ଆଣିବାକୁ ତେଲଙ୍ଗାନା ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ କହିଛନ୍ତି, ଅଗଷ୍ଟ ପ୍ରଥମ ସପ୍ତାହରେ ବିଧାନସଭା ଓ ବିଧାନ ପରିଷଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇ ଏହି ପ୍ରସ୍ତାବ ପାରିତ କରାଯିବ। ପରେ ଏହାକୁ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। ନିଟ୍ ପ୍ରଶ୍ନପତ୍ର ଲିକ୍‌କୁ ନେଇ ହାଇଦରାବାଦରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ରାଲିରେ ଯୋଗଦେଇ ରେବନ୍ତ ରେଡ୍ଡୀ କହିଛନ୍ତି, ଦେଶର ପ୍ରାୟ ୩୦ ପ୍ରତିଶତ ଜନସଂଖ୍ୟା ଯୁବବର୍ଗ ହୋଇଥିଲେ ମଧ୍ୟ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ୧ ପ୍ରତିଶତରୁ କମ୍। ସେ କହିଛନ୍ତି, ୨୧ ବର୍ଷ ବୟସର ଯୁବକମାନେ ଆଇଏଏସ୍, ଆଇପିଏସ୍, ମେୟର ଓ ଜିଲ୍ଲା ପରିଷଦ ସଭାପତି ହୋଇପାରୁଥିବାବେଳେ ବିଧାୟକ କିମ୍ବା ସାଂସଦ ହେବାର ସୁଯୋଗ ମଧ୍ୟ ପାଇବା ଉଚିତ୍। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ପରିବର୍ତ୍ତନ ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ।

# ଇନ୍‌ଷ୍ଟା ବଦଳାଇଲା ଆନ୍ଦୋଳନର ଧାରା



ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):

ଦୀର୍ଘଦିନ ଧରି ଦେଶର ଯୁବପିଢ଼ିକୁ ସାମାଜିକ ଗଣମାଧ୍ୟମ ଓ ମୋବାଇଲ୍ ଫୋନ୍‌ରେ ବ୍ୟସ୍ତ ରହୁଥିବା ଏକ ଅସଚେତନ ଗୋଷ୍ଠୀ ଭାବେ ଦେଖାଯାଉଥିଲା। କିନ୍ତୁ ନିଟ୍ ପରୀକ୍ଷା ବିଭ୍ରାଟ ପ୍ରତିବାଦରେ ଯନ୍ତରମନ୍ତରରେ ହୋଇଥିବା ଆନ୍ଦୋଳନ ।।ସେହି ଦୃଷ୍ଟିକୋଣକୁ ବଦଳାଇଛି। ବିନା ରାଜନୀତି ଏବଂ ବିନା ସଂଗଠନରେ ସମାଜରେ ସଂସ୍କାର ଲାଗି ଇନଷ୍ଟାଗ୍ରାମ ସାମାଜିକ ଗଣମାଧ୍ୟମ କିପରି ଅସ୍ତ୍ର ରୂପେ ବ୍ୟବହାର ହୋଇପାରିବ, ତାହାର ଉଦାହରଣ ସୃଷ୍ଟି କରିଛି ଯନ୍ତର ମନ୍ତର ଆନ୍ଦୋଳନ। ବେକାର ଯୁବଗୋଷ୍ଠୀକୁ ପ୍ରଧାନ ବିଚାରପତି ଅସରପା ସହ ତୁଳନା କରିବା ପରେ ଆମେରିକାରେ ରହୁଥିବା ଭାରତୀୟ ଯୁବକ ଅଭିଜିତ ଦିପକେ ଏହାକୁ ତାଙ୍କର ଇନଷ୍ଟାଗ୍ରାମରେ ବ୍ୟଙ୍ଗାତ୍ମକ ଭାବେ ପୋଷ୍ଟ କରିଥିଲେ। ଦେଶର ବେକାର ଓ ଅଳସୁଆ ଯୁବ ଗୋଷ୍ଠୀକୁ ନେଇ ବ୍ୟଙ୍ଗାତ୍ମକ ଭାବେ କକ୍ରୋଚ ଜନତା ପାର୍ଟି ଗଠନ କଥା କହିଥିଲେ। ତାଙ୍କର ଏହି ବ୍ୟଙ୍ଗ ଭାରତୀୟ ଯୁବପିଢ଼ିକୁ ଏମିତି ଛୁଇଁଲା ଯେ ଇନଷ୍ଟାରେ ଯେମିତି ବିସ୍ଫୋରଣ ହେବାକୁ ଲାଗିଲା। ଚାହୁଁଚାହୁଁ କକ୍ରୋଚ ପାର୍ଟିର ଇନଷ୍ଟା ପେଜରେ ଫଲୋଅର ସଂଖ୍ୟା ୨୨ ନିୟୁତ ଟପିଗଲା। ଦୀର୍ଘ ଦିନ ଧରି ନିଜ ମନ ଭିତରେ ଚାପି ରଖିଥିବା ଅସନ୍ତୋଷକୁ ଯୁବ ଗୋଷ୍ଠୀ ମେମେ, ବ୍ୟଙ୍ଗ ଏବଂ ରିଲ୍ସ ଜରିଆରେ ପ୍ରକାଶ କରିବାକୁ ଲାଗିଲେ। କକ୍ରୋଚ୍ ପାର୍ଟିର ଇନଷ୍ଟା ପେଜ୍ ହଟାଇବା ଲାଗି ଉଦ୍ୟମ ଏହାକୁ ଆହୁରି ଲୋକପ୍ରିୟ କରିଥିଲା। ନିଟ୍ ପରୀକ୍ଷା ବିଭ୍ରାଟର ପ୍ରତିବାଦ ଲାଗି ଆନ୍ଦୋଳନ ଉଦ୍ଦେଶ୍ୟରେ ଅଭିଜିତ୍ ଜୁନ୍ ୬ ତାରିଖରେ ଦିଲ୍ଲୀରେ ପଦାର୍ପଣ କରିବା ସମୟରେ ସେ ଭାବିନଥିଲେ ଯେ ତାଙ୍କର ଏହି ଛୋଟ ବ୍ୟଙ୍ଗରୁ ଏତେ ବଡ଼ ଆନ୍ଦୋଳନ ହେବ। ସରକାର ମଧ୍ୟ ବୋଧହୁଏ ଏପରି କଳ୍ପନା କରିନଥିଲେ। ଯନ୍ତର ମନ୍ତରରେ ଆରମ୍ଭ ହୋଇଥିବା ଆନ୍ଦୋଳନକୁ ବିଶେଷ ଗଣମାଧ୍ୟମରେ ବିଶେଷ ଗୁରୁତ୍ୱ ଦିଆଯାଇନଥିଲା। ତେବେ ଇନଷ୍ଟାଗ୍ରାମ ଜରିଆରେ ଯନ୍ତର ମନ୍ତରରେ ଯୁବଗୋଷ୍ଠୀକୁ ଏକାଠି କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିଲା। ପାରମ୍ପରିକ ଗଣମାଧ୍ୟମ ବଦଳରେ କକ୍ରୋଚ୍ ପାର୍ଟି ଯୁବଗୋଷ୍ଠୀକୁ ଏକାଠି ଓ ଶୃଙ୍ଖଳିତ କରିବା ଲାଗି ଇନଷ୍ଟାଗ୍ରାମର ସହାୟତା ନେଇଥିଲେ। ଇନଷ୍ଟା ଜରିଆରେ ସ୍ଲୋଗାନ ଓ ପ୍ରତିବାଦର ଯୋଜନା ପ୍ରସ୍ତୁତ କରାଯିବା ସହିତ ଆନ୍ଦୋଳନର ରୂପରେଖ ଏହି ଇନଷ୍ଟା ଜରିଆରେ କରାଯାଇଥିଲା।

**ଜେନ୍-ଜି ଆନ୍ଦୋଳନରୁ ୬ଟି ବଡ଼ ଶିକ୍ଷା**

ଏଥିରୁ ୬ଟି ଶିକ୍ଷା ମିଳିଲା। ପ୍ରଥମଟି ହେଲା ଯେଉଁ ସାମାଜିକ ଗଣମାଧ୍ୟମକୁ ବ୍ୟର୍ଥ ବୋଲି କୁହାଯାଉଥିଲା, ତାହାହିଁ ସଂଗଠିତ ହେବାର ମୁଖ୍ୟ ହାତିଆର ପାଲଟିଲା। ଇନଷ୍ଟାଗ୍ରାମ୍ ଭିଡିଓ, ମିମ୍ ଏବଂ ୟୁଟ୍ୟୁବ୍ ପ୍ରସାରଣ ଜରିଆରେ କୌଣସି ରାଜନୈତିକ ଦଳ ଅପେକ୍ଷା ଅଧିକ ଦ୍ରୁତ ଗତିରେ ତଥ୍ୟ ପହଞ୍ଚିପାରିଲା। କୌଣସି ବଡ଼ ନେତା ନୁହଁନ୍ତି, ବରଂ ଭବିଷ୍ୟତକୁ ନେଇ ଚିନ୍ତିତ ସାଧାରଣ ଛାତ୍ରମାନେ ଏହାର ନେତୃତ୍ୱ ନେଇଥିଲେ। ଦ୍ୱିତୀୟଟି ହେଲା ।।ଯେ ଶିକ୍ଷା ହିଁ ମୁଖ୍ୟ ପ୍ରସଙ୍ଗ ବୋଲି ଜଣାପଡ଼ିଲା। ତୃତୀୟଟି ହେଲା ଜନମତକୁ ସର୍ବଦା ଅସ୍ୱୀକାର କରି ଶାସନ ଚାଲିପାରିବ ନାହିଁ। ଚତୁର୍ଥଟି ହେଲା ବ୍ୟକ୍ତିକେନ୍ଦ୍ରିକ ନୁହେଁ, ଗୋଷ୍ଠୀଗତ ନେତୃତ୍ୱ ମଧ୍ୟ ସଫଳ ହୋଇପାରେ। ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଆନଦୋଳନ ଦ୍ୱାରା ଦେଶର ଶାସକବର୍ଗଙ୍କୁ ଶୁଣିବାକୁ ବାଧ୍ୟ କରାଯାଇପାରିବ, ତାହା ଏହି ସଂଗ୍ରାମ ପ୍ରମାଣିତ କରିଛି। ମୁଖ୍ୟସ୍ରୋତର ଗଣମାଧ୍ୟମ ଏହି ବିଦ୍ରୋହକୁ ପ୍ରଥମେ ପ୍ରାଧାନ୍ୟ ଦେଇନଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ୍ ମାଧ୍ୟମ ଜରିଆରେ ଏହି ସ୍ୱର ଦେଶବ୍ୟାପୀ ପହଞ୍ଚିପାରିଲା। ଛୋଟ ଛୋଟ ଭିଡିଓ ସନ୍ଦେଶ ଦ୍ୱାରା ମଧ୍ୟ ଦେଶର ରାଜନୈତିକ ଚିନ୍ତାଧାରାକୁ ବଦଳାଯାଇପାରିବ, ତାହା ସ୍ପଷ୍ଟ ହୋଇଯାଇଛି।

# ୭୨ ଘଣ୍ଟାରେ ବଦଳିଗଲା ସମୀକରଣ

ନୂଆଦିଲ୍ଲୀ, ୨୬।୭(ଏଜେନ୍ସି): କେନ୍ଦ୍ରୀୟ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦେଶର ରାଜନୈତିକ ଓ ଶିକ୍ଷା କ୍ଷେତ୍ରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶ୍ନପତ୍ର ଲିକ୍ ପରେ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ ହେଁ କେନ୍ଦ୍ର ସରକାର ତାହାକୁ ଗ୍ରହଣ କରିବାକୁ ରାଜି ନ ଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କ ଇସ୍ତଫା ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ଏହାପରେ ଯନ୍ତରମନ୍ତର ସମେତ ଉତ୍ତରପ୍ରଦେଶ, ବିହାର, ପଞ୍ଜାବ ଓ ଅନ୍ୟରାଜ୍ୟରେ ଛାତ୍ର ଆନ୍ଦୋଳନ ପ୍ରତ୍ୟାହାର ହୋଇଛି।

ଜାତୀୟସ୍ତରର କିଛି ଗଣମାଧ୍ୟମ ରିପୋର୍ଟ ଅନୁସାରେ ୨୨ ତାରିଖ ରାତିରେ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ ନିଷ୍ପତ୍ତି ନିଆଯାଇଥିଲା। ସେହିଦିନ ରାତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦୁଇ କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା ଓ ଜିତେନ୍ଦ୍ର ସିଂହଙ୍କ ସହ ଆର୍‌ଏସ୍‌ଏସ୍ ସରକାର୍ଯ୍ୟବାହୀ ଦତ୍ତାତ୍ରେୟ ହସବୋଲେ, ସହ ସରକାର୍ଯ୍ୟବାହୀ ଅରୁଣ କୁମାର ଓ କୃଷ୍ଣ ଗୋପାଳଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ବିଜେପି କାର୍ଯ୍ୟାଳୟ ଓ ସଂଘ କାର୍ଯ୍ୟାଳୟ ପରିବର୍ତ୍ତେ ଅନ୍ୟତ୍ର ଅନୁଷ୍ଠିତ ଏହି ବୈଠକରେ ବିସ୍ତୃତ ଭାବରେ ଛାତ୍ର ଆନ୍ଦୋଳନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଗୋପନ ବୈଠକରେ ପ୍ରଧାନମନ୍ତ୍ରୀ ନିଜେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ପ୍ରସାରିତ କରିବେ ଓ ଦ୍ୱିତୀୟଟି ହେଉଛି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବେ ବୋଲି ନିଷ୍ପତ୍ତି ହୋଇଥିବା କୁହାଯାଉଛି। ତଦନୁସାରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ଇନ୍‌ଷ୍ଟ୍ରାଗ୍ରାମ ପୋଷ୍ଟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଭିଡ଼ିଓ ଅପଲୋଡ଼ କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ନଡ୍ଡା ଓ ଜିତେନ୍ଦ୍ର ସିଂହ ଆଲୋଚନା ପ୍ରସ୍ତାବକୁ ଗ୍ରହଣ କରି କନ୍‌ଷ୍ଟିଚ୍ୟୁସନ କ୍ଲବରେ ଦୁଇ ଛାତ୍ର ନେତାଙ୍କ ସହ ଆଲୋଚନା କରିଥିଲେ ବୋଲି କୁହାଯାଉଛି।

ଅନ୍ୟଏକ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ କକ୍ରୋଚ୍ ପାର୍ଟି ଆନ୍ଦୋଳନ ଆରମ୍ଭ ହେବାଦିନ ଠାରୁ

**ଦୁଇଥର ପ୍ରତ୍ୟାଖ୍ୟାନ ହୋଇଥିଲା ଧର୍ମେନ୍ଦ୍ରଙ୍କ ଇସ୍ତଫା**



ଧର୍ମେନ୍ଦ୍ର ଇସ୍ତଫା ଦେବାକୁ ଚାହିଁଥିଲେ। ମାତ୍ର ସରକାର ସମସ୍ୟାର ସମାଧାନ ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାକୁ ପ୍ରାଥମିକତା ଦେଇ ତାଙ୍କୁ ଦାୟିତ୍ୱରେ ରହିବାକୁ କହିଥିଲେ। ତେଣୁ ସରକାର ଶିକ୍ଷା ସଚିବଙ୍କୁ ବିଦା କରିବା ସହିତ ରାତାରାତି ଏନଟିଏର ୪୭ ଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କିନ୍ତୁ ଏହାର କକ୍ରୋଚ୍ ପାର୍ଟି ନେତାଙ୍କୁ ସନ୍ତୁଷ୍ଟ କରିପାରିନଥିଲା।

ସେମାନେ ଜଣାଇଦେଇଥିଲେ ଯେ ଧର୍ମେନ୍ଦ୍ର ଇସ୍ତଫା ନଦେଲେ ସେମାନେ ପ୍ରଧାନମନ୍ତ୍ରୀଙ୍କର ଇସ୍ତଫା ଦାବି କରିବେ। ଏଥିପାଇଁ ସେମାନେ ସରକାରଙ୍କୁ ୭୨ ଘଣ୍ଟାର ସମୟ ଦେବା ସହିତ ଚେତାବନୀ ଦେଇଥିଲେ ଯେ ଏହି ସମୟ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ସେମାନେ ପୁଣି 'ସଂସଦ ଚଲୋ' ଭଳି ବୃହତ୍ ପ୍ରତିବାଦ ଯାତ୍ରା ବାହାର କରିବେ। ଏହାକୁ ନେଇ ସରକାର ଅଡୁଆରେ ପଡ଼ିଯାଇଥିଲେ।

ଗୁଇନ୍ଦା ବିଭାଗ ମଧ୍ୟ ରିପୋର୍ଟ ଦେଇଥିଲା ଯେ ଜୁଲାଇ ୨୦ କାର୍ଯ୍ୟାନୁଷ୍ଠାନ ପରେ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇପଡ଼ିଛନ୍ତି। ଯନ୍ତର ମନ୍ତରରେ ଭିଡ଼ ବଢ଼ିବାରେ ଲାଗିଛି। ଏହାସହିତ ଦେଶସାରା ଆନ୍ଦୋଳନ ମଧ୍ୟ ବ୍ୟାପିବାରେ ଲାଗିଛି। ଏଭଳି ସ୍ଥଳରେ ଆନ୍ଦୋଳନକାରୀ ପୁଣି ସଂସଦ ଆଡ଼କୁ ଆସିଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ। ଗୁଇନ୍ଦା ରିପୋର୍ଟ ଏବଂ କକ୍ରୋଚ୍ ପାର୍ଟିର ଜିଦ୍ ଯୋଗୁଁ ଧର୍ମେନ୍ଦ୍ରଙ୍କ ଇସ୍ତଫା ଗ୍ରହଣ କରିବାକୁ ସ୍ଥିର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସୁପାରିସ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଧର୍ମେନ୍ଦ୍ରଙ୍କ ଇସ୍ତଫାପତ୍ର ଗ୍ରହଣ କରିଥିଲେ।

# ଏହା କେବଳ ଆରମ୍ଭ ମାତ୍ର: ଅଭିଜିତ୍



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରକାଶ ବିବାଦକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ଏବଂ ସରକାର ଅନ୍ୟ ଦାବିଗୁଡ଼ିକୁ ମାନିନେବା ପରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନିଜର ଆନ୍ଦୋଳନ ପ୍ରତ୍ୟାହୃତ କରିଛି। ଏହି ସଫଳତା ପରେ ପାର୍ଟିର ସଂସ୍ଥାପକ ତଥା ୩୦ ବର୍ଷୀୟ ଅଭିଜିତ୍ ଦୀପକେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ବାର୍ତ୍ତା ଜାରି କରି ସମସ୍ତ ସମର୍ଥକଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ 'କେବଳ ଆରମ୍ଭ' ବୋଲି ଆଖ୍ୟା ଦେଇଛନ୍ତି। ଆନ୍ଦୋଳନର ୩୭ ଦିନ ଅତ୍ୟନ୍ତ କଷ୍ଟକର ଥିଲା ବୋଲି ଦୀପକେ ପ୍ରକାଶ କରିଛନ୍ତି। ଦୀର୍ଘ ଦିନ ପରେ ଆଜି ସକାଳେ କୌଣସି ଚିନ୍ତା ନଥାଇ ଶାନ୍ତିରେ ଶୋଇ ଉଠିଥିବା କଥା ସେ କହିଛନ୍ତି। ଟାଇଫଏଡ୍‌ରେ ପୀଡ଼ିତ ଥିବା ସତ୍ତ୍ୱେ ଦୀପକେ ଯନ୍ତରମନ୍ତରରେ ଏକାଠି ହୋଇଥିବା ସମସ୍ତ ଯୁବପିଢ଼ି ଓ ଦେଶବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାସହ ସମାଲୋଚକଙ୍କୁ ଉତ୍ତର ଦେଇ ସେ କହିଛନ୍ତି ଯେ ସମାଲୋଚନା ହିଁ ସେମାନଙ୍କୁ ଭୁଲ ସୁଧାରିବାକୁ ଏବଂ ଆନ୍ଦୋଳନକୁ ସଫଳ କରିବାରେ ସାହାଯ୍ୟ କରିଛି। ଚଳିତ ବର୍ଷ ମେ' ମାସରେ ଏକ ବ୍ୟଙ୍ଗାତ୍ମକ ପ୍ରତିକ୍ରିୟାରୁ ଆରମ୍ଭ ହୋଇଥିବା ଏହି 'କକ୍ରୋଚ୍ ଜନତା ପାର୍ଟି' କମ୍ ସମୟ ମଧ୍ୟରେ ଦେଶର ଲକ୍ଷ ଲକ୍ଷ ଜେନ୍-ଜି (ଯୁବପିଢ଼ି)ଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିପାରିଥିଲା। ସରକାରଙ୍କ ପ୍ରତିଶ୍ରୁତି ପରେ ବିକ୍ଷୋଭ ଶେଷ ହୋଇଛି। ତେବେ ସିଜେପିର ଆଗାମୀ ଯାତ୍ରା ଏତିକିରେ ସରିନାହିଁ ଏବଂ ଆଗକୁ ଏହା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମୁଦ୍ଦା ତଥା ସମସ୍ୟା ଉପରେ କାର୍ଯ୍ୟ କରିବ ବୋଲି ଦୀପକେ ସ୍ପଷ୍ଟ କରିଛନ୍ତି।

# ନିଟ୍ ପ୍ରତିବାଦ ମାମଲାରେ ତେଜ ପ୍ରତାପ ଗିରଫ

ପାଟନା/କୋଲକାତା, ୨୬।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ଲିକ୍ ବିରୋଧୀ ପ୍ରତିବାଦରେ ସମ୍ପୃକ୍ତି

**ପ୍ରତିଶ୍ରୁତି ସତ୍ତ୍ୱେ ଗିରଫଦାରୀ, କୋଲକାତାରେ ଚଢ଼ଉ**



ଅଭିଯୋଗରେ ବିହାରର ପୂର୍ବତନ ମନ୍ତ୍ରୀ ଏବଂ ଜନଶକ୍ତି ଜନତା ଦଳ (ଜେଜେଡି) ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ ବଡ଼ ପୁଅ ତେଜ ପ୍ରତାପ ଯାଦବଙ୍କୁ ପୁଲିସ ଗିରଫ କରିଛି। ଜୁଲାଇ ୨୫ ସନ୍ଧ୍ୟାରେ ପାଟନାର ଏକ ମଲ୍‌ରୁ ତାଙ୍କୁ ଗିରଫ କରାଯାଇଥିଲା, ଯେତେବେଳେ ଏଫ୍ଆଇଆର୍ ପରଦିନ ରୁଜୁ ହୋଇଥିଲା। ପୁଲିସ ଅଭିଯୋଗ କରିଛି ଯେ, ତେଜ ପ୍ରତାପଙ୍କ କାର୍ଯ୍ୟକଳାପ ଯୋଗୁଁ ନିଟ୍ ପ୍ରତିବାଦ ଉଗ୍ର ହୋଇ ସରକାରୀ ସମ୍ପତ୍ତିର କ୍ଷତି ଘଟିଥିଲା। ତାଙ୍କୁ ରବିବାର ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହେପାଜତକୁ ପଠାଯାଇଛି। ଜନ ସୁରାଜ ପାର୍ଟିର ସଂସ୍ଥାପକ ପ୍ରଶାନ୍ତ କିଶୋର ଅଭିଯୋଗ କରିଛନ୍ତି ଯେ, ତାଙ୍କୁ ସମର୍ଥନ କରିଥିବାରୁ ତେଜ ପ୍ରତାପଙ୍କୁ ଗିରଫ କରାଯାଇଛି। ସେପଟେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ପଶ୍ଚିମବଙ୍ଗରେ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରି ରଖିଛି ଓ ୧୪ ଜଣଙ୍କୁ ଗିରଫ କରିଛି।

# ୧୩ ଦିନ ପରେ ଆକ୍ରମଣ ସ୍ଥଗିତ ରଖିଲେ ଟ୍ରମ୍ପ



ନୂଆଦିଲ୍ଲୀ,୨୬।୭(ଏଜେନ୍ସି): ଇରାନ ଉପରେ କ୍ରମାଗତ ୧୩ ଦିନ ଧରି ଚାଲିଥିବା ସାମରିକ ଆକ୍ରମଣକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମୟିକ ଭାବେ ସ୍ଥଗିତ ରଖିଛନ୍ତି। କୂଟନୈତିକ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପେଣ୍ଟାଗନ୍‌ରେ ମିସାଇଲ୍ ସଂରକ୍ଷଣ ହ୍ରାସ ପାଇବା ଏହି ନିଷ୍ପତ୍ତିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଟ୍ରମ୍ପଙ୍କ ଅନୁସାରେ, ସାମରିକ ଆକ୍ରମଣର ସୀମା ପହଞ୍ଚିସାରିଛି ଏବଂ ଏବେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବା ଆମେରିକାର ମୁଖ୍ୟ ଲକ୍ଷ୍ୟ। ମଧ୍ୟପ୍ରାଚ୍ୟରେ ମୁତୟନ ଆମେରିକୀୟ ସେନା ପାଖରେ 'ପାଟ୍ରିଓଟ୍' ଆକାଶ ପ୍ରତିରକ୍ଷା ମିସାଇଲ୍‌ର ଅଭାବ ଦେଖାଦେଇଛି। ନିକଟରେ ୧,୨୦୦ରୁ ଅଧିକ ମିସାଇଲ୍ ବ୍ୟବହାର ହୋଇସାରିଥିବାରୁ ଅଧିକ ଆକ୍ରମଣ କଲେ ଯୁଦ୍ଧାସ୍ତ୍ରର ଘୋର ଅଭାବ ହେବ ବୋଲି ପେଣ୍ଟାଗନ୍ ଅଧିକାରୀମାନେ ଚେତାବନୀ ଦେଇଥିଲେ। ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ସାମରିକ ନେତାମାନେ ଯୁଦ୍ଧକୁ ବ୍ୟାପକ ନକରିବା ପାଇଁ ଟ୍ରମ୍ପଙ୍କୁ ପରାମର୍ଶ ଦେଇଥିଲେ। ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଓମାନର ଏକ ପ୍ରତିନିଧି ଦଳ ତେହରାନ୍‌ରେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ଯଦିଓ ବର୍ତ୍ତମାନ ପାଇଁ ଆକ୍ରମଣ ସ୍ଥଗିତ ରହିଛି, ତଥାପି ଆମେରିକା ନିଜର ସାମରିକ ବିକଳ୍ପ ସମ୍ପୂର୍ଣ୍ଣ ବନ୍ଦ କରିନାହିଁ। କୂଟନୈତିକ ଆଲୋଚନା ବିଫଳ ହେଲେ ଆମେରିକା ପୁନର୍ବାର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିଛି।

**ସରିଗଲା କ୍ଷେପଣାସ୍ତ୍ର ?**

# ଚୀନରେ ବାତ୍ୟା 'ନୋଉଲ୍' ତାଣ୍ଡବ

ବେଜିଂ,୨୬।୭(ଏଜେନ୍ସି): ଚୀନର ଦକ୍ଷିଣ ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ରବିବାର ଟାଇଫୁନ୍ ତଥା ବାତ୍ୟା 'ନୋଉଲ୍' ସ୍ଥଳଭାଗ ଛୁଇଁବା ପରେ ପ୍ରବଳ ବର୍ଷା ଓ ଝଡ଼ ପବନ ଯୋଗୁଁ ବ୍ୟାପକ କ୍ଷୟକ୍ଷତି



**ଆକସ୍ମିକ ବନ୍ୟାରେ ୧୦ ମୃତ, ଶହ ଶହ ବିମାନ, ଟ୍ରେନ୍ ବାତିଲ୍**

ଘଟିଛି। ଗାନସୁ ପ୍ରଦେଶରେ ଆକସ୍ମିକ ବନ୍ୟାରେ ଅତିକମରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଦକ୍ଷିଣ ଚୀନରେ ପରିବହନ ବ୍ୟବସ୍ଥା ବ୍ୟାହତ ହୋଇଛି। ହୁଇଝୋଉ ସହର ନିକଟରେ ଘଣ୍ଟାପ୍ରତି ୧୬୨ କିଲୋମିଟର ବେଗର ପବନ ସହ ଟାଇଫୁନ୍ ସ୍ଥଳଭାଗ ଅତିକ୍ରମ କରିଥିଲା। ଏହା ପରେ ୪୧୦ରୁ ଅଧିକ ବିମାନ ଓ ୧୫୦ଟି ହାଇସ୍ପିଡ୍ ଟ୍ରେନ୍ ସେବା ବାତିଲ୍ କରାଯାଇଥିଲା। ହଂକଂରେ ୨୮ଟି ଅସ୍ଥାୟୀ ଆଶ୍ରୟକେନ୍ଦ୍ର ଖୋଲାଯାଇଛି। ଚୀନ ସରକାର ଗୁଆଙ୍ଗଡୋଙ୍ଗରେ ଲେଭେଲ-୪ ଜାତୀୟ ବିପର୍ଯ୍ୟୟ ରିଲିଫ୍ ବ୍ୟବସ୍ଥା ଲାଗୁ କରିଥିବାବେଳେ ଫୁଜିଆନ୍, ଜିଆଙ୍ଗସି, ହେନାନ୍, ହୁବେଇ, ହୁନାନ୍ ଓ ଗୁଆଙ୍ଗସି ପ୍ରଦେଶରେ ମଧ୍ୟ ଜରୁରୀ ପଦକ୍ଷେପ ଗ୍ରହଣ କରାଯାଇଛି।

# ଶତ୍ରୁ ଷଡ଼ଯନ୍ତ୍ରର ଜବାବ ଦେବାକୁ ଭାରତୀୟ ସେନା ପ୍ରସ୍ତୁତ

ଦ୍ରାସ,୨୬।୭(ଏଜେନ୍ସି):

କାର୍ଗିଲ ବିଜୟ ଦିବସର ୨୭ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଶନିବାର ଲଦାଖର ଦ୍ରାସସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକରେ ପୁଷ୍ପମାଲ୍ୟ ଅର୍ପଣ କରି ବୀର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। 'ଶୌର୍ଯ୍ୟ ସନ୍ଧ୍ୟା' କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଭାରତ ବିରୋଧରେ ଅନୁପ୍ରବେଶ ଓ ପ୍ରକ୍ସି ଯୁଦ୍ଧର ଷଡ଼ଯନ୍ତ୍ର ଏବେ ବି ଜାରି ରହିଛି, କିନ୍ତୁ ଦେଶର ସଶସ୍ତ୍ର ବାହିନୀ ପ୍ରତ୍ୟେକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ରାଜନାଥ ସିଂହ କହିଛନ୍ତି, ସରକାର ସଶସ୍ତ୍ର ବାହିନୀର ଆଧୁନିକୀକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ପ୍ରଶିକ୍ଷଣ ଓ ନବସୃଜନ ମାଧ୍ୟମରେ ଭାରତୀୟ ସେନାକୁ ବିଶ୍ୱର ସର୍ବଶ୍ରେଷ୍ଠ ସେନାରେ ପରିଣତ କରିବା ଲକ୍ଷ୍ୟ ରହିଛି। ସେ କହିଛନ୍ତି, 'ଭାରତ ନବସୃଜନର ନୂଆ ନୂଆ ପଥ ଖୋଜୁଛି। ଯଦି କୌଣସି ଶତ୍ରୁ ଭାରତର ସୁରକ୍ଷାକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରେ, ତାହାର ଉଚିତ୍ ଜବାବ ଦେବା ପାଇଁ ଆମର ସଶସ୍ତ୍ର ବାହିନୀ ସର୍ବଦା ପ୍ରସ୍ତୁତ।' ପ୍ରତିରକ୍ଷାମନ୍ତ୍ରୀ ସେନାରୁ 'ବଡ଼ା ଖାନା' ପରମ୍ପରାର ପ୍ରଶଂସା କରି କହିଛନ୍ତି, ଏହା ଅଧିକାରୀ



ଓ ଯବାନଙ୍କ ମଧ୍ୟରେ ଏକତା ଓ ଦଳଗତ ଭାବନାକୁ ମଜବୁତ କରେ। ସେ ଦ୍ରାସରେ ଯବାନମାନଙ୍କ ସହ ଭୋଜନ ମଧ୍ୟ କରିଥିଲେ।

# ରଡ୍ କାରଖାନାରେ ବିସ୍ଫୋରଣ; ୪ ଶ୍ରମିକ ମୃତ

ସିଲଚର,୨୬।୭(ଏଜେନ୍ସି): ଆସାମର କାଛାର ଜିଲ୍ଲାର ଏକ ରଡ୍ ନିର୍ମାଣ କାରଖାନାରେ ରବିବାର ଘଟିଥିବା ଭୟଙ୍କର ବିସ୍ଫୋରଣରେ ଅତିକମରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଶ୍ରମିକ ଆହତ ହୋଇଛନ୍ତି। ଉଧାରବନ୍ଦ ଥାନା ଅନ୍ତର୍ଗତ ପାଙ୍ଗ୍ରାମ ସ୍ଥିତ କେଡେ ଗ୍ଲୋବାଲ୍ ଇନଫ୍ରାଷ୍ଟ୍ରକଚର୍ ଏଲଏଲପି କାରଖାନାରେ ପୂର୍ବାହ୍ନ ପ୍ରାୟ ୧୧.୩୦ଟାରେ ଏହି ବିସ୍ଫୋରଣ ଘଟିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ିନାହିଁ। ଘଟଣା ପରେ ପୁଲିସ, ଉଦ୍ଧାରକାରୀ ଦଳ ଓ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଥିଲେ। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି। କାରଖାନା ଭିତରେ ଆହୁରି ଶ୍ରମିକ ଥିବା ଆଶଙ୍କା କରାଯାଉଥିବାରୁ ମୃତକଙ୍କ ସଂଖ୍ୟା ବଢ଼ିପାରେ ବୋଲି ଅଧିକାରୀମାନେ କହିଛନ୍ତି।



## ପ୍ରଶାସନିକ ବିଳମ୍ବର କରୁଣ ପରିଣତି

# ଭତ୍ତା ପାଇବାର ଦିନକ ଆଗରୁ ଆଖି ବୁଜିଲେ ଦିବ୍ୟାଙ୍ଗ ଶିଶୁ

ଥୁଆମୂଳ ରାମପୁର,୨୬।୭(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ଅଧୀନ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ଗ୍ରାମର ଏକ ଘଟଣା ଏବେ ପ୍ରଶାସନିକ ଅବ୍ୟବସ୍ଥାକୁ ପଦାରେ ପକାଇଛି। ଉକ୍ତ ଗ୍ରାମର ଜନ୍ମରୁ ଭିନ୍ନକ୍ଷମ ଥିବା ସୁନୀଲ(୭)ଙ୍କୁ ପ୍ରାୟ ଦୁଇବର୍ଷ ପୂର୍ବରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଥିଲା। ନିୟମ ଅନୁଯାୟୀ ସେ ସାମାଜିକ ସୁରକ୍ଷା ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ବାରମ୍ବାର ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟ ଦୌଡ଼ିବା ପରେ ମଧ୍ୟ ତାଙ୍କୁ ଭତ୍ତା ମିଳି ନ ଥିଲା। ଏହି ଘଟଣାକୁ ନେଇ ଗତ ମେ'୨୫ରେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜୁଲାଇ ୨ ତାରିଖରେ ପ୍ରଶାସନ ପକ୍ଷରୁ ସୁନୀଲଙ୍କ ଭତ୍ତା ମଞ୍ଜୁର କରାଯାଇଥିଲା। କିନ୍ତୁ ଦୁଃଖର ବିଷୟ, ସରକାରୀ ସହାୟତା ହାତକୁ ଆସିବା ପୂର୍ବରୁ ୩ ତାରିଖରେ ସୁନୀଲଙ୍କ ମୃତ୍ୟୁ ଘଟିଛି। ଫଳରେ ଜଣେ ଯୋଗ୍ୟ ହିତାଧିକାରୀ ଜୀବନ୍ତ ଅବସ୍ଥାରେ ସରକାରୀ ସହାୟତାର ସୁଫଳ ପାଇପାରିଲେ ନାହିଁ। ସୁନୀଲଙ୍କ ବାପା ଉଦେ ମାଝୀ ଜଣେ ଅତି ଗରିବ ଆଦିବାସୀ ପରିବାରର ହୋଇଥିବାରୁ ପୁଅର ଚିକିତ୍ସା ଓ ଦେଖାଶୁଣା କରିବାରେ ଅନେକ କଷ୍ଟ ସହିଥିଲେ। ଯଦି ସମୟରେ ଭତ୍ତା ମିଳିଥାନ୍ତା, ପରିବାରକୁ କିଛି ଆର୍ଥିକ ସହାୟତା ମିଳିପାରିଥାନ୍ତା ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଏହି ଘଟଣା ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରିତାରେ ହେଉଥିବା ବିଳମ୍ବ ଓ ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ଦୁର୍ଗମ ଅଞ୍ଚଳର ଅନେକ ଯୋଗ୍ୟ ଭିନ୍ନକ୍ଷମ, ବୃଦ୍ଧ ଓ ଅସହାୟ ହିତାଧିକାରୀ ବର୍ଷ ବର୍ଷ ଧରି ଭତ୍ତା ପାଇଁ ଅପେକ୍ଷା କରୁଥିବା ବେଳେ, କେତେକ କ୍ଷେତ୍ରରେ ସହାୟତା ମିଳିବା ପୂର୍ବରୁ ସେମାନଙ୍କ ଜୀବନ ଦୀପ ଲିଭିଯାଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ପ୍ରଶାସନକୁ ଏପରି ଘଟଣାରୁ ଶିକ୍ଷା ନେଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ଆବେଦନର ତୁରନ୍ତ ଯାଞ୍ଚ କରି ସମୟମଧ୍ୟରେ ଭତ୍ତା ପ୍ରଦାନ କରିବା ସହ ଦୁର୍ଗମ ଅଞ୍ଚଳରେ ସାମାଜିକ ସୁରକ୍ଷା ଯୋଜନାର କାର୍ଯ୍ୟକାରିତାକୁ ଅଧିକ ସକ୍ରିୟ କରିବାକୁ ଦାବି କରିଛନ୍ତି। ସୁନୀଲଙ୍କ ମୃତ୍ୟୁ କେବଳ ଗୋଟିଏ ପରିବାରର ଦୁଃଖ ନୁହେଁ, ବରଂ ପ୍ରଶାସନିକ ବିଳମ୍ବର ଏକ କଠୋର ବାସ୍ତବତାକୁ ସାମ୍ନାକୁ ଆଣିଛି।

# ୭ ଦିନରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେଲେ ଓଡ଼ିଶା ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟକୁ ପୁଣି ଫେରିଛି ପୁସ୍ତକ ତ୍ରୁଟି ପ୍ରସଙ୍ଗ। ଜେନ-ଜି ଆନ୍ଦୋଳନ ଯୋଗୁଁ କିଛି ଦିନ ହେବ ଏହି ଚର୍ଚ୍ଚିତ ପ୍ରସଙ୍ଗ ଥମିଯାଇଥିବା ବେଳେ ପୁଣି ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବାକୁ ବିରୋଧୀ ଉଦ୍ୟମ ଆରମ୍ଭ କରିଛନ୍ତି। ଏମିତି କି ୭ ଦିନ ମଧ୍ୟରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେଲେ ରାସ୍ତାକୁ ଓହ୍ଲାଇବା ପାଇଁ କଂଗ୍ରେସ ଧମକ ଦେଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ବନ୍ଦ ଡାକରା ଦିଆଯିବା ସହ ରାଜରାସ୍ତାରେ ଜୋରଦାର ଲଢ଼େଇ ହେବ ବୋଲି ଦଳ କହିଛି।

## ରାସ୍ତାକୁ ଓହ୍ଲାଇବ କଂଗ୍ରେସ, ଜୋରଦାର ହେବ ଆନ୍ଦୋଳନ

ନିଟ୍ ପେପର ଲିକ୍ ଓ ଏହାକୁ ନେଇ ଆନ୍ଦୋଳନ ପରେ ରବିବାର କେନ୍ଦ୍ରଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଏହାପରେ ନୂଆ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ପ୍ରହ୍ଲାଦ ଯୋଶୀ ନେଇଛନ୍ତି । ପୂର୍ବ କେନ୍ଦ୍ରମନ୍ତ୍ରୀଙ୍କ ଇସ୍ତଫା ପରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଜୋର୍ ଧରିଛି। ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ରାଜ୍ୟରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ଦେବା ଉଚିତ। ରାଜ୍ୟରେ ମଧ୍ୟ ଜେନ-ଜୀ ଆନ୍ଦୋଳନ ଆରମ୍ଭ ହେଲେ ଆନ୍ଦୋଳନର ସବୁ ଖର୍ଚ୍ଚ କଂଗ୍ରେସ ବହନ କରିବ । ଜେନ୍-ଜୀ ଆନ୍ଦୋଳନ ପରେ ବିଜେପିର କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି ଏବଂ ସରକାରର ପତନ ଏବେ ସୁନିଶ୍ଚିତ। ବିଜେପି ସରକାର ଗରିବଙ୍କ ପାଇଁ ଥିବା ଯୋଜନାକୁ ବନ୍ଦ କରିଦେଇଛି ଏବଂ ଯୁବ ସମାଜକୁ ଅଣଦେଖା କରିଛି। ଯୁବକମାନେ ଆଜି ନିଜ ହକ୍ ପାଇଁ ସ୍ୱର ଉତ୍ତୋଳନ କରୁଛନ୍ତି। ପିଲାମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ଶିକ୍ଷା ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ନେଇ ସାରା ଦେଶରେ ବିଜେପି ବିରୋଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରି ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ଉଚିତ ବୋଲି ଭକ୍ତ ଦାସ କହିଛନ୍ତି। ସେ ସରକାରଙ୍କୁ ଏକ ସପ୍ତାହର ସମୟ ଦେଇ କହିଛନ୍ତି ଯେ, ଯଦି ଆଗାମୀ ୭ ଦିନ ଭିତରେ ଗଣଶିକ୍ଷା ମନ୍ତ୍ରୀ ଇସ୍ତଫା ନଦିଅନ୍ତି, ତେବେ ଆଗାମୀ ଦିନରେ ଓଡ଼ିଶା ବନ୍ଦ କରାଯିବ ବୋଲି ସେ କହିଛନ୍ତି।

**ବିଇଡି କଲେଜରେ ନିଯୁକ୍ତି ଦୁର୍ନୀତି**

# ଯୋଗ୍ୟ ହେବାକୁ ୧୬୦ ଅଧ୍ୟାପକଙ୍କ ଆବେଦନ

ଭୁବନେଶ୍ୱର, ୨୬।୭(ସମିସ): ଏମ୍‌ଇଡି ଯୋଗ୍ୟତା ନ ଥାଇ ବିଇଡି କଲେଜରେ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଉଚ୍ଚଶିକ୍ଷା ବିଭାଗ ପାଖରେ ପହଞ୍ଚିଛି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍‌ଇଡି କରିବାକୁ ବିଭାଗ ପାଖରେ ଇଚ୍ଛାପତ୍ର ଦାଖଲ କରିଛନ୍ତି। ସମସ୍ତ ଅଯୋଗ୍ୟ ଅଧ୍ୟାପକଙ୍କୁ ଏମ୍‌ଇଡି ପଢ଼ାଇବାକୁ ଯୋଜନା ହୋଇଥିବାବେଳେ ରାଜ୍ୟର ଏକାଧିକ ବିଇଡି କଲେଜର ମାନ୍ୟତା ରଦ୍ଦ ହେବାର ଆଶଙ୍କା ଦୃଢ଼ୀଭୂତ ହୋଇଛି।

- ବଲାଙ୍ଗିରରୁ ସର୍ବାଧିକ ୧୧, ବ୍ରହ୍ମପୁରରେ ୪ ଓ କୋରାପୁଟ୍‌ରେ ୫
- ଚିଠି ପ୍ରଘଟ ଆଶଙ୍କା; ହ୍ୱାଟସ୍‌ଆପ୍‌ରେ ନିର୍ଦ୍ଦେଶ ଦେଉଛନ୍ତି ଅଧିକାରୀ
- ଇଚ୍ଛାପତ୍ର ମାଗିବା ଉଚ୍ଚଶିକ୍ଷା ବିଭାଗ ପାଇଁ ହୋଇପାରେ ଆତ୍ମଘାତୀ


ଉଚ୍ଚଶିକ୍ଷା ବିଭାଗ ଗତ ୨୧ ତାରିଖରେ ଏମ୍‌ଇଡି କରି ନଥିବା ଅଧ୍ୟାପକଙ୍କ ତାଲିକା ମାଗିବା ସହ ୨୪ ତାରିଖ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତଦନୁଯାୟୀ ବଲାଙ୍ଗିର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ୧୧ ଜଣ ଅଧ୍ୟାପକଙ୍କ ସମ୍ମତି ପତ୍ର ଦାଖଲ କରାଯାଇଛି। ସେହିପରି ବ୍ରହ୍ମପୁରସ୍ଥିତ ଦିବାକର ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଇନ୍ ଆଡଭାନସଡ୍ ଏଜୁକେସନ୍ କଲେଜର ୪ ଜଣ, କୋରାପୁଟ୍‌ସ୍ଥିତ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୫ ଜଣ ମଧ୍ୟ ଏମ୍‌ଇଡି କରିବାକୁ ନିଜର ଇଚ୍ଛାପତ୍ର ଅଧ୍ୟକ୍ଷଙ୍କ ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ପ୍ରଦାନ କରିଛନ୍ତି। ପ୍ରାୟ ୧୬୦ରୁ ଅଧିକ ଅଧ୍ୟାପକ ଏମ୍‌ଇଡି କରିବାକୁ ଇଚ୍ଛାପତ୍ର ଦାଖଲ କରିଥିବାରୁ ଏହି ସମସ୍ତ ଅଧ୍ୟାପକ ଅଯୋଗ୍ୟ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଶିକ୍ଷକ ନିଯୁକ୍ତି ଦୁର୍ନୀତିକୁ ଘୋଡ଼ାଇବା ପାଇଁ ଅଧିକାରୀମାନେ ଆଉ ଏକ ସରଳ ଉପାୟ ବାହାର କରିଛନ୍ତି। ଆଉ ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସ୍‌ଆପ୍ ମାଧ୍ୟମରେ ନିର୍ଦ୍ଦେଶ ଦେଉଛନ୍ତି। ଶିକ୍ଷକ ଶିକ୍ଷା ବିଭାଗରେ ଥିବା ଜଣେ ଅଧିକାରୀ ଏ ସଂକ୍ରାନ୍ତ ସମସ୍ତ ଚିଠି ଓ ଦ୍ୱନ୍ଦର ସ୍ପଷ୍ଟିକରଣ ହ୍ୱାଟସ୍‌ଆପ୍ ମାଧ୍ୟମରେ ରଖୁଛନ୍ତି। ଏପରିକି କୌଣସି ତଥ୍ୟ ଓ ନିର୍ଦ୍ଦେଶ ଯେପରି ବାହାରକୁ ନ ଯାଏ, ସେଥିପାଇଁ ତାଗିଦ କରୁଥିବା ମଧ୍ୟ ଅଭିଯୋଗ ହୋଇଛି। ଏତେ ପରିମାଣର ଅଧ୍ୟାପକ ଏମ୍‌ଇଡି କରିବାକୁ ଯିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଶିକ୍ଷକ ସଙ୍କଟ ହେବ। ସେହି ଅନୁସାରେ ଏନ୍‌ସିଟିଇ ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର କରିବାର ଆଶଙ୍କା ସୃଷ୍ଟି ହୋଇଛି।

ଅପରପକ୍ଷରେ ଏମ୍‌ଇଡି କରିବା ପାଇଁ ଅଧ୍ୟାପକଙ୍କ ଇଚ୍ଛାପତ୍ର ମାଗିବାକୁ ଉଚ୍ଚଶିକ୍ଷା ବିଭାଗର ଆତ୍ମଘାତୀ ପଦକ୍ଷେପ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ଏନ୍‌ସିଟିଇ ରିପୋର୍ଟ ମାଗିଥିବାବେଳେ ଏବେ ସରକାର ଆଉ ଲୁଚାଇ ପାରିବେ ନାହିଁ। ବରଂ ଏମ୍‌ଇଡି କରି ନ ଥିବା ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ସରକାର ନ ଦେଲେ ଅଧିକ ଅଡୁଆରେ ଛନ୍ଦି ହେବେ। ପୂର୍ବରୁ କିପରି ଅଯୋଗ୍ୟ ଅଧ୍ୟାପକଙ୍କ ତାଲିକା ଦେଇ ସ୍ୱୀକୃତି ହାତେଇଥିଲେ, ତାକୁ ନେଇ ଏନ୍‌ସିଟିଇ ଅଧିକ କଠୋର ହେବା ସହ ରାଜ୍ୟ ସରକାର ଓ ଉଚ୍ଚଶିକ୍ଷା ବିଭାଗ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି।

# ଆଜିଠୁ +୩ ପାଠପଢ଼ା ଆରମ୍ଭ

ଭୁବନେଶ୍ୱର, ୨୬।୭(ସମିସ): ଆସନ୍ତାକାଲି ଅର୍ଥାତ୍ ସୋମବାର ଠାରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ମହାବିଦ୍ୟାଳୟରେ +୩ ପାଠପଢ଼ା ଆରମ୍ଭ ହେବ। ନାମଲେଖା ପ୍ରକ୍ରିୟା ସରି ନ ଥିବାବେଳେ ପ୍ରଥମ ଦୁଇଟି ରାଉଣ୍ଡରେ ନାମଲେଖାଇ ସାରିଥିବା ପିଲାମାନେ ପ୍ରଥମ ଦିନରୁ ନିୟମିତ ଶ୍ରେଣୀରେ ଯୋଗଦେବେ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନରୁ ଉପସ୍ଥାନ ଓ ପାଠପଢ଼ାକୁ ଗୁରୁତ୍ୱ ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ସମୁଦାୟ ୧୦୫୫ଟି କଲେଜରେ ପ୍ରାୟ ୨ ଲକ୍ଷ ୮୭ ହଜାର ସିଟ୍ ଥିବାବେଳେ ୨ ଲକ୍ଷ ୩୭ ହଜାର ୨ଶହ ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଆସନ୍ତା ୨୯ ତାରିଖରେ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ।



# ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ୨ ଫୁଟର ପାଣି

ନିମାପଡ଼ା,୨୬।୭(ସମିସ)

ଲଘୁଚାପ ଜନିତ ଲଗାଣ ବର୍ଷାରେ ନିମାପଡ଼ା ବଜାରରେ ଠିଆ ହୋଇଛି ୨ ଫୁଟ ଉଚ୍ଚର ବର୍ଷାଜଳ। ନିମାପଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟରେ ଠିକାଦାର ଖାଲୁଆ ଜାଗାରେ ଉଚ୍ଚା ନ କରି ସ୍ଲାବ୍ ପକାଇ ଦେଇଥିବାରୁ ଦୁଇ ଫୁଟରୁ ଊର୍ଦ୍ଧ୍ୱ ବର୍ଷା ଜଳ ପ୍ରବାହିତ ହେଉଥିବା ବେଳେ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। କେତେକ ବ୍ୟକ୍ତି ରାସ୍ତା ଉପରେ ଜାଲ ପକାଇ ମାଛ ଧରୁଥିବା ଦେଖିବାକୁ ମିଳିଛି। ଏପରିକି ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ କୋଲୋନୀରେ ଲୋକଙ୍କ ଘରେ ପାଣି ପଶିଛି। ଯାହାକି କୃତ୍ରିମ ବନ୍ୟା ସ୍ଥିତି ସୃଷ୍ଟି କରିଛି। ହୋଇଥିବା ବେଳେ ଏହାର ପ୍ରତିକାର ହୋଇପାରୁ ନାହିଁ। ଦୀର୍ଘଦିନ ହେବ ଡ୍ରେନେଜ୍ କାର୍ଯ୍ୟ ଚାଲୁଥିବା ବେଳେ । ନିମାପଡ଼ା ପୁରୁଣା ବସଷ୍ଟାଣ୍ଡ ନିକଟରେ ଦୁଇ ଫୁଟର ବର୍ଷା ଜଳ ରାସ୍ତା ଉପରେ ଜମି ରହିବା ଦ୍ୱାରା ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ନିମାପଡ଼ା ଥାନା ସମ୍ମୁଖ ଗୋଧନ ବାଛୁଡ଼ା ପଡ଼ିଆରେ ପାଣି ଲହଡ଼ି ମାରୁଥିବା ବେଳେ ନିକଟରେ ଥିବା ମନ୍ଦିରକୁ ପାଣି ଉଠି ସାରିଛି। ପାଟପୁର କାଳୀ ଘର ଠାରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବୁଡ଼ି ରହିଛି। ବୁଲୁ ଛକ, ଡେଲଙ୍ଗା ଛକ ଆଦି ଅଞ୍ଚଳରେ ବର୍ଷା ପାଣିର ବିପାଟ ଦେଖା ଦେଇଛି। ଅନେକ କୋଲୋନୀକୁ

**ଜାଲ ପକାଇ ମାଛ ଧରିଲେ ଲୋକେ**

ବର୍ଷା ପାଣି ପଶି ଯିବା ଦ୍ୱାରା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାଲିପାଟଣା-ନିମାପଡ଼ା ମୁଖ୍ୟ ରାସ୍ତା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟରେ ବର୍ଷା ପାଣି ରାସ୍ତାରେ ଲହଡ଼ି ମାରୁଛି। ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବର୍ଷା ପାଣି ଜମି ରହିବା ଦ୍ୱାରା ରୋଗୀଙ୍କୁ ଆଣି ଆସୁଥିବା ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା କଲେଜ ରାସ୍ତାରେ ତିନି ଫୁଟର ବର୍ଷା ଜଳ ପ୍ରବାହିତ ହେଉଛି। ଦୀର୍ଘଦିନ ହେବ ଏହାର ପ୍ରତିକାର ପାଇଁ ଦାବି ହେଉଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଜଳ ନିଷ୍କାସନର ପଥ ବାହାରି ପାରୁ ନାହିଁ। ଯାହାକୁ ନେଇ ପରିଷଦ ଅଞ୍ଚଳର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତା ବୁଡ଼ିବା ସଙ୍କଟକୁ ଦ୍ୱିଗୁଣିତ କରିଛି। ପର୍ଯ୍ୟଟକମାନେ ଏହି ପାଣିକୁ ଦେଖି ଯାତାୟାତ କରିବାକୁ ଭୟ କରୁଛନ୍ତି। ପୁରୀ ଶ୍ରୀଜଗନ୍ନାଥଙ୍କର ଅଧର ପଣା, ନୀଳାଦ୍ରି ବିଜେ ଥିବାରୁ ନିମାପଡ଼ା ରାସ୍ତା ଦେଇ ଅନେକ ପର୍ଯ୍ୟଟକ ଗାଡ଼ି ଯାତାୟାତ କରୁଛି। ମାତ୍ର ରାସ୍ତାରେ ପାଣି ଜମିଥିବାରୁ ଯାତାୟାତରେ ଅନେକ ସମସ୍ୟା ସୃଷ୍ଟି ହୋଇଛି। ଏହି ସମସ୍ୟାର କେବେ ସ୍ଥାୟୀ ପ୍ରତିକାର ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ କରୁଥିବାବେଳେ ଏଥିପ୍ରତି ବିଭାଗ ଉଦାସୀନ ଥିବା ଅଭିଯୋଗ ହେଉଛି।



# ସର୍ପାଘାତରେ ବୃଦ୍ଧାଙ୍କ ମୃତ୍ୟୁ

ନିମାପଡ଼ା,୨୬।୭(ସମିସ): ସର୍ପାଘାତରେ ଗୁରୁତର ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଶଗଡ଼ା ଗ୍ରାମର ସୁଲୋଚନା ସାହୁ (୬୬)। ସାପ କାମୁଡ଼ିବା ପରେ ଶନିବାର ଗୁରୁତର ଅବସ୍ଥାରେ ତାଙ୍କୁ ନିମାପଡ଼ା ସାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ଡାକ୍ତର ପ୍ରାଥମିକ ଚିକିତ୍ସା କରିଥିବା ବେଳେ ଆହତଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ଶବ ଜବତ କରିବା ସହ ୧୪/୨୭ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# କଣାସରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ୨୭ରେ

କଣାସ,୨୬।୭(ସମିସ): କଣାସ ପଞ୍ଚାୟତ ସମିତି ସଭାଗୃହରେ ଆସନ୍ତା ୨୭ତାରିଖ ସୋମବାର ଦିନ ୧୦ଟା ଠାରୁ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ଜିଲ୍ଲାର ସମସ୍ତ ବିଭାଗର ମୁଖ୍ୟ ଅଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କଣାସ ବ୍ଲକର ୨୮ ଗ୍ରାମ ପଞ୍ଚାୟତର ଯେଉଁ ଜନସାଧାରଣଙ୍କର ଯଦି କିଛି ଅଭିଯୋଗ ଥାଏ ସେମାନେ ଉପସ୍ଥିତ ହୋଇ ଅଭିଯୋଗ ଦାଖଲ କାରିବାକୁ ବିଡିଓ ସୌମ୍ୟ ରଞ୍ଜନ ସ୍ୱାଇଁ ଅନୁରୋଧ କରିଛନ୍ତି।

# 'ଫନି'ରେ ଉଜୁଡ଼ା ଜଙ୍ଗଲରେ ବୃକ୍ଷରୋପଣ ପାଇଁ ଗ୍ରାମବାସୀଙ୍କ ଦାବି



କଣାସ,୨୬।୭(ସମିସ): କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ୨୦ ଏକରରୁ ଊର୍ଦ୍ଧ୍ୱ କଣ୍ଟିତୋଟା ଏବଂ ୧୦ଏକରରୁ ଊର୍ଦ୍ଧ୍ୱ ଗାଁ ମୁଣ୍ଡ ତୋଟା ୨୦୧୯ ମସିହା ସାମୁଦ୍ରିକ ଝଡ଼ ଫନିରେ ଉଜୁଡ଼ିଯାଇଥିବାବେଳେ ଏହାକୁ ପୁନରୁଦ୍ଧାର କରିବାକୁ ବୃକ୍ଷରୋପଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଫନିରେ ବଡ଼ ବଡ଼ ପୁରାତନ ଗଛ ଉପୁଡ଼ି ପଦା ହୋଇ ଯାଇଛି। ବନ ବିଭାଗ ପକ୍ଷରୁ ବୃକ୍ଷ ଚାରା ରୋପଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଏହି ଦୁଇ ତୋଟା ୩୦ଏକରରୁ ଊର୍ଦ୍ଧ୍ୱ ଜାଗାରେ ଗଛ ଲଗାଇବା ପାଇଁ ଗ୍ରାମବାସୀ ଏହି ଦାବି କରିଛନ୍ତି। ବନ ବିଭାଗ ପକ୍ଷରୁ ଗଛ ଲଗାଯିବା ପରେ ଗ୍ରାମବାସୀ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ ବୋଲି ଗ୍ରାମର ସମାଜସେବୀ ପ୍ରଭାତ କୁମାର ଦାସ କହିଛନ୍ତି।

# ଲୋକକଳାରେ ଶିଶୁ ସୁରକ୍ଷା ସଚେତନତା

ପୁରୀ,୨୬।୭(ସମିସ): ରଥଯାତ୍ରାଠାରୁ ବାହୁଡ଼ା ପର୍ଯ୍ୟନ୍ତ ବଡଦାଣ୍ଡ, ରେଳ ଷ୍ଟେଶନ, ସମୁଦ୍ର କୂଳ ଆଦି ସ୍ଥାନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ମିଳିତ ପ୍ରୟାସରେ ଲୋକକଳାର ମାଧ୍ୟମରେ ଶିଶୁ ସୁରକ୍ଷା ସଚେତନତା ସୃଷ୍ଟି କରାଯାଇଛି। ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସୂଚନା କେନ୍ଦ୍ର ସାହାଯ୍ୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ବିଭାଗ ସହଯୋଗରେ ଲୋକକଳା ଗୋଷ୍ଠୀଙ୍କ ସହାଭାଗିତାରେ ଦାସକାଠିଆ, ପାଲା, ଘୋଡାନାଚ, ସଂକୀର୍ତ୍ତନ, ଚକୁଳିଆ ପଣ୍ଡା ଆଦି ପରିବେଷଣ କରାଯାଇଥିଲା। ବାଲ୍ୟ ବିବାହ ରୋକିବା, ଯୌନ ଶୋଷଣରୁ ଶିଶୁଙ୍କୁ ସୁରକ୍ଷା ଦେବା, ଶିଶୁ ଶ୍ରମିକ ବିଲୋପ, ଶିଶୁ ଚାଲାଣ ନିଷେଧ କରିବା ସହିତ ଶିଶୁ ଅଧିକାରକୁ ସୁନିଶ୍ଚିତ କରାଇବା ନିମନ୍ତେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ରଥଯାତ୍ରାରେ ଜନସମାଗମକୁ ଦୃଷ୍ଟିରେ ରଖି ଶିଶୁମାନଙ୍କ ସୁରକ୍ଷା ନିମିତ୍ତ ସରକାରଙ୍କ ତରଫରୁ ହାତକୁ ନିଆଯାଇଥିବା ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି। ଏହା ସହିତ ଉକ୍ତ ସ୍ଥାନରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନ କର୍ମକର୍ତ୍ତା ଶିଶୁ ସୁରକ୍ଷା ପ୍ରଚାରପତ୍ର ବଣ୍ଟନ କରି ଦର୍ଶକଙ୍କୁ ସଚେତନ କରାଇଥିଲେ। ୧୮ଟି ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାବ୍ୟତୀତ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପ୍ରୟାସରେ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ନେଇ ଜଗନ୍ନାଥ ସଂସ୍କୃତି, ରଥଯାତ୍ରା ଶିଶୁ ଅଧିକାର ସମ୍ପର୍କିତ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାହୁଡ଼ା ଯାତ୍ରା ଅବସରରେ ଆଭାସୀ ବକ୍ତୃତା, ଚିତ୍ରାଙ୍କନ, ସାଧାରଣଜ୍ଞାନ ପ୍ରତିଯୋଗିତାରେ ଶିଶୁ ଯତ୍ନ ଅନୁଷ୍ଠାନର ପ୍ରାୟ ୬୦ ଜଣ ଶିଶୁ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ ୨୦୨୬ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ।

# ଦବୁଛି ଦୟାନଦୀ ବନ୍ଧ



କଣାସ,୨୬।୭(ସମିସ): କଣାସ ବ୍ଲକ୍‌ରେ ପ୍ରବାହିତ ହେଉଥିବା ମୁଖ୍ୟ ନଦୀ ଦୟା ପ୍ରତିବର୍ଷ ବନ୍ୟା ସମୟରେ ଆତଙ୍କ ସୃଷ୍ଟି କରୁଥିବାବେଳେ କ୍ରମାଗତ ଚାରିବର୍ଷ ଧରି ଦୟା ନଦୀର ବାମ ପାଶ୍ୱର୍ ବସନ୍ତପୁର ଠାରେ ଦବି ଦବି ଯାଉଛି। ଦବୁଥିବା ସ୍ଥାନର ମାଟି ନଦୀ ଗର୍ଭକୁ ଚାଲିଯାଉଛି। ପ୍ରଶାସନ ପକ୍ଷରୁ ଦବୁଥିବା ସ୍ଥାନରେ ପୁନଶ୍ଚ ବନ୍ଧ କାମ କରାଯାଉଛି। ଚଳିତବର୍ଷ ୧୫ ଦିନ ତଳେ ଉକ୍ତ ସ୍ଥାନର କିଛି ଦୂରରେ ପୁନଶ୍ଚ ନଦୀ ବନ୍ଧ ଦବି ଯାଇଥିଲା। ପରେ ବିଭାଗୀୟ କରକର୍ତ୍ତାମାନେ ଡଷ୍ଟ ପକାଇ ଉକ୍ତ ସ୍ଥାନକୁ ପୂରଣ କରିଥିବା ବେଳେ ତିନିଦିନ ଧରି ଲଗାଣ ବର୍ଷା ହେବାରୁ ପୁନଶ୍ଚ ନଦୀବନ୍ଧ ଦବିବାରେ ଲାଗିଛି। ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଉକ୍ତ ସ୍ଥାନ ବିପଦସଂକୁଳ ଅବସ୍ଥାରେ ରହିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଦବିଥିବା ସ୍ଥାନ ପରିଦର୍ଶନ କରି ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


# ମହିଳା ସଶକ୍ତୀକରଣ ଓ ଡ୍ରେନେଜ୍ ସମସ୍ୟା ସମାଧାନ ପ୍ରତିଶ୍ରୁତି



ପିପିଲି,୨୬।୭(ସମିସ): ପିପିଲି ବ୍ଲକ୍ ଗୁଡ଼ିଆପୋଖରୀ ନିକଟସ୍ଥ ଓରକଲ ଶକ୍ତି କେନ୍ଦ୍ରର ରୀତା ଭ୍ୟାଲିଠାରେ ରବିବାର 'ମନ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଥ୍ ନଂ୧୭୦ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କୌଶଲ୍ୟାଗଙ୍ଗ ମଣ୍ଡଳର ଦଳୀୟ ପଦାଧିକାରୀ ଏବଂ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣଙ୍କ ଉପସ୍ଥିତିରେ 'ମନ କି ବାତ୍' ଶୁଣିଥିଲେ। ଦେଶରେ କୃତିତ୍ୱ ମହିଳା ମାନଙ୍କ ବିଭିନ୍ନ ସଫଳତାର ଉଦାହରଣ ଉପସ୍ଥାପନ କରି ଉପସ୍ଥିତ ମହିଳାମାନଙ୍କୁ ଆନନିର୍ଭରଶୀଳ ଓ ସ୍ୱାବଲମ୍ବୀ ହେବା ସହ ସ୍ୱୟଂ ରୋଜଗାର ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟପକ୍ଷରେ ବିଧାୟକ ଆଶ୍ରିତ ପଟ୍ଟନାୟକ ରୀତା ଭ୍ୟାଲି ଅଞ୍ଚଳର ଦୀର୍ଘଦିନର ଡ୍ରେନେଜ୍ ସମସ୍ୟା ସମେତ ବିଭିନ୍ନ ଜନସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରାଥମିକତା ଭିତ୍ତିରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ପ୍ରଧାନ, ଜିଲ୍ଲା ଉପସଭାପତି ଶୁଭାଶିଷ ରଥ, ରାଜ୍ୟ ପରିଷଦ ସଦସ୍ୟ ପ୍ରଦୀପ ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ତପନ ପ୍ରଧାନ, ପ୍ରଭାରୀ ଦୀନବନ୍ଧୁ ବେଉରିଆ, ଓରକଲ ଶକ୍ତିକେନ୍ଦ୍ର ପ୍ରମୁଖ ମନୋଜ ଗୁରୁ, ରୀତା ଭ୍ୟାଲିର ସମସ୍ତ ଜନସାଧାରଣ କୌଶଲ୍ୟାଗଙ୍ଗ ମଣ୍ଡଳର ଦଳୀୟ ପଦାଧିକାରୀ ଓ ଅନ୍ୟାନ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସାକ୍ଷୀଗୋପାଳ ମନ୍ଦିରରେ ହରିଶୟନ ନୀତି

ସାକ୍ଷୀଗୋପାଳ,୨୬।୭(ସମିସ): ଶନିବାର ବିଳମ୍ବିତ ରାତିରେ ଶ୍ରୀସାକ୍ଷୀଗୋପାଳ ମନ୍ଦିରରେ ପୂଜା ପାଉଥିବା ନାରାୟଣ ବିଗ୍ରହଙ୍କ ହରି ଶୟନ ନୀତି ଅନୁଷ୍ଠିତ ହୋଇଛି। ହରିଶୟନ ଏକାଦଶୀ ତିଥିରେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ବଡ଼ସିଂହାର ଧୂପ ସମାପନ କରାଯିବା ପରେ ରତ୍ନ ସିଂହାସନରେ ଠାକୁରଙ୍କ ଆଳତି ଉପଚାର ସହ ବନ୍ଦାପନା କରାଯାଇଥିଲା। ନାରାୟଣ ବିଗ୍ରହଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନ ଲାଗି କରାଯିବା ସହ ଗର୍ଭଗୃହ କାନ୍ଥରେ ରହିଥିବା କାନ୍ଥକୁଡ଼ାରେ ପ୍ରସ୍ତୁତ ଶଯ୍ୟାରେ ନାରାୟଣଙ୍କୁ ଶୟନ କରାଇ କବାଟ ବନ୍ଦ କରି ଦିଆଯାଇଥିଲା। ପୂଜାପଣ୍ଡା ନାରାୟଣ ମହାପାତ୍ର, ସିଂହାରୀ ଅଶୋକ ଖୁଣ୍ଟିଆ, ପାଳିଆ ପତ୍ରୀ ପୂର୍ଣ୍ଣଚନ୍ଦ୍ର ନନ୍ଦ, ଭଣ୍ଡାର ମେକାପ ତନ୍ମୟ କୋଠାରୀ ଏବଂ ଅନ୍ୟ ପାଳିଆ ଶୟନ ନୀତି ସମ୍ପାଦନ କରିଥିଲେ। ସେହି କାନ୍ଥକୁଡ଼ାରେ ଶୟନରତ ନାରାୟଣଙ୍କ କବାଟରେ ରହିଥିବା ଜଳା ବାଟରେ ସ୍ନାନ ଓ ପୂଜାବିଧି କାର୍ତ୍ତିକ ମାସ ଦେବ ଉତ୍ଥାପନ ଏକାଦଶୀ ପର୍ଯ୍ୟନ୍ତ କରାଯିବାର ବିଧି ରହିଛି ବୋଲି ମନ୍ଦିର ସୁପର ଭାଇଜର ବିଶ୍ୱନାଥ ମହାପାତ୍ର କହିଛନ୍ତି।



# ରଥଯାତ୍ରାରେ ଏମ୍‌ସିଏଲ୍ ଓ ଏକେଏସ୍‌ଏସ୍ ପକ୍ଷରୁ ଭକ୍ତଙ୍କୁ ଖାଦ୍ୟ ପରିବେଷଣ



କଣାସ,୨୬।୭(ସମିସ) : ବିଶ୍ୱ ବିଖ୍ୟାତ ପୁରୀ ରଥଯାତ୍ରାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଭକ୍ତମାନଙ୍କୁ ଏମ୍‌ସିଏଲ୍ ଓ କଣାସ ବ୍ଲକ୍‌ରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକେଏସ୍‌ଏସ୍ ପକ୍ଷରୁ ଗୁଣ୍ଡିଚାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପୁରୀରେ ରନ୍ଧା ଖାଦ୍ୟ ଭକ୍ତମାନଙ୍କୁ ପରିବେଷଣ କରାଯାଇଛି। ପୁରୀ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଚିଠି ନମ୍ବର ୩୩୭୧/୧୦/୭/୨୬ ରିଖ ଅନୁସାରେ ଏହି ଖାଦ୍ୟ ପରିବେଷଣ ଓ ପାଣି ବୋତଲ ବଣ୍ଟନ କାର୍ଯ୍ୟକ୍ରମ ଗୁଣ୍ଡିଚା ଠାରୁ ଆରମ୍ଭ ହୋଇ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୪୭ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ରନ୍ଧା ଖାଦ୍ୟ ଦିଆଯିବା ସହିତ ୬୫ହଜାରରୁ ଅଧିକ ପାଣି ବୋତଲ ବଣ୍ଟନ କରାଯାଇଛି। ଖାଦ୍ୟ ହିସାବରେ ରୁଟି, ଚଣା ମସଲା, ବୁଟ ଡାଲି ତରକାରୀ, ତାଡ଼ିଆ, ଖଟା ଦିଆଯାଇଥିଲା। ଏହି କାର୍ଯ୍ୟ ପରିବେଷଣ ସେବାକୁ ଦିବାକର ପାତ୍ର ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଇଜିଡିୟର ସୀମାନନ୍ଦ ପରିଡ଼ା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଏକେଏସ୍‌ଏସ୍‌ର ସଭାପତି ପ୍ରମୋଦ ହରିଚନ୍ଦନ, ବିମ୍ବାଧର ସେନାପତି, କୃପାସିନ୍ଧୁ ପାଇକରାୟ, ସୁଜାତା ବାହୁବଳେନ୍ଦ୍ର, ରଜନୀ କାନ୍ତ ପାଢ଼ୀ, ପ୍ରେମାନନ୍ଦ ଜାଲି, ରାଧାଶ୍ୟାମ ବିଶ୍ୱାଳ, ପ୍ରସାଦିନୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ସ୍ୱାଇଁ (ବାବୁନି), ଗୌରୀ ଦାସ, ରଜନୀ ମାର୍ଥା, ସଂଯୁକ୍ତା ପ୍ରଧାନ, ପିଏସ୍‌କିୟରିଅର ଓ ମଦର ଇଣ୍ଡିଆ ସ୍କୁଲର ଶିକ୍ଷୟତ୍ରୀମାନେ ସାମିଲ ହୋଇଥିଲେ। ୪୫ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଅଗଷ୍ଟ ୯ରେ ପିପିଲି ବଜାର ବ୍ୟବସାୟୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ

ପିପିଲି,୨୬।୭(ସମିସ): ଚଳିତବର୍ଷ ପିପିଲି ବଜାର ବ୍ୟବସାୟୀ ସଂଘର ସଭାପତି, ଉପସଭାପତି, ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତିରେ କୁହାଯାଇଛି ଯେ ଅଗଷ୍ଟ ୧ ତାରିଖରୁ ଅଗଷ୍ଟ ୩ ତାରିଖ ୨୦୨୬ ବ୍ୟବସାୟ ସଂଘର କାର୍ଯ୍ୟାଳୟଠାରେ ନାମାଙ୍କନପତ୍ର ଦାଖଲ କରାଯିବ। ନିର୍ବାଚନ ପରିଚାଳନା ପାଇଁ କର୍ପୂର ଚନ୍ଦନ ଜେନାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀଭାବେ ମନୋନୀତ କରାଯାଇଛି। ନିର୍ବାଚନ ଅଧିକାରୀଙ୍କ ନିକଟରେ ଦିବା ୧୦ଟାରୁ ୧ ଟା ଏବଂ ଦିବା ୪ଟାରୁ ରାତ୍ର ୮ ଘଟିକା ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରି ପାରିବେ। ଅଗଷ୍ଟ ୪ରେ ନାମାଙ୍କନପତ୍ର ପ୍ରତ୍ୟାହାର ଏବଂ ନିରୀକ୍ଷଣ ସମାପ୍ତ କରାଯିବ। ଅଗଷ୍ଟ ୫ରୁ ଅଗଷ୍ଟ ୮ପର୍ଯ୍ୟନ୍ତ ନିର୍ବାଚନରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀମାନେ ପ୍ରଚାର କରିପାରିବେ। ଅଗଷ୍ଟ ୯ ତାରିଖ ରବିବାର ଦିନ ଦିବା ୯ଟା ରୁ ଦିବା ୫ଟା ପର୍ଯ୍ୟନ୍ତ ନିର୍ବାଚନ ଅନୁଷ୍ଠିତ ହେବ। ସେହିଦିନ ସନ୍ଧ୍ୟା ୫ ଟା ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ଏହି ନିର୍ବାଚନ ପ୍ରକ୍ରିୟା ରେ କୌଣସି ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ପ୍ରଶୟ ଦିଆଯିବ ନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହି ନିର୍ବାଚନ ପ୍ରକ୍ରିୟା କର୍ପୂର ଚନ୍ଦନ ଜେନାଙ୍କ ଅଧ୍ୟକ୍ଷତାରେ ଏବଂ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମାପନ କରାଯିବ। ବୈଠକରେ ଚୟନ କରାଯାଇଥିବା ଅନ୍ୟ ପ୍ରିଜାଇଡିଂ ଅଫିସରମାନେ ହେଲେ ହରିଶ୍ଚନ୍ଦ୍ର ପତି, ଦିଲ୍ଲୀପ ରଥ, ଅନୁପ ପରିଡ଼ା, ପ୍ରଭାକର ପରିଡ଼ାଙ୍କୁ ନିଯୁକ୍ତି ଦିଆଯାଇଛି।

**'ମୋ ଆଶା'ର ରଥ ସଂଖ୍ୟା ଉନ୍ମୋଚିତ**

# ଶ୍ରୀମନ୍ଦିରର ଗାଥା ଶିଶୁ ସାହିତ୍ୟକୁ ଋଦ୍ଧିମନ୍ତ କରିଛି

ପୁରୀ,ନିମାପଡ଼ା,୨୬।୭(ସମିସ)

ଶ୍ରୀମନ୍ଦିରର ଗାଥା ଓ ଜଗନ୍ନାଥ ସଂସ୍କୃତି ଏ ସମାଜକୁ ପରିଚୟ ଦେଇଛି। ଜଗନ୍ନାଥ ସଂସ୍କୃତିର ପ୍ରତିଟି କଥା ବସ୍ତୁ ଆମ ଶିଶୁ ସାହିତ୍ୟକୁ ଅଧିକ ଋଦ୍ଧିମନ୍ତ କରି ଗଢି ତୋଳିଛି ବୋଲି ନିମାପଡାର ଅଗ୍ରଣୀ ଅନୁଷ୍ଠାନ ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ପ୍ରକାଶ ପାଉଥିବା "ମୋ ଆଶା'ର ରଥ ସଂଖ୍ୟା ଉନ୍ମୋଚନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ରବିବାର ସିଂହଦ୍ୱାର ସମ୍ମୁଖରେ ପତ୍ରିକା ଉନ୍ମୋଚିତ ହେବା ଅବସରରେ ଅତିଥିମାନଙ୍କ କଥା ଉପସ୍ଥିତ ପାଠକ ଓ ସାହିତ୍ୟ ଅନୁରାଗୀଙ୍କୁ ବେଶ୍ ବିମୋହିତ କରିଥଲା। ଏହି ଅବସରରେ ପତ୍ରିକାର ସମ୍ପାଦକ ସୁମନ୍ତ ମହାରଣା, ସହ ସମ୍ପାଦିକା ଉର୍ମିଳା ମହାରଣା, ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, ଶିଶୁ ସମାଚାରର ସମ୍ପାଦକ ସୁକାନ୍ତ ପଣ୍ଡା, ଗ୍ରୁପର ସଭ୍ୟ ସୁନନ୍ଦ ରାଉତରାୟ, ଶିଶୁ ପାଠକ ପାଠିକା ପ୍ରମୁଖ ଯୋଗଦେଇ ପତ୍ରିକାକୁ ଉନ୍ମୋଚନ କରିଥିଲେ। ସୂଚନାଯୋଗ୍ୟ ଯେ, ପତ୍ରିକାର ସମ୍ପାଦକ ଶ୍ରୀ ମହାରଣାଙ୍କ ବଳିଷ୍ଠ ସମ୍ପାଦନାରେ ଦୀର୍ଘ ୨୫ ବର୍ଷ ଧରି ଲିଟିଲ ଷ୍ଟାର ଗ୍ରୁପ୍ ପିଲାମାନଙ୍କ ପାଇଁ ନାନା ବିଧ କାର୍ଯ୍ୟକ୍ରମ କରିଆସୁଥିବା ବେଳେ ସାହିତ୍ୟ ଓ ସଂସ୍କୃତି ରକ୍ଷା ପାଇଁ "ମୋ ଆଶା' ପ୍ରକାଶ ପାଇ ଆସୁଛି। ଚଳିତ "ମୋ ଆଶା'ସଂଖ୍ୟାରେ ଓଡିଶାର ବହୁ ଲବ୍ଧ ପ୍ରତିଷ୍ଠିତ ଲେଖକ ଲେଖିକାଙ୍କ ଜଗନ୍ନାଥଙ୍କ ଲୀଳା ଖେଳାକୁ ନେଇ ବହୁ ଶିକ୍ଷଣୀୟ ଗଳ୍ପ ଓ କବିତା ସ୍ଥାନ ପାଇଥିବା ବେଳେ ପିଲାମାନଙ୍କ ପାଇଁ ଅନ୍ୟ ବହୁ ଶିକ୍ଷଣୀୟ ବିଷୟ ବସ୍ତୁ ରହିଛି। ଏଥିସହ ସେମାନଙ୍କ ଚିତ୍ର ଆଉ ଫଟୋକୁ ମଧ୍ୟ ସ୍ଥାନ ଦିଆଯାଇଛି।



# ଶ୍ରୀକ୍ଷେତ୍ର ସିଟି


୨୬/୭/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୨,୭୮,୭୩୯/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍









# ଆଜିଠୁ ଶୋଭାପାଇବ ନୀଳକନ୍ଦର

ପୁରୀ,୨୬।୭ (ସମିସ)



ଚଳିତବର୍ଷ ପାଇଁ ଶ୍ରୀମନ୍ଦିର ବାହାରେ ସରିଆସୁଛି ମହାପ୍ରଭୁଙ୍କ ଲୀଳାଖେଳା। ପବିତ୍ର ବାହୁଡ଼ା ଯାତ୍ରାରେ ଜନ୍ମବେଦୀରୁ ବାହୁଡ଼ି ଆସିଛନ୍ତି ଦାରୁବ୍ରହ୍ମ। ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥ। ରଥାରୁଢ଼ ଠାକୁର ସୁନାବେଶରେ ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଇ ସେମାନଙ୍କୁ କୃତାର୍ଥ କରିଛନ୍ତି। ରବିବାର ରଥ ଉପରେ ସମ୍ପନ୍ନ ହୋଇଛି ଅଧରପଣା ନୀତି। ସୋମବାର ନୀଳାଦ୍ରିବିଜେ। ଏହି ପବିତ୍ର ତିଥିରେ ରତ୍ନବେଦୀକୁ ବିଜେ କରିବେ ଦାରୁଦିଅଁ। ଶୋଭା ପାଇବ ନୀଳକନ୍ଦର। ଏହାସହିତ ଶେଷ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ଆଉ ମଙ୍ଗଳବାରଠୁ ଭକ୍ତଙ୍କୁ ମିଳିବ ନୀଳାଚଳ ଅବଢ଼ା। ପୁଣି ଶ୍ରୀମନ୍ଦିରରେ ଲାଗିବ ଗହଳି ଚହଳି।

ନୀଳାଦ୍ରିବିଜେ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇରହିଛି ପ୍ରଶାସନ। ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ନିଜ ନିଜର ପ୍ରସ୍ତୁତି ସାରିଛନ୍ତି। ଏହି ମହାନ ପର୍ବର ଅନ୍ତିମ ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତେ ଅପେକ୍ଷାରତ। ନୀଳାଦ୍ରିବିଜେ ନୀତି ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରଥ ଉପରେ ଠାକୁରଙ୍କ ନୀତିକୁ ତ୍ୱରାନ୍ୱିତ କରି ଅପରାହ୍ନ ୪ଟା ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ଆରମ୍ଭ ହେବ।

## ନୀଳାଦ୍ରିବିଜେ ପହଣ୍ଡି ୪ଟାରୁ

### ନୀଳାଦ୍ରିବିଜେ ନୀତି ନିର୍ଘଣ୍ଟ

ତିନିରଥରେ ମଙ୍ଗଳ ଆଳତି ପ୍ରାତଃ ୪ଟା, ମଇଲମ-ତଡ଼ପଲାଗି ୪ଟା ୩୦, ଅବକାଶ ଭୋର ୫ଟା, ବେଶ ଶେଷ ୫ଟା ୩୦, ଗୋପାଳବଲ୍ଲଭ ସକାଳ ୬ଟା ୩୦, ସକାଳ ଧୂପ ୭ଟାରୁ ୮ଟା, ମଇଲମ ୮ଟା ୩୦, ମହାସ୍ନାନ ଓ ସର୍ବାଙ୍ଗ ୯ଟା ୩୦, ବେଶଶେଷ ପୂର୍ବାହ୍ନ ୧୦ଟା, ମଧ୍ୟାହ୍ନ ଧୂପ ସାଢେ ୧୦ରୁ ସାଢେ ୧୧, ମଇଲମ ଓ ବେଶ ୧୧ଟା ୪୫ରୁ ମଧ୍ୟାହ୍ନ ୧୨ଟା, ସନ୍ଧ୍ୟା ଆଳତି ୧୨ଟା ୧୫, ସନ୍ଧ୍ୟାଧୂପ ସାଢ଼େ ୧୨ରୁ ସାଢ଼େ ୧ଟା, ଚାରବନ୍ଧା ସାଢ଼େ ୧ଟାରୁ ସାଢ଼େ ୩ଟା, ସିଂହାସନ ମାଜଣା ୩ଟା ୩୦, ପୁଷ୍ପାଞ୍ଜଳି ୩ଟା ୫୦, ପହଣ୍ଡି ଆରମ୍ଭ ୪ଟା, ପହଣ୍ଡି ଶେଷ ରାତି ୧୦ଟା, ରୁନ୍ଧା ଶେଷ ସାଢେ ୧୨ଟା, ଦଇତାପତି ସର୍ବାଙ୍ଗ ୧ଟା, ଶ୍ରୀମୁଖ ଖଣ୍ଟୁଆ ୧ଟା ୧୦, ଚାରମାଳ ଫିଟା ୧ଟା ୧୫ରୁ ୨ଟା ୧୫, ସୁଦର୍ଶନ ସିଂହାସନକୁ ବିଜେ ୨ଟା ୩୦, ଶ୍ରୀମୁଖ ଖଣ୍ଟୁଆ ମଇଲମ ୨ଟା ୩୦, ଚକା ପୋଛା ୨ଟା ୪୫, ସିଂହାସନ ଧୂଆ ୩ଟା, ମାଧବ, ଶ୍ରୀଦେବୀ ଓ ଭୂଦେବୀ ସିଂହାସନକୁ ବିଜେ ୩ଟା ୧୦, ମହାସ୍ନାନ ଶେଷ ୩ଟା ୩୦, ରୋଷ ହୋମ ୩ଟା ୩୫, ମଇଲମ ୩ଟା ୩୫, ଚନ୍ଦନଲାଗି ୩ଟା ୪୫, ସୂର୍ଯ୍ୟପୂଜା ଭୋର ୪ଟା, ଦ୍ୱାରପାଳ ପୂଜା ୪ଟା ୧୫, ବଡ଼ସିଂହାର ବେଶ ୪ଟା ୧୫, ବଡ଼ସିଂହାର ଭୋଗ ୪ଟା ୪୫ ଓ ରାତ୍ର ପହୁଡ଼ ଭୋର ୫ଟାରେ ହେବାକୁ ନୀତି ନିର୍ଘଣ୍ଟ ହୋଇଛି।

## ନେଇଗଲେ ଅଧରପଣା

ପୁରୀ,୨୬।୭ (ସମିସ): ପ୍ରତିବର୍ଷ ରଥ ଉପରେ ଅଧରପଣା ହାଣ୍ଡି ଭାଙ୍ଗିବା ବେଳେ କିଛି ସେବାୟତ ପଣା ନେଇଥାନ୍ତି। କେହି କେହି ରଥ ଉପରେ ଟିଫିନ, ଗଡ୍ଡୁ, ଭଙ୍ଗା କୁଡୁଆ, ହାଣ୍ଡି ଆଦିରେ ପୁରାଇ ପଣା ସଂଗ୍ରହ କରନ୍ତି। ପୁଣି କେତେଜଣ ତଳେ ଠିଆ ହୋଇ ବାଲ୍‌ଟି, ଜରି ଆଦି ଦେଖାଇ ପଣା ନେଇଥାନ୍ତି। ପ୍ରତିବର୍ଷ ଭଳି ଏଥର ମଧ୍ୟ ଅଧରପଣା କେହି ସଂଗ୍ରହ କିମ୍ବା ନେଇପାରିବେ ନାହିଁ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ଯଦିଓ ଭଙ୍ଗା ପୂର୍ବରୁ କେହି ପଣା ନେଇ ନ ଥିଲେ ଭାଙ୍ଗିବା ପରେ ତଳକୁ ଗଡୁଥିବା ପଣାକୁ କେତେଜଣ ନେଉଥିବା ଦେଖିବାକୁ ମିଳିଥିଲା। ସେମାନେ ଗଡ୍ଡୁ, ଭଙ୍ଗା କୁଡଆ, ଜରିରେ ପଣା ସଂଗ୍ରହ କରିଥିଲେ। କିନ୍ତୁ ସେମିତି କୌଣସି ବିଶୃଙ୍ଖଳା କରି ନ ଥିଲେ।

## ଶ୍ରୀମନ୍ଦିରରେ ଗୋଟିଏ ଦିନ ରସଗୋଲା ଭୋଗ

# ରସଗୋଲା ଖୁଆଇ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରନ୍ତି ମହାପ୍ରଭୁ

ପୁରୀ,୨୬।୭ (ସମିସ)

ଶ୍ରୀଗୁଣ୍ଡିଚା ଯାତ୍ରାର ଶେଷ ପର୍ବ ନୀଳାଦ୍ରିବିଜେରେ ଶ୍ରୀଜୀଉମାନେ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ। ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ବଢିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗ ଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣୀଘରକୁ ବିଜେ କରାଇଥାନ୍ତି। ଏହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥାନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢାଇଥାନ୍ତି। ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହେ ଓ ପରେ ଖୋଲିଦିଆଯାଏ। ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟ ବିଜୟ ଦ୍ୱାରର ଭିତରପଟେ ଜଣେ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦ୍ୱାରର ଅପର ପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକ ପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାରଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ। ଭିତରଚ୍ଛ ମହାପାତ୍ର ବନ୍ଦାପନା ଓ ରସଗୋଲା ଭୋଗ କରିଥାନ୍ତି। ଏହାପରେ ଘଷାବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ। ଭିତରଚ୍ଛ ମହାପାତ୍ରଙ୍କ ଘରେ ଶୁଦ୍ଧପୂତ ଭାବେ ଏହି ରସଗୋଲା



ପ୍ରସ୍ତୁତ ହୋଇଥାଏ। କଥିତ ଅଛି, ରଥଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ସେ ମାନ କରିଥାନ୍ତି। ଏହିଦିନ ମହାପ୍ରଭୁ ରସଗୋଲା ଖୁଆଇ ଅଭିମାନିନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କ ମାନଭଞ୍ଜନ କରିଥାନ୍ତି। ଏହିଦିନ ଅନେକ ବ୍ୟକ୍ତିବିଶେଷ, ମଠବାଡି ଓ ସେବକମାନେ ରଥ ଉପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ ଲଗାଇଥାନ୍ତି।

## ■ ସିଂହାସନ ମାଜଣା ଆଜି

# ବନ୍ଧାଯିବ କନକମୁଣ୍ଡି ଚାନ୍ଦୁଆ

ପୁରୀ,୨୬।୭ (ସମିସ): ମଠ ସଂସ୍କୃତି ଓ ପରମ୍ପରାକୁ ନେଇ ଶ୍ରୀକ୍ଷେତ୍ର ବେଶ୍ ସମୃଦ୍ଧ। ଶ୍ରୀମନ୍ଦିରରେ ଅଧିକାଂଶ ରୀତିନୀତି ଓ ଯାନିଯାତ୍ରା ସହିତ ମଠଗୁଡ଼ିକର ସମ୍ପର୍କ ବହୁ ପ୍ରାଚୀନ କାଳରୁ ରହିଆସିଛି। ସମ୍ପ୍ରତି ସେହି ପରମ୍ପରା କେତେକାଂଶରେ ଲୋପ ପାଇଯାଇଥିଲେ ହେଁ କେତେକ ରୀତିନୀତି, ବେଶ, ପର୍ବପର୍ବାଣି ସହ ନିର୍ଦ୍ଦିଷ୍ଟ ମଠମାନଙ୍କ ସମ୍ପର୍କ ଏବେ ବି ଅକ୍ଷୁଣ୍ଣ ରହିଛି। ଏଥିମଧ୍ୟରୁ ବଡ଼ଓଡ଼ିଆ ମଠ ଅନ୍ୟତମ। ସୋମବାର ନୀଳାଦ୍ରିବିଜେ। ରତ୍ନସିଂହାସନକୁ ଫେରିଯିବେ ଚତୁର୍ଦ୍ଧାବିଗ୍ରହ। ଏହି ଅବସରରେ ବଡ଼ଓଡିଆ ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିସହ ମଠ ମହନ୍ତ ସିଂହାସନ ମାଜଣା କରିବେ। ନୀଳଚକ୍ରରେ ମଠ ପକ୍ଷରୁ ଧ୍ୱଜା ବନ୍ଧାଯିବା ପରେ ରଥାରୁଢ ଠାକୁର ପହଣ୍ଡି ହୋଇ ଶ୍ରୀମନ୍ଦିରକୁ ବିଜେ କରିବା ପରମ୍ପରା ରହିଛି। ଏ ସମ୍ପର୍କରେ ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ କୁହନ୍ତି, ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ମଠ ରତ୍ନସିଂହାସନର ରକ୍ଷଣାବେକ୍ଷଣ ଏବଂ ମାଜଣା କରିଆସୁଛି। ପରମ୍ପରା ମୁତାବକ, ନୀଳାଦ୍ରିବିଜେ ଦିନ ସକାଳେ ରତ୍ନସିଂହାସନ ଉପରେ ମଠ ପକ୍ଷରୁ କନକମୁଣ୍ଡି ଚାନ୍ଦୁଆ ବନ୍ଧାଯିବ। ଏଥିପାଇଁ ପାଟ ଏବଂ ସୂତା କପଡ଼ାରେ ଚାନ୍ଦୁଆ ତିଆରି ସରିଛି। ସେହିପରି ମଠ ପକ୍ଷରୁ ନୀଳଚକ୍ରରେ ୧୪ ହାତର ପତାକା (ଧ୍ୱଜା) ବିନା ଦେୟରେ ବନ୍ଧାଯିବ। ସନ୍ଧ୍ୟା ଧୂପ ପରେ ସିଂହାସନ ମାଜଣା ହେବ ବୋଲି ମଠ ମହନ୍ତ କହିଛନ୍ତି।

**ସିଂହାସନ ମାଜଣା:** ଗଜପତି ମହାରାଜା ପ୍ରତାପରୁଦ୍ର ଦେବଙ୍କ ସମୟରୁ ବଡ଼ଓଡ଼ିଆ ମଠ ମହନ୍ତମାନେ ରତ୍ନସିଂହାସନ ମାଜଣା କରିଆସୁଛନ୍ତି। ନୀଳାଦ୍ରିବିଜେ ଦିନ ମାଜଣା କରାଯାଇଥାଏ। ଶ୍ରୀମନ୍ଦିର ପ୍ରଶାସନଠାରୁ ସୂଚନା ପାଇବା ପରେ ମଠ ମହନ୍ତ ଶ୍ରୀମନ୍ଦିର ଅଭିମୁଖେ ବାହାରିଥାନ୍ତି। ଗର୍ଭଗୃହ ଭିତରକୁ ଯାଇ ସିଂହାସନ ମାଜଣା କରିଥାନ୍ତି। ପୂର୍ବରୁ ମଠରେ ଘୋରା ଯାଇଥିବା ଚନ୍ଦନ, କର୍ପୂର, କେଶର, କସ୍ତୁରୀ ଏବଂ ଚୁଆରେ ମହନ୍ତ ମାଜଣା କରନ୍ତି। ପ୍ରାୟ ଦୁଇଘଣ୍ଟା ଧରି ଏହା ଚାଲେ।

# ଭିଡ଼ ଭିତରେ ଭିନ୍ନ ପରିଚୟ 'ଜଗା ଚାକର ସଂଘ'

ପୁରୀ,୨୬।୭ (ସମିସ)



ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଜଗା ଚାକର ସଂଘ' ପକ୍ଷରୁ ଗୁଣ୍ଡିଚା ଯାତଠାରୁ ସୁନାବେଶ ପର୍ଯ୍ୟନ୍ତ ବିବିଧ ସେବା ପ୍ରଦାନ କରାଯାଇଛି। ପ୍ରତ୍ୟେକ ଦିନ ପ୍ରାତଃ ସମୟରେ ଗୁଣ୍ଡିଚା ମନ୍ଦିର ନିକଟରୁ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ କରି ସଂଘର ଚାକରମାନେ ଶ୍ରୀମନ୍ଦିର ନିକଟରେ ପହଞ୍ଚୁଥିଲେ। ରଥଯାତ୍ରା ସମୟରେ ପରିବେଶ ଓ ପରିମଳକୁ ସୁସ୍ଥ ରଖିବା ପାଇଁ ବଡ ଦାଣ୍ଡକୁ ସଫେଇ କରୁଥିଲେ। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ଉପ ସଭାପତି ପ୍ରିୟଦର୍ଶିନୀ ନାୟକ, ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ମୁଖ୍ୟ ଉପଦେଷ୍ଟା ସଦାନନ୍ଦ ସାହୁ, ସହ ସମ୍ପାଦକ ଧର୍ମାନନ୍ଦ ସାହୁ, କାର୍ଯ୍ୟ ନିର୍ବାହୀ ସଦସ୍ୟ ବସନ୍ତ କୁମାର ସାହୁ, ହୃଦାନନ୍ଦ ଭୋଇ, ପ୍ରସନ୍ନ କୁମାର ଚୌଧୁରୀ, ଦୁଃଶାସନ ପଲେଇ, ପ୍ରଦୀପ ମଣ୍ଡଳ, ପ୍ରେମାନନ୍ଦ ପାତ୍ର, ଜୟନ୍ତୀ ନାୟକ, କନକ ପରିଡ଼ା, ଅଭୟ ପରିଡ଼ା, ଲୋନୀ ସାହୁ, ରମେଶ ଦଳେଇ, ଘାସିରାମ ନାୟକ, ନିରୋଦ ନାୟକ, ମନୋଜ କଂସା ବେହେରା, ଜନ୍ମେଜୟ ଦଳେଇଙ୍କ ସମେତ ବହୁ ଯୁବକ ଏବଂ ମହିଳା ସକ୍ରିୟ ସହଯୋଗ କ୍ରମେ ଜଳ ସିଞ୍ଚନ, ଛାୟା ସେବା, ପରିମଳ ସେବା, ପାନୀୟ ଜଳ, ଆମ୍ବୁଲାନ୍ସ ସେବା, ଗୁଆ ଘିଅରେ ପ୍ରସ୍ତୁତ ଖାଦ୍ୟ ବଣ୍ଟନ, ଔଷଧ ବଣ୍ଟନ, ବିଞ୍ଚଣା ସେବା ଆଦି ପ୍ରଦାନ କରାଯାଇଥିଲା।

ସେହିପରି ସଂଘ ସଦସ୍ୟଙ୍କ ଦ୍ୱାରା ଆଧ୍ୟାତ୍ମିକ ଚେତନା ନାଟକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ରଥଯାତ୍ରା ସମୟରେ ଅନୁଷ୍ଠାନର ଭିନ୍ନ ଭିନ୍ନ ଦିବସରେ ୩ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାକର ସେବା କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡିଛି। କେବେଳ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସେବା ମନୋବୃତ୍ତି ନେଇ ଆତ୍ମପ୍ରକାଶ କରିଥିବା ଏହି ଅନୁଷ୍ଠାନ ଚଳିତ ବର୍ଷ ରଥଯାତ୍ରାରେ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଠାରୁ ଆଶୀର୍ବାଦ ସାଉଁଟିବା ସହ ଭିଡ଼ ଭିତରେ ଭିନ୍ନ ପରିଚୟ ସୃଷ୍ଟି କରିବା ସହିତ ବିଭିନ୍ନ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ପୁରୀ ଅତିରିକ୍ତ ଜିଲ୍ଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଶିବିରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ସହ ଢେର ସାରା ପ୍ରଶଂସା ଦେଇଥିବା ଦେଖିବାକୁ ମିଳିଛି।

# ଚଳଚ୍ଚିତ୍ର 'ଶ୍ରୀଅଙ୍ଗ ଖଣ୍ଟୁଆ' କାହାଣୀ ମହାପ୍ରଭୁଙ୍କୁ ସମର୍ପିତ

ପୁରୀ,୨୬।୭ (ସମିସ): ଖଣ୍ଟୁଆ...! ଏହି ନାମଟି କେବଳ ଏକ ବସ୍ତ୍ରର ପରିଚୟ ନୁହେଁ। ଏହା ହେଉଛି ଭକ୍ତିର ସୂତାରେ ବୁଣା ଏକ ଅନନ୍ତ ସମ୍ପର୍କର ଗାଥା। ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ତନ୍ତଶାଳରେ ଜନ୍ମ ନେଉଥିବା ଏହି ପବିତ୍ର ପାଟ, ଆଜି ବି ନେଇ ଚାଲିଛି ଆସ୍ଥା, ପରମ୍ପରା ଏବଂ ଅପାର ଭକ୍ତିର ସନ୍ଦେଶ। ବୁଣାକାରର କର୍ମଠ ହାତରେ ଯେତେବେଳେ ସୂତା ପରେ ସୂତା ଯୋଡ଼ି ହୁଏ, ସେତେବେଳେ ସେ କେବଳ ଏକ ବସ୍ତ୍ର ବୁଣୁ ନ ଥାଏ... ସେ ବୁଣୁଥାଏ ନିଜର ବିଶ୍ୱାସ, ନିଜର ଭକ୍ତି ଏବଂ ନିଜର ଆତ୍ମାର ଅର୍ପଣ। ତନ୍ତର ପ୍ରତ୍ୟେକ ଝଙ୍କାରରେ ଗୁଞ୍ଜରିତ ହୁଏ ଜୟ ଜଗନ୍ନାଥର ଧ୍ୱନି। ପ୍ରତ୍ୟେକ ସୂତାରେ ଥାଏ ମହାପ୍ରଭୁଙ୍କ ପ୍ରତି ଅଗାଧ ଶ୍ରଦ୍ଧା। ବୁଣାକାର ଘରୁ ବାହାରି ଏହି ଖଣ୍ଟୁଆ ଯେତେବେଳେ ନୀଳାଚଳ ଅଭିମୁଖେ ଯାତ୍ରା କରେ, ସେତେବେଳେ ଏହା ଆଉ ଏକ ସାଧାରଣ ପାଟ ହୋଇ ରହେନାହିଁ। ଏହା ହୋଇଯାଏ ଭକ୍ତିର ଦୂତ।

ଶ୍ରୀମନ୍ଦିରର ଗର୍ଭଗୃହରେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଶ୍ରୀଅଙ୍ଗରେ ଲାଗିବା ମାତ୍ରେ ଏହି ଖଣ୍ଟୁଆ ପାଏ ତାହାର ପରମ ସାର୍ଥକତା। ଏମିତି ଏକ ଦିବ୍ୟ କାହାଣୀକୁ ନେଇ ଆସୁଛି ସାମାଜିକ-ଆଧ୍ୟାତ୍ମିକ ଓଡ଼ିଆ ସିନେମା "ଶ୍ରୀଅଙ୍ଗ ଖଣ୍ଟୁଆ'। ରବିବାର ପବିତ୍ର ଅଧରପଣା ଅବସରରେ ଶ୍ରୀକ୍ଷେତ୍ର ପୁରୀରେ ରଥ ଉପରେ ମହାପ୍ରଭୁଙ୍କୁ କାହାଣୀଟିକୁ ଛୁଆଁଇ ସମର୍ପିତ କରାଯାଇଛି। ଷ୍ଟୁଡିଓ ଥ୍ରୀ ସିକ୍ସଟି ଫାଇଭ ଫିଲ୍ମସ ବ୍ୟାନରରେ ଡ. କେ. ତମନ୍ନା ପ୍ରଯୋଜିତ, ଶ୍ୟାମା ପ୍ରସାଦ ମିଶ୍ରଙ୍କ କାହାଣୀ, ଚିତ୍ରନାଟ୍ୟ, ସଂଳାପ ଏବଂ ନିର୍ଦ୍ଦେଶନାରେ ଖୁବ୍‌ଶୀଘ୍ର ଏହି ସିନେମାର ଶୁଟିଂ ଆରମ୍ଭ ହେବ। କାହାଣୀ ସମର୍ପଣ ଦିବସରେ ସେବାୟତ ଅଭିନେତା ଶମ୍ଭୁ ଖୁଣ୍ଟିଆ, ସିନେମାର ଉପଦେଷ୍ଟା ଓ ଗୀତିକାର ଡ. ବଦ୍ରି ମିଶ୍ର, ସୁସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତିଙ୍କ ସହିତ ଅନେକ ସେବାୟତ ଉପସ୍ଥିତ ରହିଥିଲେ।

# ୭ ସ୍ୱୋକ୍ସ ଭର୍ଡ୍ସ୍ୟର ଫାଉଣ୍ଡେସନ୍‌ର ସେବା



ପୁରୀ,୨୬।୭ (ସମିସ): ରଥଯାତ୍ରା ଅବସରରେ ୭ ସ୍ୱୋକ୍ସ ଭର୍ଡ୍ସ୍ୟର ଫାଉଣ୍ଡେଶନ ପୁରୀ ପକ୍ଷରୁ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ହଜାର ହଜାର ଭକ୍ତ, କର୍ତ୍ତବ୍ୟରତ ପୁଲିସ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସେବା ପ୍ରଦାନ କରାଯାଇଥିଲା। ଗୁଣ୍ଡିଚା ଯାତ୍ରା ଦିନ ସନ୍ଧ୍ୟା ୫ଟାରୁ ମଧ୍ୟରାତ୍ରି ପର୍ଯ୍ୟନ୍ତ ଫାଉଣ୍ଡେଶନର ସ୍ୱେଚ୍ଛାସେବୀମାନେ ଦଶ ହଜାର ଭକ୍ତଙ୍କୁ ଖେଚୁଡ଼ି, ଡାଲେମା, ରୁଟି ସହ ମିନେରାଲ୍ ପାନୀୟ ଜଳ ବଣ୍ଟନ କରିଥିଲେ। ଏହାସହ ରଥଯାତ୍ରାରେ ନିରନ୍ତର ସେବାରେ ନିୟୋଜି ଓଡ଼ିଶା ପୁଲିସ, ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟାନ୍ୟ କର୍ତ୍ତବ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଫାଉଣ୍ଡେଶନ ପରିସରରେ ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା, ଯାହାଦ୍ୱାରା ସେମାନଙ୍କୁ ଧାଡ଼ିରେ ଠିଆ ହେବାକୁ ପଡ଼ି ନ ଥିଲା। ୧୦ ଜଣ ଫିଜିଓଥେରାପି ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜରୁରୀ ବିଭାଗରେ ୧୬ ଓ ୨୪ ତାରିଖ ଦିନ ନିୟୋଜିତ କରାଯାଇଥିଲା। ୧୭ ତାରିଖରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟା ଦର୍ଶନ ଅବସରରେ ବ୍ୟାରିକେଡ ଭକ୍ତଙ୍କୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ବାହୁଡ଼ା ଯାତ୍ରା ସକାଳୁ ମସଲା ଉପମା, ମଟର ତରକାରୀ ଓ ପାନୀୟ ଜଳ ଭକ୍ତଙ୍କୁ ବଣ୍ଟା ଯାଇଥିଲା। ଏହି ଅବସରରେ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶେଖର ପାତ୍ର କହିଛନ୍ତି ଯେ, "ଭକ୍ତଙ୍କ ସେବା ହିଁ ମହାପ୍ରଭୁ ଜଗନ୍ନାଥଙ୍କ ସେବା। ଏହି କଠିନ ଯାତ୍ରାରେ ଯାହା କିଛି ସମ୍ଭବ ହୋଇଛି, ତାହା କେବଳ ମହାପ୍ରଭୁଙ୍କ ଅସୀମ କୃପା, ପ୍ରଶାସନର ସହଯୋଗ, ଆମ ସ୍ୱେଚ୍ଛାସେବୀ ଓ ସହଯୋଗୀମାନଙ୍କ ପ୍ରୟାସ ପାଇଁ ସମ୍ଭବ ହୋଇଛି।

## ପୁରୀରୁ କମିନି ରଥଯାତ୍ରା ଭିଡ଼

# ଛୁଟିଦିନ ପାଇଁ ଲାଗିରହିଛି ଭକ୍ତଙ୍କ ଗହଳି

ପୁରୀ,୨୬।୭ (ସମିସ)

ପ୍ରତିବର୍ଷ ରଥଯାତ୍ରାରେ ଭିଡ଼ ହୋଇଥାଏ। କିନ୍ତୁ କିଛିବର୍ଷ ହେବ ଗହଳି ଏମିତି ହେଉଛି ଯେ, ନିୟନ୍ତ୍ରଣ କରିବା ପୁଲିସ ପାଇଁ ଚ୍ୟାଲେଞ୍ଜ ହେଉଛି। ଚଳିତବର୍ଷ ରଥଯାତ୍ରା, ନବମୀ ସନ୍ଧ୍ୟା ଦର୍ଶନ ଓ ବାହୁଡ଼ାରେ ମଧ୍ୟ ପ୍ରବଳ ଭିଡ଼ ହୋଇଥିଲା। ସାଧାରଣତଃ ରଥଯାତ୍ରାଠାରୁ ହେଉଥିବା ଗହଳି ସୁନାବେଶ ପର୍ଯ୍ୟନ୍ତ ରହିଥାଏ। ସୁନାବେଶ ପରଦିନ ଯଦିଓ ଲୋକ ଥାଆନ୍ତି କିନ୍ତୁ ଭିଡ଼ କମିଯାଏ। କିନ୍ତୁ ଏଥର ସପ୍ତାହନ୍ତ ଛୁଟିଦିନ ଯୋଗୁ ଏବେ ବି ପୁରୀରେ ଗହଳି ରହିଛି। କାରଣ ମାସ ଶେଷ ଶନିବାର ଏବଂ ରବିବାର ଯୋଗୁ ଏହି ପରିସ୍ଥିତି ଉପୁଜିଛି। ରବିବାର ଅଧରପଣା ନୀତି ଥିବାବେଳେ ବଡ଼ଦାଣ୍ଡରେ ବାହୁଡ଼ା ଯାତ୍ରା ଭଳି ଲୋକଙ୍କ ଗହଳି ଜଣାପଡୁଥିଲା। ଫଳରେ ରଥଯାତ୍ରା ପୂର୍ବଦିନଠାରୁ ଟ୍ରାଫିକ କଟକଣା ଯୋଗୁ ହନ୍ତସନ୍ତ ହେଉଥିବା ପୁରୀବାସୀ ରବିବାର ବି ଏଭଳି ସ୍ଥିତିର ସମ୍ମୁଖୀନ ହୋଇଛନ୍ତି।

## କଟକଣା ଯୋଗୁଁ ହନ୍ତସନ୍ତ ହେଉଛନ୍ତି ପୁରୀବାସୀ

ପୁରୀର ବୁଦ୍ଧିଜୀବୀଙ୍କ ମତରେ, ରଥଯାତ୍ରା ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା, ବ୍ୟାରିକେଡ୍, ରାସ୍ତା ବନ୍ଦ ଓ ଯାତାୟାତ ନିୟନ୍ତ୍ରଣ ଯୋଗୁଁ ସ୍ଥାନୀୟ ଲୋକଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେଉଛି। ଘରୁ ବାହାରିବା, କାର୍ଯ୍ୟସ୍ଥଳକୁ ଯିବା, ପିଲାମାନଙ୍କୁ ସ୍କୁଲ କିମ୍ବା କୋଚିଂକୁ ପଠାଇବା, ଏପରି କି ଜରୁରୀ କାମରେ ହସ୍ପିଟାଲ କିମ୍ବା ଔଷଧ ଦୋକାନକୁ ଯିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଛି। ବୃଦ୍ଧ, ରୋଗୀ, ଗର୍ଭବତୀ ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସବୁଠାରୁ ଅଧିକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଜରୁରୀ ଚିକିତ୍ସା ସେବା ପହଞ୍ଚିବାରେ ବିଳମ୍ବ, ଆମ୍ବୁଲାନ୍ସ ଚଳାଚଳରେ ବାଧା ଉପୁଜିଥାଏ। ଏହି ସମୟରେ ବଜାରରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ପନିପରିବା, କ୍ଷୀର, ଔଷଧ, ଗ୍ୟାସ୍ ଇତ୍ୟାଦି ସଂଗ୍ରହ କରିବାରେ ଅସୁବିଧା ହୁଏ। ଘରୋଇ ସହାୟକ, ବିତରଣ କର୍ମଚାରୀ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀମାନେ ମଧ୍ୟ ଅନେକ ସମୟରେ ଘରେ ପହଞ୍ଚି ପାରନ୍ତି ନାହିଁ। ଅତ୍ୟଧିକ ଭିଡ଼, ଧୂଳି, ଶବ୍ଦ ପ୍ରଦୂଷଣ, ଅସହ୍ୟ ଗରମ ଓ ଅବିରତ ଘୋଷଣା ଯୋଗୁଁ ସ୍ଥାନୀୟ ଲୋକଙ୍କ ଶାରୀରିକ ଓ ମାନସିକ ଚାପ ବଢ଼ିଥାଏ। ଅନେକ ପରିବାର ଦିନ ଦିନ ଧରି ଘର ଭିତରେ ରହିବାକୁ ବାଧ୍ୟ ହୁଅନ୍ତି। ପୁରୀବାସୀ ଭଗବାନ ଜଗନ୍ନାଥଙ୍କ ପ୍ରତି ଅଗାଧ ଭକ୍ତି ଓ ଶ୍ରଦ୍ଧା ରଖି ଏହି ସମସ୍ତ କଷ୍ଟକୁ ସେବାର ଅଂଶ ବୋଲି ସହି ନେଇଥାନ୍ତି। ତଥାପି ସେମାନଙ୍କ ଦୈନନ୍ଦିନ ଜୀବନ, ସ୍ୱାସ୍ଥ୍ୟ ଓ ସୁବିଧା ପ୍ରତି ଅଧିକ ଧ୍ୟାନ ଦେବା ସମୟର ଆବଶ୍ୟକତା ବୋଲି ସାମାଜିକ ଗଣମାଧ୍ୟମରେ ମତ ରଖିଛନ୍ତି।



# ସମ୍ପାଦକୀୟ



ନିଜର ଦୁନିଆକୁ ଆବିଷ୍କାର କରିବା ଜୀବନର ପ୍ରଥମ ଲକ୍ଷ୍ୟ ଏବଂ ତାହାର ସାମଗ୍ରିକ କଲ୍ୟାଣ ପାଇଁ ପୂର୍ଣ୍ଣପ୍ରାଣରେ ନିଜକୁ ସମର୍ପଣ କରିବା ପ୍ରଥମ କର୍ତ୍ତବ୍ୟ।
-ଗୌତମ ବୁଦ୍ଧ

ସକାଳ
THE SAKALA

## ଗଣତନ୍ତ୍ରର ଐତିହାସିକ ବିଜୟ

ବିପର୍ଯ୍ୟସ୍ତ ଓ ଦୁର୍ନୀତିପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ପ୍ରତିବାଦ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ କକ୍ରୋଚ୍ ଜନତା ପାର୍ଟି(ସିଜେପି) ପକ୍ଷରୁ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଚାଲିଥିବା ନିର୍ଣ୍ଣାୟକ ଆନ୍ଦୋଳନରେ ସିଜେପିର ଜିତାପଟ ହୋଇଛି। ଜେନ୍ ଜେଡ୍ ବର୍ଗର ଅହିଂସ ଓ ଅଟଳ ସଂକଳ୍ପ ଆଗରେ ଅପ୍ରତିହତ ମନେ ହେଉଥିବା କେନ୍ଦ୍ର ସରକାରଙ୍କ ଦମ୍ଭ ଭାଙ୍ଗିଛି। ସିଜେପିର ମୁଖ୍ୟ ଦାବି ଅନୁଯାୟୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ଗତ ବାରବର୍ଷରେ ଅପ୍ରତିଦ୍ୱନ୍ଦ୍ୱୀ ଓ ଦୁର୍ଜେୟ ଘୋଷିତ କେନ୍ଦ୍ର ସରକାରଙ୍କ ମନ୍ତ୍ରିପରିଷଦର କୌଣସି ସଦସ୍ୟ ଜନତାଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଇସ୍ତଫା ଦେବା ଏହା ପ୍ରଥମ। ଇସ୍ତଫା ଦାବିକୁ ଟାଳିବାକୁ ସବୁମତେ ଉଦ୍ୟମ କରାଯାଇଥିଲେ ହେଁ ଛାତ୍ରଙ୍କ ଦୃଢ଼ ମନୋବଳ ଆଗରେ ତାହା ସମ୍ଭବ ହୋଇପାରିନାହିଁ। ତେଣୁ ରାଜନୈତିକ ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ଏହାକୁ କେବଳ ସିଜେପିର ବିଜୟ ନ କହି ଗଣତନ୍ତ୍ରର ବିଜୟ ଭାବେ ଅଭିହିତ କରିଛନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ବଳରେ ଜନପ୍ରତିନିଧିମାନେ ନୀତି ନିର୍ଦ୍ଧାରଣ ପଦବୀ ମଣ୍ଡନ କରନ୍ତି। ଯଦି ନୀତି ନିର୍ଦ୍ଧାରକଙ୍କ କାର୍ଯ୍ୟାବଳୀ ଓ ନିଷ୍ପତ୍ତି ସାମୂହିକ ଜନସ୍ୱାର୍ଥରୁ ଦୂରେଇ ଯାଉଥିବାର ଅନୁଭବ ହୁଏ ତେବେ ଜନଅସନ୍ତୋଷ ସୃଷ୍ଟି ହେବା ସ୍ୱାଭାବିକ। କାର୍ଯ୍ୟାବଳୀ ଜନବିମୁଖୀ ହେଲେ ସମ୍ପୃକ୍ତ ନୀତି ନିର୍ଦ୍ଧାରକ ନିଜକୁ ସୁଧାରିବା କିମ୍ବା ଜନମତକୁ ସମ୍ମାନ ଦେଇ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବା ବିଧେୟ। ସ୍ୱାଧୀନୋତ୍ତର ଭାରତୀୟ ରାଜନୀତିରେ ଏଭଳି ଅନେକ ଉଦାହରଣ ରହିଛି। ଗଣତନ୍ତ୍ରର ମୂଳରୁ ଶୀର୍ଷ ପର୍ଯ୍ୟନ୍ତ ଜନାଦେଶ ଆଧାରିତ ହୋଇଥିବାରୁ ଜନମତକୁ ସମ୍ମାନ ଓ ଗ୍ରହଣ କରା ନ ଯିବ ବା କିପରି? ଯଦି ଏହା ନ ହୁଏ ତେବେ ଗଣତାନ୍ତ୍ରିକ ଉପାୟରେ ଏବଂ ଅହିଂସ ପ୍ରତିବାଦ ବା ଆନ୍ଦୋଳନ ଜରିଆରେ ଦାବି ହାସଲ କରିବାର ଅଧିକାର ଆମ ସମ୍ବିଧାନ ତା'ର ନାଗରିକମାନଙ୍କୁ ଦେଇଛି। ସିଜେପି ଆନ୍ଦୋଳନରେ ଗଣତନ୍ତ୍ରର ଏହି ମୌଳିକ ତତ୍ତ୍ୱ ସମ୍ପୂର୍ଣ୍ଣ ରୂପେ ଅନୁସୃତ ହୋଇଛି। ତେଣୁ ଆନ୍ଦୋଳନକାରୀଙ୍କ ସପକ୍ଷରେ ଯେଉଁ ଫଳାଫଳ ଆସୁଛି ତାହା ଜନସମୁଦାୟଙ୍କ ଉପଲବ୍ଧି ଏବଂ ସର୍ବୋପରି ସୁସ୍ଥ ଗଣତନ୍ତ୍ରର ବିଜୟ ସଞ୍ଜ୍ଞା ଧାରଣରେ ବୋଧହୁଏ ଦ୍ୱିରୁକ୍ତି ନାହିଁ।

ସିଜେପି ଆନ୍ଦୋଳନ ଆହୁରି ମଧ୍ୟ ପ୍ରମାଣ କରିଛି ଯେ ଗଣତନ୍ତ୍ରରେ ଗଣ ହିଁ ପ୍ରଭୁ ଏବଂ ସେମାନଙ୍କ ନିଷ୍ପତ୍ତି/ମତାମତ ହିଁ ସର୍ବଶେଷ। ଏହି ଶାସନ ବ୍ୟବସ୍ଥାରେ ଅହଂ, ସ୍ୱୈରଚାର, ଏକଚାଟିଆ ବା ମନମୁଖି ଆଭିମୁଖ୍ୟର କୌଣସି ସ୍ଥାନ ନାହିଁ। ଗତ ବାରବର୍ଷରେ ସିଏଏ ଓ କୃଷି ଆଇନ ପରି ଦୁଇଦୁଇଟି ଘଟଣାରେ କେନ୍ଦ୍ର ସରକାରଙ୍କ ମନମୁଖି ଶାସନ ପରାଭବର ସାମ୍ନା କରିଥିଲେ ମଧ୍ୟ କୌଣସି ମନ୍ତ୍ରୀ ଇସ୍ତଫା ଦେବାକୁ ପଡ଼ି ନଥିଲା କି କାହାକୁ ବରଖାସ୍ତ କରାଯାଇ ନଥିଲା। ଯାହା ବାରବର୍ଷରେ ଘଟି ନଥିଲା ତାହା ଜେନ୍ ଜେଡ୍ ଗୋଷ୍ଠୀ କରି ଦେଖାଇଲେ। ଏହା ପ୍ରମାଣ କଲା ଯେ ମନୋବଳ ଦୃଢ଼, ଲକ୍ଷ୍ୟ ସ୍ଥିର, ଆଭିମୁଖ୍ୟ ସ୍ୱଚ୍ଛ ଓ କାର୍ଯ୍ୟାବଳୀ ନିଃସ୍ୱାର୍ଥପର ହେଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କିଛି ଅସମ୍ଭବ ନୁହେଁ କି କେହି ଦୁର୍ଜେୟ ନୁହନ୍ତି। ଅନେକ ପ୍ରାରମ୍ଭିକ ବାଧାବିଘ୍ନ ସତ୍ତ୍ୱେ ଶେଷରେ ଗଣତନ୍ତ୍ରର ହିଁ ବିଜୟ ହୁଏ।

ଯଦି କେନ୍ଦ୍ର ସରକାର ନିଜ ଅହଂକୁ ପରିହାର କରି ଗଣଦାବିକୁ ସ୍ୱୀକାର କରିବାରେ ଆଉ ଅଧିକ ବିଳମ୍ବ କରିଥା'ନ୍ତେ ତେବେ ସିଜେପିର ଆନ୍ଦୋଳନ ପ୍ରତିମୁହୂର୍ତ୍ତରେ ଆହୁରି ଅଧିକରୁ ଅଧିକ ଜନସମର୍ଥନ ଲାଭ କରି ବଳିଷ୍ଠ ହୋଇ ଜନ-ମହାସମୁଦ୍ରର ରୂପ ନେଇଥା'ନ୍ତା ଏବଂ ତା'ର ଲହରି ଓ ଗର୍ଜନ ସାରା ଦେଶରେ ବିକ୍ଷୋଭର ସୁନାମି ସୃଷ୍ଟି କରିଥା'ନ୍ତା। ତା' ପରେ ହୁଏତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ସେନା ମୁତୟନ କରିବାକୁ ପଡ଼ିଥା'ନ୍ତା, ଯାହା ବିଶ୍ୱ ଦରବାରରେ ସର୍ବବୃହତ୍ ଗଣତନ୍ତ୍ରକୁ ନିନ୍ଦିତ କରିଥା'ନ୍ତା। ହୁଏତ ବାଂଲାଦେଶ ଓ ନେପାଳ ଅନୁକ୍ରମରେ ଭାରତ ସରକାରଙ୍କୁ ମଧ୍ୟ ଇସ୍ତଫା ଦେବାକୁ ପଡ଼ିଥା'ନ୍ତା। ଏହାର ସୁଯୋଗ ନେଇ ବାହ୍ୟ ତତ୍ତ୍ୱ ଭାରତରେ ଅସ୍ଥିରତା, ହିଂସା ସୃଷ୍ଟି କରିବାରେ ଆଦୌ ପଶ୍ଚାତପଦ ହୋଇ ନ ଥା'ନ୍ତା। କିନ୍ତୁ ଦୂରଦର୍ଶୀ ଭାରତ ସରକାର ବିଜ୍ଞତାର ପରିଚୟ ଦେଇ ସ୍ଥିତି ଅଧିକ ବିଗିଡ଼ିବା ପୂର୍ବରୁ ବେଳ ହୁଁ ସିଜେପିର ଦାବିକୁ ଗ୍ରହଣ କରିନେଇଛନ୍ତି ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ସିଜେପି ଆନ୍ଦୋଳନର ଯୁଗାନ୍ତକାରୀ ବାର୍ତ୍ତା ହେଲା ବୁଦ୍ଧ ଓ ଗାନ୍ଧୀଙ୍କ ଭୂମିରେ ହିଂସାର ସ୍ଥାନ ନାହିଁ। ବାଂଲାଦେଶ ଓ ନେପାଳର ଜେନ୍ ଜେଡ୍ ଭଳି ହିଂସା ଉପାୟରେ ଦାବି ହାସଲ କରିବାର ପଥ ଉନ୍ମୁକ୍ତ ଥିଲେ ହେଁ ତାହାକୁ ଭାରତର ଜେନ୍ ଜେଡ୍ ପରିହାର କରି ଅହିଂସ ପଥକୁ ଚୟନ କରିଛନ୍ତି। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରର ଏହି ଉପଲବ୍ଧି ସମଗ୍ର ବିଶ୍ୱ ପାଇଁ ଏକ ସକାରାତ୍ମକ ବାର୍ତ୍ତା। ଏହା ପୁଣି ଥରେ ପ୍ରମାଣିତ କରିଛି ଯେ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ ଶାସନ ବ୍ୟବସ୍ଥା ଏବଂ ଅହିଂସାର ମାର୍ଗ ହିଁ ଦାବି ହାସଲ କରିବାର ସର୍ବୋତ୍ତମ ବିକଳ୍ପ। ଭାରତର ଜେନ୍ ଜେଡ୍ ବର୍ଗ ଏହି ଆନ୍ଦୋଳନ ଜରିଆରେ ପୂର୍ବଜ ବରିଷ୍ଠ ଓ ଅଭିଜ୍ଞ ନେତୃବର୍ଗଙ୍କ ପାଇଁ ମଧ୍ୟ ଏକ ସନ୍ଦେଶ ଦେଇଛନ୍ତି। ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି ଯେ ଦଳୀୟ ନୀତି ଓ ଆଦର୍ଶ ଯଦି ଜନସ୍ୱାର୍ଥ ସମ୍ବଳିତ ହୁଏ ତେବେ ଦଳ-ମତ-ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ସାରା ଭାରତର ସମର୍ଥନ ମିଳିପାରିବ। ଆନ୍ଦୋଳନର ଆଗଧାଡ଼ିର କର୍ମକର୍ତ୍ତାମାନେ ଆହୁରି ମଧ୍ୟ ପ୍ରମାଣ କରିଛନ୍ତି ଯେ ସମସ୍ତେ ବିକ୍ରିଯୋଗ୍ୟ ନୁହନ୍ତି ଏବଂ ଭାରତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ତଥାପି ବଞ୍ଚିଛି।

ସର୍ବୋପରି ଭାରତର ଗଣତନ୍ତ୍ର ସୁପ୍ତପ୍ରାୟ ବୋଲି ସୃଷ୍ଟି ହୋଇସାରିଥିବା ଧାରଣା ଯେ ନିରାଧାର ତାହା ସିଜେପି ଆନ୍ଦୋଳନରୁ ଅନୁଭୂତ ହୋଇଛି। ଗଣତନ୍ତ୍ର ପ୍ରତି ସୃଷ୍ଟି ହୋଇଥିବା ହତାଶା ମରୁରେ ସିଜେପି ଆନ୍ଦୋଳନ ସଞ୍ଜୀବନୀ ସଞ୍ଚାର କରିଛି। ଏହାକୁ ପରିପୁଷ୍ଟ କରିବା ପୂର୍ବଜ ଓ ଉତ୍ତରପିଢ଼ିଙ୍କ ଦାୟିତ୍ୱ।

# ଲକ୍ଷ୍ମୀ ପୁରାଣ: ନାରୀର ସ୍ୱାଧୀନ ସ୍ୱରର ଉଚ୍ଚାରଣ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ନିକଟରେ ଓଡ଼ିଶା ସରକାର ବଳରାମ ଦାସଙ୍କ 'ଲକ୍ଷ୍ମୀ ପୁରାଣ'ର ଏକକୋଟି ସଂଶୋଧିତ ପ୍ରତିମୁଦ୍ରଣ ଓ ବିତରଣ କରିବା ସହ ସନ୍ଥକବିଙ୍କ ସ୍ମୃତିରେ 'ଲକ୍ଷ୍ମୀ ପୁରାଣ କରିଡର' ନିର୍ମାଣର ଘୋଷଣା କରିଛନ୍ତି। ଏହି ଘୋଷଣା ସ୍ୱାଭାବିକ ଭାବରେ ଭିନ୍ନଭିନ୍ନ ମହଲରେ ନାନା ବିଚାରବିମର୍ଶ ତଥା ବିତର୍କର ସୂତ୍ରପାତ କରିଛି। କେହି ଏହାକୁ ବର୍ତ୍ତମାନ ସରକାରଙ୍କ ଓଡ଼ିଆ ଅସ୍ମିତାର ପ୍ରତିଷ୍ଠା ଓ ସାଂସ୍କୃତିକ ପୁନର୍ଜାଗରଣ ପ୍ରତି ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ବୋଲି କହୁଥିବା ବେଳେ ଅନେକ ମଧ୍ୟ ଏହା ସଂପୂର୍ଣ୍ଣ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ସେଥିପାଇଁ ଏକ ବିବଦମାନ ସରକାରୀ ପଦକ୍ଷେପ ବୋଲି କହୁଛନ୍ତି। ଏହି ସବୁ ପ୍ରତିକ୍ରିୟା ଖୁବ୍ ସ୍ୱାଭାବିକ ଅବଶ୍ୟ।

ତେବେ ଏହି ଚର୍ଚ୍ଚା, ବିଚାର ବିମର୍ଶ କିମ୍ବା ମତମତାନ୍ତର ସବୁର ଉତ୍ତେଜକ ଆବହାୱାରେ ଅତି ମହତ୍ତ୍ୱପୂର୍ଣ୍ଣ ମୌଳିକ ପ୍ରଶ୍ନ ପ୍ରାୟ ଅନୁଚ୍ଚାରିତ। ତାହା ହେଉଛି : ଆମେ ଏ ଦୀର୍ଘ ଚାରିଶହ ବର୍ଷ ଭିତରେ ଓଡ଼ିଆ ମନୀଷା-ସୃଷ୍ଟ ଏହି ଗ୍ରନ୍ଥଟିକୁ କ'ଣ ସତରେ କେବେ ଗଭୀରତାର ସହିତ ପଢ଼ିଛେ; ତା'ର ମୂଲ୍ୟାୟନ କରିବାର ପ୍ରଚେଷ୍ଟା କରିଛେ ନା କେବଳ ଭାକ୍ତିକ ବିହ୍ୱଳତା ପ୍ରଦର୍ଶନ କରି ତା'ର ଅର୍ଚ୍ଚନ, ବନ୍ଦନ କରିବାରେ ସନ୍ତୁଷ୍ଟ ରହିଛେ? ଏହା ସତ୍ୟ ଯେ ଆମେ 'ଲକ୍ଷ୍ମୀ ପୁରାଣ'କୁ ମୁଖ୍ୟତଃ ଏକ ଧାର୍ମିକ ଗ୍ରନ୍ଥ ଭାବରେ ଗ୍ରହଣ କରିଛେ ଏବଂ ତତ୍ସହିତ ଭିନ୍ନ ଭିନ୍ନ ଧର୍ମୀୟ ଓ ବୌଦ୍ଧିକ ବିଚାର-ଆଲୋଚନାର ମଞ୍ଚମାନଙ୍କରେ ପଞ୍ଚଦଶ ଶତାବ୍ଦୀର ଏହି ଧାର୍ମିକ ଗ୍ରନ୍ଥରେ ଜାତିଭେଦ ତଥା ଅସ୍ପୃଶ୍ୟତା-ବିରୋଧୀ ସ୍ୱର କେତେ ବିସ୍ମୟକର ଭାବରେ ସ୍ପଷ୍ଟ ଓ ତୀବ୍ର ଥିଲା କହି ଖୁବ୍ ଗର୍ବ ଓ ଗୌରବ ଅନୁଭବ କରିଛେ। 'ଲକ୍ଷ୍ମୀ ପୁରାଣ'ର ଭାବବସ୍ତୁ ପ୍ରତି ଆମର ଏଇ ଆଭିମୁଖ୍ୟ ଆଦୌ ନିରାଧାର ନୁହେଁ।

ଏଥିରେ ଦ୍ୱିମତ ନାହିଁ ଯେ ଏହା ଏକ ଧାର୍ମିକ ଗ୍ରନ୍ଥ ହୋଇଥିଲେ ମଧ୍ୟ ଏହାର ଭାବବସ୍ତୁ ଦୃଷ୍ଟିରୁ ବିଚାର କଲେ ଏହା ହିନ୍ଦୁଧର୍ମ ବା ବ୍ରାହ୍ମଣ୍ୟ ଧର୍ମର ବର୍ଣ୍ଣବ୍ୟବସ୍ଥା-ବିରୋଧୀ ଗ୍ରନ୍ଥ ମଧ୍ୟ। ମାତ୍ର ଏହାର ବିଶେଷତ୍ୱ ଓ ଅନନ୍ୟତା ପ୍ରକୃତରେ କ'ଣ, ତାହା ସ୍ପଷ୍ଟ ହୋଇଥାଏ ଯେତେବେଳେ ଆମେ ଏହାକୁ ଏକ ସାହିତ୍ୟକୃତି ଭାବରେ ଗ୍ରହଣ କରି ବିଶ୍ୱ ସାହିତ୍ୟର ପ୍ରେକ୍ଷାପଟରେ ଏହାର ମୂଲ୍ୟାୟନ କରିଥାଉ। ସେତିକିବେଳେ ମଧ୍ୟ ସ୍ପଷ୍ଟ ହୋଇଥାଏ ଯେ ପ୍ରାଚୀନ ମଧ୍ୟଯୁଗୀୟ କାଳଖଣ୍ଡରେ ନାରୀ-ସ୍ୱାଧୀନତା ଓ ନାରୀ-ସାର୍ବଭୌମତାର ବାର୍ତ୍ତା ପ୍ରଦାନ କରୁଥିବା ସାହିତ୍ୟିକ ରଚନାମାନଙ୍କ ମଧ୍ୟରେ 'ଲକ୍ଷ୍ମୀ ପୁରାଣ'ର ସ୍ଥାନ ସ୍ୱତନ୍ତ୍ର। ନାରୀର ସ୍ୱାଧୀନ ନୈତିକ ସତ୍ତା, ସାମାଜିକ ନ୍ୟାୟ ଓ ମାନବୀୟ ସମତାର ଉଦ୍‌ଘୋଷଣା କରୁଥିବା ସାହିତ୍ୟିକ କୃତିମାନଙ୍କ ମଧ୍ୟରେ ଏହା ହେଉଛି ସର୍ବଶ୍ରେଷ୍ଠ।

ଏହି ସନ୍ଦର୍ଭରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠେ ଯେ ନାରୀର ସ୍ୱାଧୀନତା ବା ସ୍ୱାୟତ୍ତତା ସଂପର୍କିତ ଭାବବସ୍ତୁର ସ୍ପଷ୍ଟ ଆଭାସ ପ୍ରଥମେ କେଉଁ ପ୍ରାଚୀନ ସାହିତ୍ୟିକ ସୃଷ୍ଟିରେ ଉପଲବ୍ଧ? ଏ ପ୍ରଶ୍ନର ଉତ୍ତର ମିଳିଥାଏ ଦୁଇ ହଜାର ବର୍ଷ ତଳେ ରଚିତ ହୋଇଥିବା ବିଶ୍ୱର ପ୍ରାଚୀନତମ ନାରୀ କବିତା ସଂକଳନ 'ଥେରୀଗାଥା'ରୁ। ବହୁ ଐତିହାସିର ଏକମତ ଯେ ବୌଦ୍ଧ ସାହିତ୍ୟର ଏହି ଅତୁଳନୀୟ କୃତିରେ ପ୍ରଥମେ ପରିସ୍ଫୁଟିତ ହୋଇଥିଲା ନାରୀ ସ୍ୱାଧୀନତା କେନ୍ଦ୍ରିକ ଚେତନା ଓ ସ୍ୱର। 'ଥେରୀଗାଥା'ରେ ନାରୀ ପ୍ରଥମେ ନିଜ କଣ୍ଠରେ କହିଥିଲା - 'ମୋ ଜୀବନ ଏକାନ୍ତ ଭାବରେ ମୋର ଓ ମୋ ଜୀବନର ନିଷ୍ପତ୍ତି ମୁଁ ହିଁ ନେବି-ମୋ ସ୍ୱାଧୀନ ଇଚ୍ଛାରେ'।

ଏହି କବିତା ସଂକଳନରେ ବୌଦ୍ଧ ଭିକ୍ଷୁଣୀମାନେ ବାରମ୍ବାର ଘୋଷଣା କରିଛନ୍ତି- 'ଆମର ମୁକ୍ତି ଲୋଡ଼ା ପାରିବାରିକ ବନ୍ଧନସବୁରୁ। ଶିଶୁର କାନ୍ଦ ହେଉ କି ହସ ହେଉ, ସ୍ୱାମୀର ସୋହାଗ ହେଉ କି ଅବହେଳା ହେଉ, ଗୃହାଙ୍ଗନର ନିରାପତ୍ତା ହେଉ କି ପୁରୁଷମାନଙ୍କ ସହାୟତା ପ୍ରଦାନକାରୀ କୃପାଦୃଷ୍ଟି ହେଉ - ଏ ପ୍ରତ୍ୟେକଟି ଆମ ପାଇଁ ମୂଲ୍ୟହୀନ। କାରଣ ଆମେ ଆମର ଅନ୍ତର୍ସତ୍ତାର ସ୍ୱର ଶୁଣି ସାରିଛୁ। ଆମେ ସ୍ୱାଧୀନ ଓ ସ୍ୱଆୟତ୍ତାଧୀନ'। 'ଥେରୀଗାଥା'ର କବିତା ପାଠ କଲେ ସ୍ପଷ୍ଟ ଜଣାପଡ଼ିଥାଏ ଯେ ମାନବ ଇତିହାସରେ ପ୍ରଥମ ଥର ପାଇଁ ନାରୀ ନିଜ ଜୀବନର କାହାଣୀ ନିଜେ ଲେଖୁଛି; ସେ ଆଉ କାହାର କାହାଣୀର ପାତ୍ର ନୁହେଁ, ସେ ନିଜେ ନିଜ ଜୀବନର କଥକ।

'ଥେରୀଗାଥା'ର ସୃଷ୍ଟି ଠାରୁ ପ୍ରାୟ ପନ୍ଦରଶହ ବର୍ଷ ପରେ ପଞ୍ଚଦଶ ଶତାବ୍ଦୀର ଓଡ଼ିଆ ସନ୍ଥ କବି ବଳରାମ ଦାସ ଏମିତି ଏକ ନାରୀ-ଚରିତ୍ରର ମର୍ମସ୍ପର୍ଶୀ ଚିତ୍ରଣ



କଲେ, ଯିଏ କେବଳ ନିଜ ମୁକ୍ତିର କଥା କହିଲେ ନାହିଁ, - ସେ ସମାଜକୁ ବଦଳାଇବାର ଦାୟିତ୍ୱ ନିଜ କାନ୍ଧରେ ମଧ୍ୟ ନେଲେ। ଲକ୍ଷ୍ମୀ ଠାକୁରାଣୀ ହେଲେ ନାରୀ-ଚରିତ୍ରର ପ୍ରତିନିଧି। ପ୍ରଭୁ ବଳରାମ ଓ ପ୍ରଭୁ ଜଗନ୍ନାଥ ହେଲେ ପୁରୁଷ -ପ୍ରାଧାନ୍ୟ ପାରିବାରିକ ତଥା ସାମାଜିକ ବ୍ୟବସ୍ଥାର ପ୍ରତିଭୂ। ସାମାଜିକ ଅସମାନତା, ଜାତିବର୍ଣ୍ଣ ଆଧାରିତ ଭେଦଭାବ ତଥା ଅସ୍ପୃଶ୍ୟତାର ପୀଡ଼ନରୁ ମୁକ୍ତି ଖୋଜୁଥିବା ଆର୍ତ୍ତସ୍ୱରଟି ହେଲା ଶ୍ରୀୟା ଚଣ୍ଡାଳୁଣୀଙ୍କର।

'ଲକ୍ଷ୍ମୀ ପୁରାଣ'ର ଲକ୍ଷ୍ମୀ କିନ୍ତୁ 'ଥେରୀଗାଥା'ର ଭିକ୍ଷୁଣୀ ପରି ମୁକ୍ତି ଲୋଡ଼ି ନାହାନ୍ତି କୌଣସି ବନ୍ଧନରୁ, ବରଂ ବନ୍ଧନକୁ ସେ ଅଙ୍ଗୀକାର କରିଛନ୍ତି ଆପଣା ସର୍ତ୍ତରେ ଓ ଆପଣାର ସ୍ୱାଧୀନ ଇଚ୍ଛାରେ। 'ଥେରୀଗାଥା' ର ନାରୀ ଗୃହ ତ୍ୟାଗ କରି ମୁକ୍ତି ବା ନିର୍ବାଣ ଖୋଜିଛନ୍ତି ବୁଦ୍ଧ-ପ୍ରଦର୍ଶିତ ମାର୍ଗରେ। ମା' ଲକ୍ଷ୍ମୀ ଗୃହତ୍ୟାଗ କରିଛନ୍ତି, କିନ୍ତୁ ପୁନଶ୍ଚ ଗୃହକୁ ଫେରିଆସିଛନ୍ତି ଆପଣାର ସର୍ତ୍ତରେ। 'ଥେରୀଗାଥା'ର ନାରୀ ଦୁଃଖର ନିର୍ବାପନର ମାର୍ଗ ଖୋଜିଛନ୍ତି; ମା' ଲକ୍ଷ୍ମୀ ଖୋଜିଛନ୍ତି ସମାଜରୁ ଅନ୍ୟାୟ, ଅସମାନତା ଓ ଭେଦଭାବର ନିର୍ବାପନର ମାର୍ଗ। 'ଥେରୀଗାଥା'ରେ ମୁକ୍ତିର ପଥ ସନ୍ନ୍ୟାସ; 'ଲକ୍ଷ୍ମୀ ପୁରାଣ' ରେ ମୁକ୍ତିର ପଥ ସାମାଜିକ ନ୍ୟାୟ ଓ ସମତା। ଏହି ସୂକ୍ଷ୍ମ ଅଥଚ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଯୋଗୁଁ କବି ବଳରାମ ବିଶ୍ୱ ସାହିତ୍ୟର ଇତିହାସରେ ଆଧୁନିକ ନାରୀବାଦ କହିଲେ ଏବେ ଆମେ ଯାହା ବୁଝୁଛେ, ତା'ର ସର୍ବପ୍ରଥମ ପଥିକୃତ୍ ସାହିତ୍ୟିକ। ତାଙ୍କରି ଲେଖନୀ ସୃଷ୍ଟ 'ଲକ୍ଷ୍ମୀ ପୁରାଣ' ନାରୀର ସ୍ୱାଧୀନତା ଓ ସ୍ୱାଧୀନେଚ୍ଛାର ସର୍ବଶ୍ରେଷ୍ଠ ଉଚ୍ଚାରଣ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

# ପାଣିପାଗ ପୂର୍ବାନୁମାନ ଓ ଚାଷୀର ପ୍ରକୃତ ଆବଶ୍ୟକତା

**ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ**

ଜୁନ୍ ୨୦୨୬ ର ଶେଷ ସପ୍ତାହରେ ଓଡ଼ିଶାର ଅନେକ ଚାଷୀ ଏଭଳି ଏକ ପ୍ରଶ୍ନର ସମ୍ମୁଖୀନ ହେଉଛନ୍ତି, ଯାହା ପୂର୍ବ ପିଢ଼ିର ଚାଷୀମାନେ କଦାପି ଭାବି ନଥିଲେ। ୧୨ ଜୁନ୍‌ରେ ମୌସୁମୀ ଆଗମନ ହେବ ବୋଲି ଘୋଷଣା କରାଯାଇଥିଲେ ମଧ୍ୟ ଅନେକ ଚାଷୀ ସନ୍ଦେହରେ ଥିଲେ ଏବଂ ତଳିପକା କାମ ଆରମ୍ଭ କରିବାକୁ ସାହସ ବାନ୍ଧି ପାରି ନ ଥିଲେ। ଦଶନ୍ଧି ଦଶନ୍ଧି ଧରି ମୌସୁମୀ ଆସିଲେ ଚାଷ କାମ ଆରମ୍ଭ ହେଉଥିଲା। କିନ୍ତୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ବଦଳୁଥିବା ଆଚରଣ ଯୋଗୁଁ ଚାଷ କାର୍ଯ୍ୟର ଯୋଜନା କରିବା କଷ୍ଟକର ହୋଇପଡ଼ିଛି।

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଘୋଷଣା କରାଯାଉଥିବା ମୌସୁମୀ ଆଗମନର ଅର୍ଥ କେବଳ ବାୟୁମଣ୍ଡଳରେ ମୌସୁମୀ ପ୍ରବାହ ସୃଷ୍ଟି ହେବାକୁ ବୁଝାଏ। ଏହା ଗ୍ୟାରେଣ୍ଟି ଦିଏ ନାହିଁ ଯେ ସବୁଆଡ଼େ ଭଲ ଓ ଚାଷ ଉପଯୋଗୀ ବର୍ଷା ହେବ। ୨୦୦୯ ଏବଂ ୨୦୧୫ ରେ ମୌସୁମୀ ଠିକ୍ ସମୟରେ ଆସିଥିଲା। କିନ୍ତୁ ପରେ ଦୀର୍ଘ ଦିନ ଧରି ମରୁଡ଼ି ସଦୃଶ ସ୍ଥିତି ଦେଖାଦେଇ ଚାଷ ଉଜାଡ଼ି ଦେଇଥିଲା। ୨୦୨୩ ରେ ମଧ୍ୟ ଶୀଘ୍ର ମୌସୁମୀ ଆସିବା ପରେ ବର୍ଷା ଗାଏବ ହୋଇଯାଇଥିଲା। ଓଡ଼ିଶାରେ ୧୨ ଜୁନ୍‌ରେ ମୌସୁମୀ ଛୁଇଁଥିଲେ ମଧ୍ୟ ୩୦ ତାରିଖ ଶେଷ ସୁଦ୍ଧା ଅନେକ ସ୍ଥାନରେ ଚାଷ ପାଇଁ ପର୍ଯ୍ୟାପ୍ତ ବର୍ଷା ହୋଇ ନ ଥିଲା।

ଚାଷୀଙ୍କୁ କେବଳ ମୌସୁମୀ ଆଗମନର ତାରିଖ ନୁହେଁ, ବରଂ 'କୃଷିଭିତ୍ତିକ ମୌସୁମୀ ପ୍ରତିଷ୍ଠା'ର ସୂଚନା ଦରକାର। ଏହାର ଅର୍ଥ ହେଉଛି - ବର୍ଷା କେବେଠାରୁ ନିୟମିତ ଓ ପର୍ଯ୍ୟାପ୍ତ ହେବ, ଯାହାଦ୍ୱାରା ଚାଷୀ ନିର୍ଭୟରେ



ବିଲକୁ ଓହ୍ଲାଇପାରିବେ, ସମୁଦାୟ ବର୍ଷାର ପରିମାଣ କ'ଣ ଚାଷ ପାଇଁ ଯଥେଷ୍ଟ ଇତ୍ୟାଦି। ଆମେ ସାଧାରଣତଃ ମାସିକ କିମ୍ବା ଋତୁଭିତ୍ତିକ ସମୁଦାୟ ବର୍ଷାର ହିସାବ ଦେଖି ମୌସୁମୀ ଭଲ କି ମନ୍ଦ ଆକଳନ କରୁ। କିନ୍ତୁ ଫସଲ ପାଇଁ ପରିସଂଖ୍ୟାନ ନୁହେଁ, ବରଂ ଗଛ ବଢ଼ିବା ସମୟରେ ମାଟିରେ ରହୁଥିବା ଆର୍ଦ୍ରତା ଅଧିକ ଗୁରୁତ୍ୱପୂର୍ଣ୍ଣ। ୧୯୬୫ ଓ ୧୯୮୭ ଭଳି ବଡ଼ ମରୁଡ଼ି ବର୍ଷରେ ବର୍ଷାର ପରିମାଣ ବହୁତ କମ୍ ଥିଲା। କିନ୍ତୁ ୨୦୦୨, ୨୦୦୯, ୨୦୧୫, ୨୦୨୩ ଓ ୨୦୨୬ରେ ବର୍ଷାର ସମୁଦାୟ ପରିମାଣ ପ୍ରାୟ ସ୍ୱାଭାବିକ ଥିଲେ ମଧ୍ୟ ଦୀର୍ଘ ଦିନ ଧରି ବର୍ଷା ନହେବା ଯୋଗୁଁ ମାଟି ଶୁଖିଗଲା ଏବଂ ଫସଲ ନଷ୍ଟ ହେଲା। ଯଦି ଗୋଟିଏ ମାସରେ ମାତ୍ର ୨ ରୁ ୩ ଦିନ ପ୍ରବଳ ବର୍ଷା ହୋଇଯାଏ ଏବଂ ବାକି ଦିନଗୁଡ଼ିକ ଶୁଖିଲା ରହେ ତେବେ କାଗଜପତ୍ରରେ ବର୍ଷାର ପରିମାଣ ଠିକ୍ ଦେଖାଯିବ, କିନ୍ତୁ ତାହା ଫସଲ ପାଇଁ କ୍ଷତିକାରକ।

ଧାନ ଚାଷରେ ଗଜା ହେବା, କାନ୍ଥେଇବା, କେଣ୍ଡା ବାହାରିବା, ଫୁଲ ଆସିବା ଏବଂ ଧାନ କ୍ଷୀର ହେବା ସମୟରେ ପାଣିର ନିହାତି ଆବଶ୍ୟକତା ଥାଏ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ବର୍ଷା ନହେଲେ, ପରବର୍ତ୍ତୀ ସମୟରେ ପ୍ରବଳ ବର୍ଷା ହେଲେ ମଧ୍ୟ ତାହା ଫସଲକୁ ବଞ୍ଚାଇ ପାରିବ ନାହିଁ। ତେଣୁ ବର୍ଷାର ପରିମାଣ ଅପେକ୍ଷା ବର୍ଷାର ନିୟମିତତା ଅଧିକ ଜରୁରୀ। ଚାଷୀମାନଙ୍କୁ ପ୍ରକୃତରେ କେଉଁ ସୂଚନା ଦରକାର? ଏହାର ସହଜ ଉତ୍ତର ହେଉଛି 'ମାଟିର ଆର୍ଦ୍ରତା'। ମାଟିର ଆର୍ଦ୍ରତା ହିଁ ପାଣିପାଗ ଓ କୃଷିକୁ ପରସ୍ପର ସହ ଯୋଡ଼ିଥାଏ। ବର୍ଷା, ତାପମାତ୍ରା, ବାଷ୍ପୀଭବନ ଓ ପବନର ଗତିକୁ ଆଧାର କରି ଗଛର ଚେର ଥିବା ସ୍ଥାନରେ କେତେ ପାଣି ଅଛି, ତାହା ଉପରେ ଫସଲର ବୃଦ୍ଧି ନିର୍ଭର କରେ। ୨୦୦୨, ୨୦୦୯, ୨୦୧୫, ୨୦୨୩ ଏବଂ ଏହି ୨୦୨୬ ରେ କୃଷି କ୍ଷେତ୍ରରେ ସମସ୍ୟା କେବଳ ବର୍ଷାର ଅଭାବ ଯୋଗୁଁ ହୋଇନାହିଁ, ବରଂ ଦୀର୍ଘ ଦିନର ଶୁଖିଲା ପାଗ ଓ ଅଧିକ ତାପମାତ୍ରା ଯୋଗୁଁ ମାଟିର ଓଦାପଣ ଶୀଘ୍ର କମିଯିବା କାରଣରୁ ହୋଇଛି। ଏଭଳି ସ୍ଥିତିରେ କେବଳ ବର୍ଷାର ପରିସଂଖ୍ୟାନ ଚାଷର ପ୍ରକୃତ ଅବସ୍ଥା ଦର୍ଶାଇପାରେ ନାହିଁ।

ଆଧୁନିକ ଜଳସେଚନ ପରିଚାଳନାରେ ଦୁଇଟି ମୁଖ୍ୟ ପଦ୍ଧତି ବ୍ୟବହାର କରାଯାଉଛି। ପ୍ରଥମ ପଦ୍ଧତିରେ ମାଟିରୁ କେତେ ପରିମାଣର ପାଣି କମିଲେ ଫସଲ ଖରାପ ହେବ ତା'ର ଆକଳନ କରାଯାଏ ଏବଂ ଦ୍ୱିତୀୟ ପଦ୍ଧତିରେ ପ୍ରତିଦିନ ବାଷ୍ପୀଭବନ ଦ୍ୱାରା କେତେ ଜଳ ନଷ୍ଟ ହେଉଛି ଏବଂ ତାହା ବର୍ଷା ବା ଜଳସେଚନ ଦ୍ୱାରା କେମିତି ଭରଣା ହେଉଛି, ତା'ର ଦୈନିକ ହିସାବ ରଖାଯାଏ। ତେଣୁ ବର୍ତ୍ତମାନର ବଦଳୁଥିବା ମୌସୁମୀ ସ୍ଥିତିରେ ବର୍ଷାଭିତ୍ତିକ ଚାଷ ପାଇଁ ମଧ୍ୟ ମାଟିର ଆର୍ଦ୍ରତା ସମ୍ପର୍କିତ ଆଭିମୁଖ୍ୟ ପ୍ରାସଙ୍ଗିକ ହୋଇପଡ଼ିଛି। ଚାଷୀଙ୍କୁ ଠିକ୍ ସମୟରେ ଜଣାଇବା ଦରକାର ଯେ ସେମାନଙ୍କ ଜମିର ମାଟିରେ କେତେ ପରିମାଣର ଆର୍ଦ୍ରତା ଅଛି, ତାହା କେତେ ଶୀଘ୍ର ଶୁଖୁଛି ଏବଂ ଆଗକୁ ବର୍ଷା ଦ୍ୱାରା ତାହା ଭରଣା ହେବାର ସମ୍ଭାବନା କେତେ। ଏହା ଜାଣିଲେ ଯାଇ ଚାଷୀ ଠିକ୍ ସମୟରେ ସଠିକ୍ ଭାବେ ତଳି ପକାଇବା ବା ରୁଆ କାମ କରିପାରିବେ।

ବଦଳୁଥିବା ମୌସୁମୀ କାରଣରୁ ଚାଷୀଙ୍କୁ କେବଳ 'ମୌସୁମୀ ଆସିଲା କି ନାହିଁ' ଜାଣିବା ଯଥେଷ୍ଟ ନୁହେଁ। ବର୍ତ୍ତମାନ ଚାଷୀଙ୍କୁ ଦୁଇଟି ପ୍ରଶ୍ନର ଉତ୍ତର ଆବଶ୍ୟକ। ପ୍ରଥମଟି ହେଉଛି କୃଷିଭିତ୍ତିକ ମୌସୁମୀ ସ୍ଥିର ହେଲା କି? ଏବଂ ଦ୍ୱିତୀୟ, ଫସଲ ବଞ୍ଚାଇବା ପାଇଁ ମାଟିରେ ପ୍ରକୃତ ଆର୍ଦ୍ରତା ଅଛି କି? ଏହି ପ୍ରଶ୍ନଗୁଡ଼ିକର ଉତ୍ତର କେବଳ ମୌସୁମୀ ଆସିବାର ତାରିଖ କିମ୍ବା ବର୍ଷାର ସମୁଦାୟ ପରିମାଣରୁ ମିଳିପାରିବ ନାହିଁ। ଏଥିପାଇଁ କୃଷିଭିତ୍ତିକ ସୂଚକାଙ୍କ ଆବଶ୍ୟକ, ଯାହା ପାଣିପାଗ ସୂଚନାକୁ ଚାଷ କାର୍ଯ୍ୟର ସହଜ ନିଷ୍ପତ୍ତିରେ ବଦଳାଇପାରିବ। ଏହି ନୂତନ କୃଷି ସୂଚକାଙ୍କ କିଏ ପ୍ରସ୍ତୁତ କରିବ, କେମିତି ବିକାଶ କରାଯିବ ଏବଂ ଏହା କିଭଳି ଚାଷୀଙ୍କ ପାଖରେ ସହଜରେ ପହଞ୍ଚିପାରିବ ତାହା ହିଁ ଭାରତର ଆଗାମୀ ପିଢ଼ିର କୃଷି-ପାଣିପାଗ ପରାମର୍ଶ ସେବାର ଭବିଷ୍ୟତ ନିର୍ଦ୍ଧାରଣ କରିବ।

ଭୁବନେଶ୍ୱର
ମୋ: ୭୭୩୫୩୭୪୯୭

# ନୀଳାଦ୍ରିବିଜେର ଲୀଳା ବୈଶିଷ୍ଟ୍ୟ

**ଡ. ଶରତ ଚନ୍ଦ୍ର ପରିଡ଼ା**

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଲୀଳାପୁରୁଷ ଶ୍ରୀଜଗନ୍ନାଥଙ୍କ 'ନୀଳାଦ୍ରିବିଜେ' ରଥଯାତ୍ରାର ଅଷ୍ଟମ ତଥା ଶେଷ ଚରଣ। ପ୍ରିୟ ଗୁଣ୍ଡିଚା ମଣ୍ଡପରେ ଜନ୍ମବେଦୀ ମହୋତ୍ସବ ଲୀଳା ଭିଆଇ ବାହୁଡ଼ାଦଶମୀରେ ନୀଳାଦ୍ରିକୁ ଫେରନ୍ତି ଶ୍ରୀମନ୍ଦିରର ଅଧିଷ୍ଠାତା ନୀଳାଦ୍ରିବିହାରୀ ନୀଳାଦ୍ରୀଶ ନୀଳଶୈଳଶିରୋମଣି।

ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭଉଣୀକୁ ସାଥିରେ ଧରି ଘୋଷଯାତ୍ରାରେ ଶ୍ରୀଜଗନ୍ନାଥ ପଳାଇଥିବାରୁ ସେ ଦୋଷୀ। ଅଭିମାନିନୀ ଲକ୍ଷ୍ମୀ ନୀଳାଦ୍ରୀଶଙ୍କୁ ନୀଳାଦ୍ରି ପ୍ରବେଶ ନିଷେଧ କରିଦିଅନ୍ତି। ସିଂହଦ୍ୱାର ଦରଜାର କଂସା କବାଟ ବନ୍ଦ ଅର୍ଥାତ୍ 'କବାଟକୀଳା' ନୀତି ଅନୁଷ୍ଠିତ ହୁଏ। ଲକ୍ଷ୍ମୀଙ୍କ ପ୍ରାର୍ଥନାରେ ଇନ୍ଦ୍ର ପ୍ରବଳ ବର୍ଷାରେ ଭିଜାଇ ଦେବାରୁ ଶ୍ରୀଜଗନ୍ନାଥ ତିନ୍ତି ତିନ୍ତି ଥରିବାକୁ ଲାଗନ୍ତି। ଜଗତର ନାଥ ନିଜର ଅନିଚ୍ଛାକୃତ ଦୋଷ ସ୍ୱୀକାର କରି କ୍ଷମା ମାଗିବାର ସମ୍ବାଦ ଲକ୍ଷ୍ମୀ ଠାକୁରାଣୀଙ୍କ ପାଖରେ ପହଞ୍ଚେ। ଜଗଜ୍ଜନନୀଙ୍କ କ୍ରୋଧର ନିଆଁ ଶୀତଳ ହେବାରୁ ପତିଦେବତାଙ୍କୁ ଝିଙ୍ଗାସ ବଚନ କହିଥିବାରୁ ତାଙ୍କ ଛାତି ଫାଟିଗଲା ପରି ଲାଗେ। ଦ୍ୱାର ଖୋଲି ଦେବାକୁ କହି କାନ୍ଦିବାକୁ ଲାଗନ୍ତି।

ସିଂହଦ୍ୱାର ସିନା ଖୋଲିଗଲା, ହେଲେ ଜୟବିଜୟ ଦ୍ୱାର ବନ୍ଦ। ସେଠାରେ ଚିତ୍ତାକର୍ଷକ ଲକ୍ଷ୍ମୀନାରାୟଣ ବଚନିକା ପର୍ଯ୍ୟାୟ ଆରମ୍ଭ ହୁଏ। ପ୍ରଥମେ ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ଶ୍ରୀଜଗନ୍ନାଥ ପୁରୁଷ ସୁଲଭ ଚାଟୁ ବାକ୍ୟ କହନ୍ତି: 'ନବ ଦିନ ମୋତେ ନବଯୁଗ ହେଲା ଶ୍ରୀମୁଖ ନଦେଖି ତୋର/ ଝୁଲି ଝୁଲି ଦେହ ଦୁର୍ବଳ ହେଲାଣି ପାଦ ନଚଳଇ ମୋର।' ଏତକ କହି ଆଉ ରୋଷ ନକରି ତାଙ୍କୁ କ୍ଷମା କରିଦେବା ପାଇଁ ପତ୍ନୀପ୍ରିୟଙ୍କ ପ୍ରାର୍ଥନା କରନ୍ତି। ଅନ୍ୟପକ୍ଷରେ ଲକ୍ଷ୍ମୀ ଠାକୁରାଣୀ ଜଗନ୍ନାଥଙ୍କ ଚାଟୁବାକ୍ୟ ଶୁଣି କଟୁ ବାକ୍ୟ ପ୍ରୟୋଗ କରିଛନ୍ତି: 'ଯାଅ ଯାଅ ଫେରି ନୀଳାଦ୍ରି ବିହାରୀ ଭଉଣୀକି ସଙ୍ଗେ ନିଅ/ ଛାଡ଼ି କରି ଗଲେ ଦୁଃଖ କରିବଟି ନନ୍ଦରାଜାର ଝିଅ।' ଶ୍ରୀଜଗନ୍ନାଥ କୈଫିୟତ୍ ଦେଇ ଯୁକ୍ତି ବାଢ଼ନ୍ତି :



'ଜ୍ୟେଷ୍ଠ ସହୋଦର ତୋର ଦେଢ଼ଶୁର ସେ ସଙ୍ଗତେ ଥିଲେ ଯେଣୁ/ ଏକଥା ଚିତ୍ତେ ବିଚାରିଣ ତୋତେ ସଙ୍ଗତେ ନନେଲି ତେଣୁ।'

ନାରୀମାନଙ୍କର ବସ୍ତ୍ରଆଭୂଷଣ ପ୍ରତି ଅହେତୁକ ଦୁର୍ବଳତା ଥିବା ଜଗତର ନାଥ ଭଲ ଭାବରେ ଜାଣି ମହାଲକ୍ଷ୍ମୀଙ୍କ ମନ ମୋହିବା ପାଇଁ ମନଲୋଭା ଉପହାର ସବୁ ଆଣିଛନ୍ତି। ପ୍ରାଣପ୍ରିୟା ପତ୍ନୀଙ୍କ ପାଇଁ ଦୁଦୁରା, ତାଡ଼କୀ, ଯବଦଣ୍ଡୀ, ସମ୍ବଲପୁରିଆ ବାଙ୍କ ଡେଉଁରିଆ, ଶୁଆବସା ନାକଗୁଣା, ଚିନାମାଳ, ହୃଦୟକୁ ପଦକ, ପାଦକୁ ବାଜେଣି, ହାତକୁ ବଳା, ମରକତ ଚୁଡ଼ି ଆଦି ନାନା ରତ୍ନ ଅଳଙ୍କାର ଓ କଳାମେଘୀ ଶାଢ଼ି ଭେଟି ଦେଇ କହନ୍ତି : 'ଫେଡ଼ ଫେଡ଼ କମଳିନୀ ଗୋ ଫେଡ଼ ଗୋ କବାଟ/ ତୁମ ପାଇଁ ଆଣିଛି ମୁଁ ଚିତ୍ରମେଘୀ ପାଟ।' ରତ୍ନାକର ସୁତା ଐଶ୍ୱର୍ଯ୍ୟଦାତ୍ରୀ ଲୋଭନୀୟ ବସ୍ତ୍ରାଳଙ୍କାରରେ ପ୍ରଲୁବ୍ଧ ନହୋଇ ବାପଘରର ବଡ଼ପଣ କଥା ମନେ ପକାନ୍ତି। ନିଜ ଭାଗ୍ୟକୁ ନିନ୍ଦନ୍ତି : 'ଧିକ ମୋ ଜୀବନ ମୋ ବାପା ବରୁଣ, କାହିଁ ଦେଲା ଏଠି ବାହା/ ଗେରସ୍ତ ବୋଲି ମୁଁ ଯା' ହାତ ଧରିଲି, କହେ ନାହିଁ ସିଏ ଆହା।' ଲକ୍ଷ୍ମୀ ଜଗନ୍ନାଥଙ୍କୁ ତାଚ୍ଛଲ୍ୟ କରି ସେସବୁ ଉପହାର ଗୋପୀମାନଙ୍କ ମନୋରଞ୍ଜନ ପାଇଁ ଦେବା ପାଇଁ କହନ୍ତି। ରାଗରେ ମଣିଷର ମର୍ମ କଥା କହି ହୋଇଯାଏ। ଗୁପ୍ତ ବୃନ୍ଦାବନ ଗୁଣ୍ଡିଚାମନ୍ଦିରର ରାସଲୀଳା କଥା ଲକ୍ଷ୍ମୀ ଭଲ ଭାବରେ ଜାଣନ୍ତି। ତାହା ମାଧୁର୍ଯ୍ୟଲୀଳାର ପୀଠସ୍ଥଳୀ ହୋଇଥିବାରୁ ସେଠାରେ ଐଶ୍ୱର୍ଯ୍ୟର ଦେବୀ ମହାଲକ୍ଷ୍ମୀଙ୍କ ପ୍ରବେଶ ନିଷେଧ। ମହାପ୍ରଭୁଙ୍କ ସକଳ ଅନୁନୟ ବିନୟ ଲକ୍ଷ୍ମୀ ନବୁଝିବାରୁ ସେ କଠୋର ହୋଇ ଚରମ ନିଷ୍ପତ୍ତି ଶୁଣାଇଛନ୍ତି: 'ମୁଁ ହିଁ ବୋଲି ତୋର ଦାଉ ସମ୍ଭାଳିଛି ଆଉ କେ ପାରନ୍ତା ସହି/ ଘର ଛାଡ଼ି କରି କଉପୀନ ମାରି ଯାଆନ୍ତାଣି ଯୋଗୀ ହୋଇ। ତୁମ୍ଭେ ଗୋ ଇନ୍ଦିରେ ସର୍ବଜନେ କୃପା କର/ ଚାଣ୍ଡାଳୁ ଦ୍ୱିଜଙ୍କ ସେବା କର ଅଙ୍ଗୀକାର। ସେହି ମହାଭାବ ମୁଁହି ରଥେ ପ୍ରଚାରିବି/ ନବଦିନ ଯାତ୍ରା ରଚି ଜଗତେ ତାରିବି। ଭକତବତ୍ସଳ ନାମ ମୋର ଏଣୁ ଖ୍ୟାତ/ଏଥକୁ ଗୋ ପଦ୍ମାଳୟା ଭାବ ତୁ ଉଚିତ।' ଏପରି ଭାଇବୋହୂ ଓ ସାନଭାଇଙ୍କ ଦାମ୍ପତ୍ୟ କଳହକୁ ଘରର ଗୁରୁଜନ ବଡ଼ଭାଇ ବଳରାମ ଶୁଣି କଡ଼ା ଅନୁଶାସନ ଶୁଣାଇଛନ୍ତି- ଏପରି ଖଡ଼ବଡ଼ ଆଉ ଥରେ ଶୁଣିଲେ ସେ ନିଶ୍ଚୟ ଜଗନ୍ନାଥଙ୍କୁ ଭିନ୍ନ କରିଦେବେ।

ଉଭୟଙ୍କ ଚେତା ପଶେ। କବାଟ ଉନ୍ମୋଚିତ ହୁଏ। ଲୀଳାମୟ ଶ୍ରୀଜଗନ୍ନାଥ 'ଭିତିରି ବିଜେ' କରନ୍ତି। ମା'ଲକ୍ଷ୍ମୀ ପ୍ରାଣପ୍ରିୟଙ୍କୁ ଦେଖି ଭାବପ୍ରବଣତାରେ ଲୁହ ଝରାଇ କ୍ଷମା ମାଗନ୍ତି। ଅନୁଷ୍ଠିତ ହୁଏ ପ୍ରତୀକ୍ଷିତ ମହାମିଳନ। ମୁଣ୍ଡ ସାଉଁଳେଇ ଗାଢ଼ ଆଲିଙ୍ଗନରେ ଚନ୍ଦ୍ରବଦନରେ ଚୁମା ଦିଅନ୍ତି। ଅନୁରାଗରେ ମିଳନର ମଧୁର ମୂର୍ଚ୍ଛନା ସୃଷ୍ଟି ହୁଏ। ଶଙ୍ଖ ହୁଳହୁଳି ମଧ୍ୟରେ ଗଇଁଠାଳ ଫିଟାଯାଇ ମହାସ୍ନାନ ମଙ୍ଗଳ ଆଳତି ପରେ ମହାପ୍ରଭୁ ମହାଲକ୍ଷ୍ମୀଙ୍କୁ ମିଷ୍ଟନୈବେଦ୍ୟ ରସଗୋଲା ଖୁଆଇ ଦିଅନ୍ତି। ଘଷା ବିଡ଼ିଆ ମଣୋହି ପରେ ଶ୍ରୀଜଗନ୍ନାଥ ରତ୍ନସିଂହାସନରେ ବିଜେ କରନ୍ତି।

ଶ୍ରୀଜଗନ୍ନାଥ ଓ ମହାଲକ୍ଷ୍ମୀ ଅର୍ଥାତ୍ ପ୍ରକୃତି ଓ ପୁରୁଷ ହେଉଛନ୍ତି କୋଟି କୋଟି ଦମ୍ପତିଙ୍କ ସାର୍ଥକ ପ୍ରତିନିଧି। ଏହି ଲୀଳା ପବିତ୍ର ପ୍ରେମପୂର୍ଣ୍ଣ ଓ ପ୍ରଗତିଶୀଳ ଦାମ୍ପତ୍ୟ ଜୀବନ ଧାରା। ରାଗ ଅନୁରାଗର ଏକ ମିଶ୍ରରାଗ। ଦାମ୍ପତ୍ୟ ଜୀବନରେ ସାମୟିକ ବିଚ୍ଛେଦର ଏହା ଏକ ଚମତ୍କାର ମାନବିକ ମୂଲ୍ୟାୟନ। ଗାର୍ହସ୍ଥ୍ୟ ଜୀବନରେ ଖଟା-ମିଠା, ବାଦ-ବିବାଦ ଓ ରାଗ-ରୁଷା ଅନ୍ତରାଳରେ ବହୁଥାଏ ସ୍ନେହ ମମତାର ଝର। ଅବୁଝାପଣକୁ ଆତ୍ମୀୟତାର ପୁଟ ଦେଇ ପରିଲେ ତାହା ହର୍ଷୋଲ୍ଲାସରେ ରୂପାନ୍ତରିତ ହୁଏ। ମାନବୀୟ ଜଗନ୍ନାଥ ଧର୍ମର ଏହା ହିଁ ଆଦର୍ଶ ଓ ଆଚରଣ। ସମସ୍ତ ଦାମ୍ପତ୍ୟ ଜୀବନ ପ୍ରୀତିଝରା, ମଧୁଭରା ଓ ଅପାସୋରା ହେଉ।

ଭୁବନେଶ୍ୱର, ମୋ: ୭୦୦୮୪୭୫୪୪୨



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହଷ୍ଟେଲ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

# ମୃତଦେହ ରଖି ଆଶ୍ରମ ସ୍କୁଲ ଆଗରେ ଧାରଣା

ଉମରକୋଟ,୨୬।୭(ସମିସ): ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନି ଗ୍ରାମପଞ୍ଚାୟତର ବାଟିବେଡ଼ା ଆଶ୍ରମ ବିଦ୍ୟାଳୟର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଜବା ସାନ୍ତା (୧୪)। ସେ ଅଷ୍ଟମ ଶ୍ରେଣୀରେ ପଢ଼ୁଥିଲେ ଏବଂ ବିଦ୍ୟାଳୟ ହଷ୍ଟେଲରେ ରହୁଥିଲେ। ଛାତ୍ରୀ ଜଣଙ୍କ ଘର ଉମରକୋଟ ବ୍ଲକର ସୁନାବେଡ଼ା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦଲଦଲି ଗ୍ରାମରେ। ଏହି ଘଟଣା ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଏହାର ତଦନ୍ତ କ୍ଷତିପୂରଣ ଦାବିରେ ଲୋକେ ଶବକୁ ସ୍କୁଲ ଫାଟକ ଆଗରେ ରଖି ଆନ୍ଦୋଳନ କରିଥିଲେ।

ସୂଚନା ଅନୁସାରେ ଶନିବାର ରାତିରେ ବିଦ୍ୟାଳୟ ପରିସର ବାହାରେ ଏକ ଜମିରେ ଥିବା ଗଛରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦଲଦଲି ଗ୍ରାମରେ ମୋବାଇଲ ନେଟୱର୍କ ସୁବିଧା ନଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ରାତିରେ ଗ୍ରାମକୁ ଯାଇ ପରିବାର ସଦସ୍ୟଙ୍କୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଘଟଣା ସ୍ଥଳରେ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରିଥିଲେ। ମୃତ ଛାତ୍ରୀଙ୍କ ପରିବାର ସଦସ୍ୟ, ଗ୍ରାମବାସୀ, କଂଗ୍ରେସ ଓ ବିଜେଡି ଦଳର ସ୍ଥାନୀୟ ନେତାମାନେ ମୃତଦେହକୁ ଆଶ୍ରମ ବିଦ୍ୟାଳୟ ଫାଟକ ସମ୍ମୁଖରେ ରଖି ଧାରଣାରେ ବସିଥିଲେ। କଂଗ୍ରେସର ଜିଲ୍ଲା ସଭାପତି ଡ.ଲିପିକା ମାଝୀ, ସନରାଜ ଗଣ୍ଡ, ସାଇ ନାରାୟଣ ପାଢ଼ୀ ଓ



ବିଜେଡିର ପୂର୍ବତନ ସାଂସଦ ରମେଶ ମାଝୀ ମଧ୍ୟ ଧାରଣାରେ ସାମିଲ ହୋଇଥିଲେ। ଧାରଣାକାରୀମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିବା ସହ ଘଟଣାର ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୃତ ଛାତ୍ରୀଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ଏହାକୁ ନେଇ କିଛି ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲାକା, ଉମରକୋଟ ଏସଡିପିଓ ଶୁଭେନ୍ଦୁ ଶବର ଓ ତହସିଲଦାର ମେଘବାନ ବାଗ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିବା ସହ ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ସୂଚନା ଦେଇଥିଲେ ଯେ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ପିଏ-ଆଇଟିଡିଏ, ମେଡିକାଲ ଅଫିସର, ଏଡିଡବ୍ଲ୍ୟୁଓ ଓ ଡିଡବ୍ଲ୍ୟୁଓଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଇଛି। ଏଥିସହ ମଙ୍ଗଳ ବିଭାଗ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୨ ଟଙ୍କା ଲକ୍ଷ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ କହିଥିଲେ। ତଦନ୍ତ ରିପୋର୍ଟରେ ଯାହାଙ୍କ ଅବହେଳା କିମ୍ବା ଦାୟିତ୍ୱହୀନତା ପ୍ରମାଣିତ ହେବ, ସେମାନଙ୍କ ବିରୋଧରେ କଠୋର ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ମୃତ ଛାତ୍ରୀଙ୍କ ପରିବାର ଓ ଗ୍ରାମବାସୀ ଆନ୍ଦୋଳନରୁ ହଟିଥିଲେ।

# ରକ୍ତଦାନ ଶିବିରକୁ ଲିଫଲେଟ୍ ନାହିଁ; ମନ୍ତ୍ରୀଙ୍କ ପ୍ରଚାର ହୋର୍ଡିଂରେ କୋଟି କୋଟି ଖର୍ଚ୍ଚ

## ୨ବର୍ଷ ହେଲା ସରକାରୀ ରକ୍ତଭଣ୍ଡାରରେ ଲିଫଲେଟ୍ ବନ୍ଦ

ଭୁବନେଶ୍ୱର,୨୬।୭(ସମିସ): ରାଜ୍ୟରେ ସରକାରୀ କାର୍ଯ୍ୟକ୍ରମ, ସଭାସମିତି ପାଇଁ ଯାବତୀୟ ପ୍ରଚାର ହେଉଛି। ମନ୍ତ୍ରୀମାନଙ୍କ ଗସ୍ତ କାଳରେ ଗଳିକନ୍ଦିରେ ହୋଡର୍ିଂ, ବ୍ୟାନର, କଟଆଉଟ୍ ଲଗାଯାଉଛି। ଜାତୀୟସ୍ତରର ନେତାମାନେ ଓଡ଼ିଶା ଆସିଲେ ବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଇଁ ବହୁ ହୋଡର୍ିଂ ଲାଗୁଥିବା ଦେଖାଯାଉଛି। ମାତ୍ର ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରିବା ଓ ଏଥିପାଇଁ ସଚେତନତା ଶିବିର ଆୟୋଜନ ପାଇଁ ବିଭିନ୍ନ ରକ୍ତଦାନ ଶିବିରରେ ଲିଫ୍‌ଲେଟ୍‌ଟିଏ ପହଞ୍ଚି ପାରୁନାହିଁ। ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଆୟୋଜନ ନେଇ ରକ୍ତଦାନ ଶିବିର ଓ ଅନ୍ୟାନ୍ୟ ସ୍ଥାନରେ ଏହାକୁ ବଣ୍ଟନ କରାଯାଇଥାଏ। ମାତ୍ର ଦୀର୍ଘ ୨ବର୍ଷ ହେବ ଏହି ଲିଫଲେଟ୍ ଛପାଯାଇନଥିବା ସୂଚନା ମିଳିଛି। ଗୋଟେପଟେ ସରକାର ଅନାବଶ୍ୟକ କାର୍ଯ୍ୟ ପାଇଁ ରାଜକୋଷରୁ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ରକ୍ତଦାନ ଭଳି ଏକ ସେନସିଟିଭ ମେଡିସିନ୍ ଆୱାରନେସ୍ ପାଇଁ ଆବଶ୍ୟକୀୟ ଲିଫଲେଟ୍ ପାଇଁ ସର୍ବନିମ୍ନ ଖର୍ଚ୍ଚ କରିବାକୁ ଅସମର୍ଥ ହୋଇଥିବା ଏବଂ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସରକାର ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି।

ରାଜଧାନୀରେ କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ, ସେଣ୍ଟ୍ରାଲ ରେଡକ୍ରସ୍ ଏବଂ ଏସସିବି ବ୍ଲଡ ସେଣ୍ଟର ସାରା ରାଜ୍ୟରୁ ରକ୍ତ ସଂଗ୍ରହ କରି ରୋଗୀଙ୍କୁ ଯୋଗାଇଥାନ୍ତି। ଓଡ଼ିଶାର କୋଣ ଅନୁକୋଣରେ ରହିଥିବା ଘରୋଇ ଓ ସରକାରୀ ହସ୍ପିଟାଲ ଏହି ଦୁଇ ବ୍ଲଡ ସେଣ୍ଟରକୁ ଭରସା କରିଥାନ୍ତି। ସୂଚନା ଅନୁସାରେ ସରକାରଙ୍କର ୫୬ଟି, ରେଡକ୍ରସ୍‌ର ୨ଟି ଏବଂ ଏମସ୍‌ର ଗୋଟିଏକୁ ମିଶାଇ ରାଜ୍ୟରେ ମୋଟ୍ ୫୯ଟି ବ୍ଲଡବ୍ୟାଙ୍କ ରହିଛି। ତେବେ ଜୀବନ ପାଇଁ ସଂଘର୍ଷ କରୁଥିବା ରାଜ୍ୟରେ ପ୍ରାୟ ୧୭ହଜାର ଥାଲାସେମିଆ ରୋଗୀଙ୍କ ପାଇଁ ମାସିକ ୫୦ହଜାର ୟୁନିଟ୍ ରକ୍ତର ଆବଶ୍ୟକତା ହେଉଥିବା ବେଳେ ବର୍ଷକୁ ପ୍ରାୟ ୬ଲକ୍ଷ ୟୁନିଟ୍ ରକ୍ତର ଆବଶ୍ୟକତା ପଡ଼ିଥାଏ।




ପୂର୍ବରୁ ବିଜେଡି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ବାର୍ଷିକ ପ୍ରାୟ ୪ଲକ୍ଷ ୟୁନିଟ୍ ରକ୍ତ ଯୋଗାଇ ଦିଆଯାଉଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ଶିବିର କରାଯାଇ ବଳକା ରକ୍ତ ସଂଗ୍ରହ କରାଯାଇଥାଏ। ହେଲେ ବର୍ତ୍ତମାନ ଅନ୍ୟ ସମୟରେ ନିୟମିତ ରକ୍ତଦାନ ଶିବିରର ଆୟୋଜନ ହେଉନଥିବାରୁ ରାଜ୍ୟରେ ରକ୍ତର ସଙ୍କଟ ଦେଖାଦେଇଛି। ଲୋକଙ୍କ ମଧ୍ୟରେ ରକ୍ତଦାନ ନେଇ ସଚେତନତା ସୃଷ୍ଟି କରିବାକୁ କ୍ୟାମ୍ପ ଗୁଡ଼ିକରେ ଲିଫଲେଟ୍ ରକ୍ତଦାତାମାନଙ୍କୁ ମଧ୍ୟ ପ୍ରଦାନ କରାଯାଇଥାଏ। ଏଥିରେ ରକ୍ତଦାନ କରିବାର ବୟସ ସୀମା, ରାଜ୍ୟର ବ୍ଲଡବ୍ୟାଙ୍କ ଗୁଡ଼ିକରେ ମିଳୁଥିବା ବିଭିନ୍ନ ବ୍ଲଡଗ୍ରୁପ୍ ରକ୍ତର ସବିଶେଷ ତଥ୍ୟ ରହିଥାଏ। ରକ୍ତଦାନ କରିବା ଦ୍ୱାରା ଜଣେ ବ୍ୟକ୍ତିଙ୍କୁ କି ପ୍ରକାର ଉପକାର ମିଳିଥାଏ, ଥରକେ ଜଣେ କେତେ ପରିମାଣରେ ରକ୍ତଦାନ କରିପାରିବେ, ରକ୍ତଦାନ କରିବାର ବ୍ୟବଧାନ କେତେ ରହିବା ଆବଶ୍ୟକ, ପ୍ରତିଟି ସଂଗୃହୀତ ରକ୍ତମୁଣି ପାଇଁ ରକ୍ତଭଣ୍ଡାରରେ କିକି ପରୀକ୍ଷା କରାଯାଏ, ରରକ୍ତଦାନ ଦ୍ୱାରା ଏଡସ୍ ରୋଗ ସଂକ୍ରମିତ ହୋଇଥାଏ କି ନାହିଁ, କେତେଦିନ ଯାଏ ରକ୍ତ ଭଣ୍ଡାରରେ ରକ୍ତ ସଂରକ୍ଷଣ କରାଯାଇଥାଏ ସମ୍ପର୍କରେ ତଥ୍ୟ ଲୋକମାନଙ୍କୁ ସଚେତନ କରିବାକୁ ସକ୍ଷମ ହୋଇଥାଏ। ଲୋକମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଅନୁପ୍ରେରିତ କରିବାକୁ ଏହା ଏକ ମାଧ୍ୟମ ରୂପେ ବିବେଚନା କରାଯାଉଥିଲା। ହେଲେ ବିଗତ ୨ବର୍ଷ ମଧ୍ୟରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କମିଥିବା ବେଳେ ଏଥିପାଇଁ ଲୋକଙ୍କ ମଧ୍ୟରେ ସଚେତନତା କରାଯାଉ ନଥିବା ଅଭିଯୋଗ ହୋଇଛି।

ଏନେଇ ଫେଡେରେସନ୍ ଅଫ୍ ବ୍ଲଡ ଡୋନର ଅର୍ଗାନାଇଜେସନ୍ ଅଫ୍ ଓଡ଼ିଶାର ସଭାପତି ଅକ୍ଷୟ କୁମାର ରାଉତ କହିଛନ୍ତି ଯେ ଲୋକମାନଙ୍କ ପାଖରେ ସୂଚନା ରହିଲେ ସେମାନେ ଶିବିରରେ ପହଞ୍ଚିବା ସହଜ ହୋଇଥାଏ। କେବଳ ସେତିକି ନୁହେଁ, ଲିଫଲେଟ୍‌ରେ ରକ୍ତଦାନ ସମ୍ପର୍କରେ ଲେଖା ରହିଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସମସ୍ତେ ଜାଣିବା ଓ ସଚେତନ ହେବା ଆବଶ୍ୟକ। ତେବେ କେବଳ ରାଜଧାନୀ ହସ୍ପିଟାଲ ନୁହେଁ କଟକ ଏସସିବି, ଏମକେସିଜି ହସ୍ପିଟାଲ ବ୍ଲଡବ୍ୟାଙ୍କରେ ମଧ୍ୟ ଲିଫଲେଟ ଉପଲବ୍ଧ ନାହିଁ। ପୂର୍ବରୁ ଏହି ଲିଫଲେଟ୍ ପ୍ରତିଟି ଶିବିରରେ ଯୋଗାଇ ଦିଆଯାଉଥିବା ବେଳେ ପ୍ରାୟ ୨ବର୍ଷ ହେବ ତାହା ଉପଲବ୍ଧ ନ ଥିବା ସୂଚନା ରହିଛି ବୋଲି ଶ୍ରୀ ରାଉତ କହିଛନ୍ତି।

## ବର୍ଷେ ପରେ ଜେନ୍-ଜୀ ନେତା ବାଛିଲା କଂଗ୍ରେସ

# ବିଭୂତି ଓଡ଼ିଶା ଛାତ୍ର କଂଗ୍ରେସ ଆଡ୍-ହକ୍ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୬।୭(ସମିସ): ପିସିସି ମୁଖପାତ୍ର ତଥା ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କୁ ଛାତ୍ର କଂଗ୍ରେସର (ଏନ୍‌ଏସ୍‌ୟୁଆଇ) ଆଡ୍-ହକ୍ ସଭାପତି ଭାବେ ନିଯୁକ୍ତି ମିଳିଛି। ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ସଭାପତି ବିଭୂତିଙ୍କ ନିଯୁକ୍ତି ସୁପାରିସକୁ ଅନୁମୋଦନ ଦେବା ପରେ ଦଳ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ ସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟରୁ ଛାତ୍ର ରାଜନୀତି ଆରମ୍ଭ କରିଥିବା ବିଭୂତି ଭୂଷଣ ମହାପାତ୍ର ଦୀର୍ଘଦିନ ଧରି ରାଜ୍ୟର ବିଭିନ୍ନ ନିଯୁକ୍ତି ଦୁର୍ନୀତି ଓ ପରୀକ୍ଷା ପ୍ରକ୍ରିୟାରେ ହେଉଥିବା ଅନିୟମିତତା ବିରୋଧରେ ସକ୍ରିୟ ଭୂମିକା ନେଇଆସିଛନ୍ତି। ଆରଆଇଅମିନ ନିଯୁକ୍ତି ଦୁର୍ନୀତି, ପୁଲିସ ଏସଆଇ ନିଯୁକ୍ତି ପ୍ରସଙ୍ଗ, ବନ ବିଭାଗରେ ନିଯୁକ୍ତି ଅନିୟମିତତା ଏବଂ ସିଭିଲ ଜେଇ ପ୍ରଶ୍ନପତ୍ର ଲିକ୍ ଭଳି ବହୁ ଚର୍ଚ୍ଚିତ ପ୍ରସଙ୍ଗରେ ସେ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀଙ୍କ ସ୍ୱରକୁ ସରକାରଙ୍କ ସମ୍ମୁଖରେ ଦୃଢ଼ତାର ସହ ଉପସ୍ଥାପନ କରିଛନ୍ତି।



ଏହି ସମସ୍ତ ପ୍ରସଙ୍ଗରେ ସେ ବିଭିନ୍ନ ଗଣଆନ୍ଦୋଳନ, ବିକ୍ଷୋଭ, ଧାରଣା, ପଦଯାତ୍ରା ଏବଂ ସ୍ମାରକପତ୍ର ପ୍ରଦାନ ଭଳି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଦାବି ଉଠାଇଥିଲେ। ବିଭୂତି ଭୂଷଣ ମହାପାତ୍ର ବର୍ତ୍ତମାନ ରାଜ୍ୟ କଂଗ୍ରେସର ମୁଖପାତ୍ର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଜଣେ ଦକ୍ଷ ବକ୍ତା ଓ ସକ୍ରିୟ ଛାତ୍ର ସଙ୍ଗଠକ ଭାବେ ସେ ସକ୍ରିୟ ଅଛନ୍ତି। ତାଙ୍କ ନିଯୁକ୍ତିକୁ ରାଜ୍ୟର ଛାତ୍ର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ସ୍ୱାଗତ କରିଛନ୍ତି। ଅନ୍ୟପଟେ ବିଭୂତିଙ୍କ ନିଯୁକ୍ତି ପରେ ବର୍ଷେ ହେବ ଖାଲି ପଡ଼ିଥିବା ଛାତ୍ର କଂଗ୍ରେସ ସଭାପତି ପଦ ପୂର୍ଣ୍ଣ ହୋଇଛି। ସାରା ଦେଶରେ ଏବେ ଜେନ୍-ଜୀ ଆନ୍ଦୋଳନ ଓ ଛାତ୍ରଙ୍କ ଭୂମିକା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ହେଲେ ପୂର୍ବତନ ଛାତ୍ର କଂଗ୍ରେସ ସଭାପତିଙ୍କ ପଦ ଛାଡ଼ିବା ପରଠାରୁ ବର୍ଷେ କାଳ ବିନା ଛାତ୍ର କଂଗ୍ରେସ ସଭାପତିରେ ଏହି ସଂଗଠନ ଚାଲିଥିଲା। ଏବେ ବିଭୂତିଙ୍କୁ ନୂଆ ଦାୟିତ୍ୱ ମିଳିବା ପରେ ଛାତ୍ର ଆନ୍ଦୋଳନକୁ ନେଇ କଂଗ୍ରେସର କିଛି ନୂତନ ରଣନୀତି ଥିବା ଚର୍ଚ୍ଚା ହେଉଛି।

■ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ

# ଖର୍ଚ୍ଚ ହେବ ୧୬୫ କୋଟି

ଭୁବନେଶ୍ୱର,୨୬।୭(ସମିସ): ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଜିଲ୍ଲାରେ ଦୁଇଟି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ(ଇନ୍‌ଷ୍ଟ୍ରିମ ଷ୍ଟୋରେଜ ଷ୍ଟ୍ରକଚର) ନିର୍ମାଣ ପାଇଁ ପ୍ରଶାସନିକ ଅନୁମତି ପ୍ରଦାନ କରିଛି ଜଳସମ୍ପଦ ବିଭାଗ। ଏହି ଦୁଇଟି ପ୍ରକଳ୍ପ ପାଇଁ ମୋଟ ୧୬୫ କୋଟି ୭୯ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ବିଭାଗ ପକ୍ଷରୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଏନେଇ ଅବଗତ କରାଯାଇଛି। ଚିଠି ଅନୁଯାୟୀ ମୟୂରଭଞ୍ଜର କାଁଶପାଳ ଗ୍ରାମ ନିକଟରେ କନ୍ତ୍ରା ନଦୀ ଉପରେ ଏକ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ମୋଟ ୭୬ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ସେହିପରି ଦ୍ୱିତୀୟ ପ୍ରକଳ୍ପଟି ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ନିକଟରେ ଇଛା ନଦୀ ଉପରେ ନିର୍ମିତ ହେବ। ଏଥିପାଇଁ ୮୯ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ରଖାଯାଇଛି। ଉଭୟ ପ୍ରକଳ୍ପ ରାଜ୍ୟ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଅଧରପଣା ପାଇ...

ତିଥିରେ ତିନିରଥରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ପାଇଁ ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର, ଜାଇଫଳ ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧା ଯାଇଥିଲା। ଏହାପରେ ମହାସୁଆରମାନେ ଛେନା, ଛାଚି, ସର, କଦଳୀ, ଗୋଲମରିଚ, ଜାଇଫଳ ଆଦି ପକାଇ ଅଧରପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗାଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଏହି ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର, ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟା ସୁଦ୍ଧା ଅଧରପଣା ନୀତି ଶେଷ ହେବାକୁ ଥିବାବେଳେ ରାତି ୯ଟା ୪୨ରେ ସରିଥିଲା। ତେବେ ପ୍ରଥମେ ତାଳଧ୍ୱଜ ରଥରେ ରାତି ୯ଟା ୧୮ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହାପରେ ଦେବଦଳନ ରଥରେ ୯ଟା ୨୮ରେ ଏବଂ ଶେଷରେ ନନ୍ଦିଘୋଷ ରଥରେ ରାତି ୯ଟା ୪୨ରେ ଅଧରପଣା ହାଣ୍ଡି ଭଙ୍ଗାଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

### ଚମକିଲେ ଜ୍ୟୋତିର୍ମୟୀ...

ସଙ୍ଗୀତ ପ୍ରତିଭାକୁ ଜାତୀୟ ସ୍ତରରେ ଆହୁରି ସୁଦୃଢ଼ ପରିଚୟ ଦେଇଛି। ଜ୍ୟୋତିର୍ମୟୀଙ୍କ ଏହି ସଫଳତାକୁ ନେଇ ସମଗ୍ର ରାଜ୍ୟରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ସାମାଜିକ ଗଣମାଧ୍ୟମରେ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି। ବିଜେତା ଭାବେ ଜ୍ୟୋତିର୍ମୟୀଙ୍କୁ ଟ୍ରଫି ସହ ୨୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଛି। ମଧ୍ୟପ୍ରଦେଶର ତନିଷ୍କ ଶୁକ୍ଳା ପ୍ରଥମ ରନର୍ସଅପ୍ ଏବଂ ମନରାଜବୀର ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରାଣ୍ଡ ଫାଇନାଲେରେ ଜ୍ୟୋତିର୍ମୟୀଙ୍କ ଭାବପୂର୍ଣ୍ଣ ଏବଂ ସୁମଧୁର ପରିବେଷଣ ସମସ୍ତଙ୍କ ପ୍ରଶଂସା ସାଉଁଟିଥିଲା। ବିଚାରକ ଶ୍ରେୟା ଘୋଷାଲ, ବିଶାଲ୍ ଦଦ୍‌ଲାନୀ ଓ ବାଦଶାହଙ୍କ ସମେତ ଉପସ୍ଥିତ ଅତିଥିମାନେ ତାଙ୍କ ସଙ୍ଗୀତ ପ୍ରତିଭାର ଭୂୟସୀ ପ୍ରଶଂସା କରିଥିଲେ। ଖ୍ୟାତନାମା କଣ୍ଠଶିଳ୍ପୀ ଉଦିତ୍ ନାରାୟଣଙ୍କ ପୁଅ ଆଦିତ୍ୟ ନାରାୟଣ ମଞ୍ଚ ସଞ୍ଚାଳନ କରିଥିଲେ।

### ଗଠନ ହେଲା...

ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ପରୀକ୍ଷା ପ୍ରକ୍ରିୟାରେ ବୈଷୟିକ ଏବଂ ଗଠନମୂଳକ ସଂସ୍କାର ଆଣିବା ପାଇଁ ଏହି ବହୁମୁଖୀ ବିଶେଷଜ୍ଞ ଦଳ କାର୍ଯ୍ୟ କରିବ। ଟାସ୍କଫୋର୍ସରେ ନିଲେକାନିଙ୍କ ବ୍ୟତୀତ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଏସ୍. ସୋମନାଥ, ପୂର୍ବତନ ଆଇବି ନିର୍ଦ୍ଦେଶକ ତପନ ଡେକା, ଆଇଆଇଟି ମାଡ୍ରାସ ନିର୍ଦ୍ଦେଶକ ଭି. କାମାକୋଟି, ପୂର୍ବତନ ଶିକ୍ଷା ସଚିବ ଅନିତା କରୱାଲ ଏବଂ ଲଜିଷ୍ଟିକ୍ସ ବିଶେଷଜ୍ଞ ଅମୃତ ଲାଲ ମୀନା ପ୍ରମୁଖ ସଦସ୍ୟ ଭାବେ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ଭିଡିଓ ବାର୍ତ୍ତା ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପରୀକ୍ଷା ପରିଚାଳନା ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ବିଶ୍ୱସନୀୟ କରିବାକୁ ଏହି ଟାସ୍କ ଫୋର୍ସ ଖୁବ୍‌ଶୀଘ୍ର ସୁପାରିସ ଦାଖଲ କରିବ ଏବଂ ସେହି ଆଧାରରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ସୂଚନାଯୋଗ୍ୟ, ପ୍ରଶ୍ନପତ୍ର ଲିକ୍‌କୁ ନେଇ ପ୍ରାୟ ୭ ସପ୍ତାହ ଧରି ଚାଲିଥିବା ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ପଦରୁ ଇସ୍ତଫା ଦେବାର ମାତ୍ର ଗୋଟିଏ ଦିନ ପରେ ଏହି ଟାସ୍କ ଫୋର୍ସ ଗଠନ କରାଯାଇଛି। ଏହା ସହିତ ସରକାର ଆସନ୍ତାକାଲି ଲୋକସଭାରେ 'ସର୍ବସାଧାରଣ ପରୀକ୍ଷା (ଅସାଧୁ ଉପାୟ ପ୍ରତିରୋଧ) ସଂଶୋଧନ ବିଲ୍, ୨୦୨୬' ଆଗତ କରିବାକୁ ଯାଉଛନ୍ତି। ଏହି ନୂତନ ଆଇନରେ ପରୀକ୍ଷାରେ ଜାଲିଆତି କରୁଥିବା ବ୍ୟକ୍ତିଙ୍କ ପାଇଁ କଠୋର ଦଣ୍ଡ, ସମୟବଦ୍ଧ ତଦନ୍ତ ଏବଂ ଶୀଘ୍ର ନ୍ୟାୟ ପ୍ରଦାନ ପାଇଁ ସ୍ୱତନ୍ତ୍ର ଫାଷ୍ଟ-ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଛି। ପ୍ରସ୍ତାବିତ ବିଲ୍‌ରେ ପେପର ଲିକ୍ ଓ ପରୀକ୍ଷାରେ ଅନିୟମିତତା ପାଇଁ ଦଣ୍ଡକୁ ଅଧିକ କଠୋର କରାଯାଇଛି। ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ୫ ବର୍ଷରୁ ସର୍ବାଧିକ ୧୦ ବର୍ଷ ଜେଲ୍ ସହ ୫୦ ଲକ୍ଷ ପର୍ଯ୍ୟନ୍ତ ଜରିମାନା ହେବ। ସଂଗଠିତ ଅପରାଧ କ୍ଷେତ୍ରରେ ୭ରୁ ୧୦ ବର୍ଷ ଜେଲ୍ ଓ ୧୦ କୋଟି ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି। ପରୀକ୍ଷା ପରିଚାଳନା ସହ ଜଡ଼ିତ ସେବା ପ୍ରଦାନକାରୀ ସଂସ୍ଥା ଦୋଷୀ ସାବ୍ୟସ୍ତ ହେଲେ ୫ କୋଟି ପର୍ଯ୍ୟନ୍ତ ଜରିମାନା, ପରୀକ୍ଷା ଖର୍ଚ୍ଚ ଆଦାୟ ଏବଂ ୮ ବର୍ଷ ପର୍ଯ୍ୟନ୍ତ ସରକାରୀ ପରୀକ୍ଷା ପ୍ରକ୍ରିୟାରୁ ବାଦ ଦେବାର ପ୍ରସ୍ତାବ ରହିଛି। ବିଲ୍‌ରେ ସ୍ୱଶାଳ୍ ଟାସ୍କ ଫୋର୍ସ ଗଠନ, ଦୁଇ ମାସ ମଧ୍ୟରେ ତଦନ୍ତ ଶେଷ, ଫାଷ୍ଟ ଟ୍ରାକ୍ କୋର୍ଟରେ ଦୈନିକ ଶୁଣାଣି ଏବଂ ଚାର୍ଜସିଟ୍ ଦାଖଲର ତିନି ମାସ ମଧ୍ୟରେ ବିଚାର ଶେଷ କରିବାର ବ୍ୟବସ୍ଥା ମଧ୍ୟ ରହିଛି। ସ୍ୱଶାଳ୍ ଫାଷ୍ଟ ଟ୍ରାକ୍ କୋର୍ଟର ରାୟ ବିରୋଧରେ ୩୦ ଦିନ ମଧ୍ୟରେ ହାଇକୋର୍ଟରେ ଅପିଲ୍ କରିହେବ, ଯାହାକୁ ବିଶେଷ ପରିସ୍ଥିତିରେ ୯୦ ଦିନ ପର୍ଯ୍ୟନ୍ତ ବଢ଼ାଯାଇପାରିବ।

### ସରକାରଙ୍କୁ ଘେରିବାକୁ...

ଗ୍ରହଣ କରାଯିବା ଉଚିତ। ଅନ୍ୟପଟେ ରାଜ୍ୟସଭାରେ ମଧ୍ୟ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ୍ ଦେଇଛି। ରାଜ୍ୟସଭାରେ ଟିଏମସିର ଉପ-ନେତା ସାଗରିକା ଘୋଷ ଗୃହର ସମସ୍ତ କାର୍ଯ୍ୟ ବନ୍ଦ କରି ଏହି ଘଟଣା ଉପରେ ତୁରନ୍ତ ଆଲୋଚନା କରିବାକୁ ଦାବି କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ, ସୁରକ୍ଷା ବାହିନୀ ସହିତ କିଛି ସାଧାରଣ ପୋଷାକଧାରୀ ବ୍ୟକ୍ତି ମଧ୍ୟ ଛାତ୍ରଛାତ୍ରୀଙ୍କୁ ମାଡ଼ ମାରୁଥିବାର ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ପୁଲିସ ପେଲେଟ୍ ଗନ୍ ବ୍ୟବହାରକୁ ଅସ୍ୱୀକାର କରିଥିଲେ ମଧ୍ୟ ବିରୋଧୀ ଏହି ପ୍ରସଙ୍ଗରେ ସରକାରଙ୍କ ଉପରେ ଚାପ ପ୍ରୟୋଗ ଜାରି ରଖିଛନ୍ତି। ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ଆନ୍ଦୋଳନକାରୀଙ୍କ ବିରୋଧରେ ଏଫଆଇଆର ପ୍ରତ୍ୟାହାର ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସରକାରୀ ଆଦେଶ ଦିଲ୍ଲୀ ପୁଲିସରେ ପହଞ୍ଚିନାହିଁ। କେନ୍ଦ୍ର ଗୃହ ବିଭାଗରୁ ଆଦେଶ ପହଞ୍ଚିଲା ପରେ ପୁଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବ ବୋଲି କହିଛି। ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନକାରୀଙ୍କ ବିରୋଧରେ ପୁଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଆସିଥିବା ପିଟିସନ୍ ଉପରେ ସୁପ୍ରିମ୍‌କୋର୍ଟ ଆସନ୍ତାକାଲି ଶୁଣାଣି କରିବେ।

### ଆହୁରି ୪୮ ଘଣ୍ଟା...

ପାଣିପାଗ କେନ୍ଦ୍ର ସୂଚନା ଅନୁସାରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପଟି ଆଜି ସକାଳେ ଅବପାତରେ ପରିଣତ ହୋଇଛି ଓ ଉତ୍ତର ଓଡ଼ିଶା -ପଶ୍ଚିମବଙ୍ଗ ଉପକୂଳରେ ସକ୍ରିୟ ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରି ଆସନ୍ତା ୨୪ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହେବ ଓ ସୋମବାର ସକାଳ କିମ୍ବା ମଧ୍ୟାହ୍ନ ସୁଦ୍ଧା ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ପାରାଦୀପ ଓ ସାଗର ଦୀପ ମଧ୍ୟ ଦେଇ ସ୍ଥଳଭାଗ ଅତିକ୍ରମ କରିବ। ଏହା ପ୍ରଭାବରେ ଆଗାମୀ ୪୮ ଘଣ୍ଟା ଯାଏ ଭୀଷଣ ବର୍ଷା ସମ୍ଭାବନା ରହିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଅତି ପ୍ରବଳ ବର୍ଷା ପାଇଁ ଏହି ୩ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି ହୋଇଥିବା ବେଳେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, ବୌଦ୍ଧ, କନ୍ଧମାଳ, ସୁବର୍ଣ୍ଣପୁର, ସମ୍ବଲପୁର, ବରଗଡ଼, ଦେବଗଡ଼ ଓ ଝାରସୁଗୁଡ଼ା ଆଦି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଗଜପତି, ନୟାଗଡ଼, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ପରି ଜିଲ୍ଲାରେ ପ୍ରବଳ ବର୍ଷାକୁ ନେଇ ୟେଲୋ ୱର୍ଣ୍ଣିଂ ଜାରି କରାଯାଇଛି।

ଲଗାଣ ବର୍ଷା କାରଣରୁ ମହାନଦୀ, ବ୍ରାହ୍ମଣୀ ଏବଂ ବୈତରଣୀ ଉପର ମୁଣ୍ଡରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଅନେକ ନଦୀ ମଧ୍ୟ ଫୁଲିବାରେ ଲାଗିଛି। ତଳିଆ ଅଞ୍ଚଳରେ ବନ୍ୟା ଓ ସହରରେ କୃତ୍ରିମ ବନ୍ୟାର ଆଶଙ୍କା ସୃଷ୍ଟି ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରି ସତର୍କ ରହିବାକୁ ପରାମର୍ଶ ଦେଇଛି। ଉତ୍ତର ଓଡ଼ିଶା ଉପକୂଳରେ ୪୦-୬୦ କିମି ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିଛି। ତେଣୁ ଆସନ୍ତା ୨୯ ତାରିଖ ଯାଏ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ହୋଇଥିବା ବେଳେ ଜଗତସିଂହପୁର ଓ ସମ୍ବଲପୁରରେ ଅତି ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ୪ଟି ସ୍ଥାନରେ ଅତି ପ୍ରବଳ ବର୍ଷା ସହ ୫୩ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଗତ ୨୪ ଘଣ୍ଟାରେ ଜଗତସିଂହପୁରର ବିରିଡିରେ ସର୍ବାଧିକ ୩୨୮ ମିମି ବର୍ଷା ରେକର୍ଡ ହୋଇଛି।

### ବଜ୍ରପାତ ନେଲା...

ସ୍ଥାନୀୟ ଲୋକ ଉଭୟଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ରାଜବରହମପୁର ଥାନା ଚତୁରିପଡ଼ା ଗ୍ରାମର କହ୍ନେଇ କିସ୍କୁଙ୍କ ପୁଅ ବୁଦ୍ଧିଆ (୫୫) ଅପରାହ୍ନ ପ୍ରାୟ ସାଢ଼େ ୪ ସମୟରେ ବଜ୍ରପାତ ହେବାରୁ ବିଲରେ ଟଳି ପଡ଼ିଥିଲେ। ଖବରପାଇ ପରିବାର ଲୋକେ ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସିଜେପି ପରେ...

ବିକଳ୍ପ ଦିଆଯିବା ଉଚିତ। ଯେହେତୁ ପେଟ୍ରୋଲ ପମ୍ପଗୁଡିକରେ ଏବେ କେବଳ ଇ-୨୦ ପେଟ୍ରୋଲ ବିକ୍ରି କରାଯାଉଛି, ଉପଭୋକ୍ତାମାନେ କହିଛନ୍ତି ଯେ ସେମାନଙ୍କୁ ନିଜ ପସନ୍ଦର ଇନ୍ଧନ ବିକଳ୍ପ ବାଛିବାରୁ ବଞ୍ଚିତ କରାଯାଇଛି। ଇ-୨୦ ଜନତା ପାର୍ଟି ଇଥାନଲ୍ ମିଶ୍ରିତ ପେଟ୍ରୋଲ ପ୍ରସଙ୍ଗରେ ଜନସାଧାରଣଙ୍କ ହତାଶାଭାବକୁ ଏକ ବୃହତ ଆନ୍ଦୋଳନରେ ପରିଣତ କରିବାକୁ ଚାହୁଁଛି। ଇଜେପି ଆଶା କରୁଛି ଯେ ବ୍ୟଙ୍ଗ ଏବଂ ଗଣ ପ୍ରତିବାଦ ପୁଣି ଥରେ ସରକାରଙ୍କ ଯୋଜନାକୁ ଦୋହଲାଇପାରିବ। ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଅନୁଯାୟୀ, ଇ-୨୦ ଜନତା ପାର୍ଟି ହେଉଛି ଏକ ନାଗରିକ-ନେତୃତ୍ୱାଧୀନ ଗ୍ରାହକ ଅଧିକାର ଆନ୍ଦୋଳନ। ପୋଷ୍ଟରେ କୁହାଯାଇଛି, ଗ୍ରାହକମାନଙ୍କ ପାଇଁଇନ୍ଧନ ନୀତିରେ ସ୍ୱଚ୍ଛତା, ସୂଚନାପ୍ରଦ ପସନ୍ଦ ଏବଂ ଦାୟିତ୍ୱ ରହିବା ଉଚିତ। ଯେପରି କି ନାଗରିକମାନଙ୍କର ଅନ୍ୟ ଅନେକ ଉତ୍ପାଦରେ ପସନ୍ଦ ଅଛି, ସେହିପରି ସେମାନଙ୍କର ପସନ୍ଦର ଇନ୍ଧନ କିଣିବାର ସ୍ୱାଧୀନତା ମଧ୍ୟ ରହିବା ଉଚିତ। ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦାବି ମଧ୍ୟରୁ ଗୋଟିଏ ହେଉଛି ପ୍ରତ୍ୟେକ ଭାରତୀୟଙ୍କୁ ପେଟ୍ରୋଲ ପମ୍ପରେ ଇଥାନଲ୍ ମିଶ୍ରିତ ଇନ୍ଧନ ବିକଳ୍ପ ସମେତ ୧୦୦% ଶୁଦ୍ଧ ପେଟ୍ରୋଲ ବାଛିବା ଏବଂ କ୍ରୟ କରିବାର ସ୍ୱାଧୀନତା ମିଳିବା ଉଚିତ। ଇଜେପି ସବସିଡି, ମାଗଣା ଇନ୍ଧନ କିମ୍ବା ଇଥାନଲ୍ ମିଶ୍ରିତ ଇନ୍ଧନ ପ୍ରତ୍ୟାହାର କରିବାକୁ ଦାବି କରୁନାହୁଁ। ସୋସିଆଲ ମିଡିଆ ପୋଷ୍ଟ ଅନୁଯାୟୀ, ଅନେକ ଗାଡ଼ି ମାଲିକ ମାଇଲେଜ୍, ଇଞ୍ଜିନ୍ ସୁସଙ୍ଗତତା, ରକ୍ଷଣାବେକ୍ଷଣ ଖର୍ଚ୍ଚ ଏବଂ ଦୀର୍ଘକାଳୀନ କାର୍ଯ୍ୟଦକ୍ଷତାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହା ବ୍ୟତୀତ, ଇ-୨୦ ଜନତା ଦଳର ଅନ୍ୟ ଦାବିଗୁଡ଼ିକ ମଧ୍ୟରେ ଇନ୍ଧନ ଲେବଲିଂରେ ସ୍ୱଚ୍ଛତା ସୁନିଶ୍ଚିତ କରିବା, ବିଭିନ୍ନ ଇନ୍ଧନ ମିଶ୍ରଣର ମୂଲ୍ୟ, ଲାଭ ଏବଂ ପ୍ରଭାବଶାଳୀତା ଉପରେ ସ୍ପଷ୍ଟ ଏବଂ ସହଜରେ ଉପଲବ୍ଧ ତଥ୍ୟ ପ୍ରକାଶ କରିବା ଏବଂ ମାଇଲେଜ୍, ଇଞ୍ଜିନ୍ କାର୍ଯ୍ୟଦକ୍ଷତା, ନିର୍ଗମନ ଏବଂ ରକ୍ଷଣାବେକ୍ଷଣ ଖର୍ଚ୍ଚ ଉପରେ ସ୍ୱାଧୀନ ଅଧ୍ୟୟନ କରିବା ଏବଂ ଫଳାଫଳକୁ ସାର୍ବଜନୀନ କରିବା ଅନ୍ତର୍ଭୁକ୍ତ। ଏହା ମଧ୍ୟ ଦାବି କରାଯାଇଛି ଯେ, ନାଗରିକମାନଙ୍କୁ ଗୋଟିଏ ବିକଳ୍ପରେ ସୀମିତ ରହିବା ପରିବର୍ତ୍ତେ ସୂଚନାଭିତ୍ତିକ ପସନ୍ଦ ଚୟନ କରିବାର ସ୍ୱାଧୀନତା ଦିଆଯାଉ। ବଜାର ବିଶେଷଜ୍ଞଙ୍କ ମତରେ ଇ-୨୦ ଗାଡ଼ିର ମାଇଲେଜ୍ ୮-୧୫% ହ୍ରାସ କରିଛି, ପୁରୁଣା ଯାନର ଇଞ୍ଜିନ୍‌ରେ ତ୍ରୁଟି ଏବଂ ମରାମତି ଖର୍ଚ୍ଚ ବୃଦ୍ଧି କରିଛି। ଏଥିରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀଙ୍କ ପରିବାର ଉପରେ ସ୍ୱାର୍ଥର ଦ୍ୱନ୍ଦ୍ୱ ଅଭିଯୋଗ ଆସିଛି, ଯାହାକୁ ମନ୍ତ୍ରୀ ଅସ୍ୱୀକାର କରିଛନ୍ତି।

### ଚାଉଳ ପୋକମରା...

ବୁବୁନା ଅଚେତ ହୋଇପଡ଼ିଥିଲା। ତାଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ସକାଳେ ତାଙ୍କ ମୃତ୍ୟୁ ହୋଇଛି। ପରେ ୬ ବର୍ଷର ଝିଅ ପାୟଲ ଅସୁସ୍ଥ ହେବାରୁ ତାଙ୍କୁ ଭାପୁର ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବିଳମ୍ବିତ ରାତିରେ ପାୟଲଙ୍କ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### କାହା ସ୍ୱାର୍ଥରେ...

ସାମାଜିକ ଗଣମାଧ୍ୟମରେ ଓଏଚପିସି ପ୍ରକାଶ କରିଥିବା ତଥ୍ୟ ଅନୁସାରେ ଦୁଇଟି ଜଳଭଣ୍ଡାରକୁ ବ୍ୟବହାର କରି ପ୍ରକଳ୍ପଟି କାର୍ଯ୍ୟ କରିବ। ଉପର ବେସିନ୍‌ରେ ଥିବା ଇନ୍ଦ୍ରାବତୀ ଜଳଭଣ୍ଡାରକୁ ସଦୁପଯୋଗ କରି ତଳମୁଣ୍ଡରେ ଏକ ଉତ୍ସର୍ଗୀକୃତ ନିମ୍ନ ଜଳଭଣ୍ଡାର ନିର୍ମାଣ ହେବ। ଜଳଭଣ୍ଡାର ପାଣିକୁ ଏକ ଭୂତଳ ବିଦ୍ୟୁତ୍ ଷ୍ଟେସନ୍ ଦ୍ୱାରା ପରିଚାଳନା କରାଯିବ। ପ୍ରକଳ୍ପଟିର ବିଶେଷତ୍ୱ ହେଉଛି ରାଜ୍ୟର ସର୍ବୋଚ୍ଚ ବିଦ୍ୟୁତ ଚାହିଦା ସମୟରେ ବିଦ୍ୟୁତ୍ ଉତ୍ପାଦନ କରିବ ଏବଂ ସର୍ବନିମ୍ନ ଚାହିଦା ସମୟରେ ଉତ୍ପାଦନ ବନ୍ଦକରି ତଳ ଜଳଭଣ୍ଡାରରୁ ଉପର ଜଳଭଣ୍ଡାରକୁ ପାଣି ଉଠାଇବ।

ଶକ୍ତି ସମୀକ୍ଷକମାନଙ୍କ ଅଭିଯୋଗ ଅନୁସାରେ ସୁରକ୍ଷା ତଥା ଡିଜାଇନରେ ଗୁରୁତର ତ୍ରୁଟି କାରଣରୁ ମେଘା ଇଞ୍ଜିନିୟରିଂକୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୨୦୨୫ ମସିହାରେ ଏକବର୍ଷ ପାଇଁ କୌଣସି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ବାରଣ କରିଥିଲେ। ସେହିପରି ନିମ୍ନମାନର କାର୍ଯ୍ୟ ପାଇଁ ମହାରାଷ୍ଟ୍ର ସରକାର ୯୫ କୋଟିର ଜରିମାନା ଆଦାୟ କରିଥିବା ବେଳେ ତେଲାଙ୍ଗାନା ଏବଂ ଛତିଶଗଡ଼ରେ କମ୍ପାନୀର କାର୍ଯ୍ୟକଳାପକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସେହିପରି ଦୁର୍ନୀତି ଅପରାଧରେ ସିବିଆଇ ମେଘା ଇଞ୍ଜିନିୟରିଂ ବିରୁଦ୍ଧରେ ମାମଲା ରୁଜୁକରି ତଦନ୍ତ କରିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଫେବ୍ରୁୟାରୀ ୨୦୨୪ରେ ଅସିଦ୍ଧ ଘୋଷଣା କରିଥିବା ନିର୍ବାଚନୀ ବଣ୍ଡ ସ୍କିମରେ ମେଘା ଇଞ୍ଜିନିୟରିଂ କମ୍ପାନୀ ଓ ଏହାର ସହଯୋଗୀ ସଂସ୍ଥା ସମୁଦାୟ ୧୧୮୬ କୋଟିଟଙ୍କା ନିବେଶ କରିଥିବାବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ୬୬୪ କୋଟି ଟଙ୍କା ଚାନ୍ଦା ଦେଇଛନ୍ତି। ତେଣୁ ପ୍ରକଳ୍ପ ନିର୍ମାଣ ପାଇଁ ଏପରି ବିବାଦୀୟ ଓ ଦୁର୍ନୀତିଗ୍ରସ୍ତ କମ୍ପାନୀ ସହିତ ଓଏଚପିସି କାହିଁକି ଚୁକ୍ତିନାମା ସ୍ୱାକ୍ଷର କରିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି।

ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର କହିଛନ୍ତି ପ୍ରକଳ୍ପର ସମୁଦାୟ ନିର୍ମାଣ ଖର୍ଚ୍ଚ ୪ ହଜାର କୋଟିଟଙ୍କାରୁ ଅଧିକ ସ୍ଥିର ହୋଇ ମେଘା ଇଞ୍ଜିନିୟରିଂ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ମୂଲ୍ୟ ୟୁନିଟ ପିଛା ୮ ଟଙ୍କାରୁ ଅଧିକ ରହିବ, ଯାହା ଓଡ଼ିଶା ପାଇଁ ଅନ୍ୟାନ ସୂତ୍ରରୁ ଗ୍ରୀଡକୋ କ୍ରୟ କରୁଥିବା ବିଦ୍ୟୁତ ମୂଲ୍ୟଠାରୁ ଢେର ଅଧିକ। ତେଣୁ ପିଏସପି ପ୍ରକଳ୍ପ ପାଇଁ ଓଡ଼ିଶା ଉପଭୋକ୍ତା ଅଧିକ ବିଦ୍ୟୁତ ମୂଲ୍ୟ ପରିଶୋଧ କରିବେ। ପିଏସପି ପ୍ରକଳ୍ପକୁ ବାଦ ଦେଇ ଶସ୍ତାରେ ମିଳୁଥିବା ପବନ କଳ, ବ୍ୟାଟେରୀ ଏନର୍ଜି ଷ୍ଟୋରେଜ ସିଷ୍ଟମ ପରି ପ୍ରକଳ୍ପ ନିର୍ମାଣ କଲେ ରାଜ୍ୟସ୍ୱାର୍ଥ ସୁରକ୍ଷିତ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no- 780, dated 20.07.2026, I, DIBYAMANJARI HARIJAN, Daughter of - Jimuta Bahana Harijan & Kabita Harijan, permanent resident of Village - Bikrampur, PO - Bikrampur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from DIVYA MANJURI HARIJAN to DIBYAMANJARI HARIJAN. Henceforth, I shall be known as DIBYAMANJARI HARIJAN for all purposes.
Sd/- Dibyamanjari Harijan

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 1062, dated 14-07-2026, I, DHANA NAYAK, S/o - Harischandra Nayak, permanent resident of Village - Paipur, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed the name of my Daughter from SUMATIREKHA NAYAK to SUSMITA REKHA NAYAK. Henceforth, she shall be known as SUSMITA REKHA NAYAK for all purposes.
Sd/- Dhana Nayak

### ମାତୃ ଓ ଶିଶୁସ୍ୱାସ୍ଥ୍ୟ କୋଠା, ବିଇଓ କାର୍ଯ୍ୟାଳୟ ଉଦଘାଟିତ

# ସାଂସଦ ଓ ବିଧାୟକଙ୍କୁ ନେଇ ଜିଲ୍ଲା ପ୍ରଶାସନ ହଟହଟା





**ନୟାଗଡ଼/ଦଶପଲ୍ଲା,୨୬।୭(ସମିସ):**

ନୟାଗଡ଼ ଜିଲ୍ଲା ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଦଶପଲ୍ଲା ସହରରେ ରବିବାର ରୋଚକ ରାଜନୈତିକ ପରିସ୍ଥିତି ସୃଷ୍ଟି ହେବା ସହ ଜିଲ୍ଲା ପ୍ରଶାସନକୁ ହଟହଟା ହେବାକୁ ପଡ଼ିଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ପତିଆରା ଜାହିରକୁ ନେଇ ଜିଲ୍ଲାପାଳ ମଧୁମିତା ରଥ ସବୁଠାରୁ ଅପ୍ରୀତିକର ପରିସ୍ଥିତିକୁ ସାମ୍ନା କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଦଶପଲ୍ଲା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ନୂତନ ଗୃହ ଏବଂ ଦଶପଲ୍ଲା ଡାକ୍ତରଖାନା ପରିସରରେ ମାତୃ ଓ ଶିଶୁସ୍ୱାସ୍ଥ୍ୟ କୋଠା ଉଦଘାଟନ କାର୍ଯ୍ୟକ୍ରମ ରହିଥିଲା। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲାପାଳ ମଧୁମିତା ରଥ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାତୃ ଓ ଶିଶୁସ୍ୱାସ୍ଥ୍ୟ କୋଠା ଉଦଘାଟନ ପାଇଁ ସମସ୍ତଙ୍କୁ ଚିଠି କରାଯାଇଥିଲା। ଶନିବାର ବିଧାୟକ ଉଦଘାଟନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ ହେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ)ଙ୍କୁ ଯୋଗାଯୋଗ କରିଥିଲେ। ସିଡିଏମଓ ବିଧାୟକଙ୍କ ଫୋନ୍ ଉଠାଇ ନ ଥିବା ବେଳେ କେଉଁ ସମୟରେ ଉଦଘାଟନ ହେବ, ତାହା ଜଣାଇ ନ ଥିଲେ। ଏପରିକି ଉକ୍ତ ଚିଠିରେ ସଠିକ ସୂଚନା ନ ଥିଲା। ରବିବାର ହରିଡ଼ାବାଡ଼ିଠାରେ ନୂତନ ବିଇଓଙ୍କ କାର୍ଯ୍ୟାଳୟ ଗୃହ ଉଦଘାଟନ ପାଇଁ ବିଧାୟକ ରମେଶ ଚନ୍ଦ୍ର ବେହେରା ପହଞ୍ଚିବା ବେଳକୁ ସାଂସଦ ସୁକାନ୍ତ ପାଣିଗ୍ରାହୀ ଏବଂ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଉଦଘାଟନ ଶେଷ ହୋଇଥିଲା। ଏହା ବିଧାୟକଙ୍କୁ ଅପମାନିତ କରିଥିଲା। ବିଧାୟକଙ୍କ ସମର୍ଥକ ଓ ବିଧାୟକ ଜିଲ୍ଲା ପ୍ରଶାସନର ଏଭଳି ଏକପାଖିଆ କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସେଠାରୁ ସିଧା ଯାଇ ଦଶପଲ୍ଲା ଡାକ୍ତରଖାନା ପରିସରରେ ନୂତନ ମାତୃ ଓ ଶିଶୁସ୍ୱାସ୍ଥ୍ୟ କୋଠା ଉଦଘାଟନ କରି ଦେଇଥିଲେ। ସେଠାରେ ଜିଲ୍ଲାପାଳ ଓ ସାଂସଦ ପହଞ୍ଚିବା ପରେ ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଧାୟକ ଓ ଜିଲ୍ଲାପାଳଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ହୋଇଥିଲା। ସେଠାରୁ ବିଧାୟକ ଫେରିବା ପରେ ପୁନର୍ବାର ସାଂସଦଙ୍କ ଦ୍ୱାରା ମାତୃ ଓ ଶିଶୁସ୍ୱାସ୍ଥ୍ୟ କୋଠା ଉଦଘାଟନ କରାଯାଇଛି। ଜିଲ୍ଲା ପ୍ରଶାସନର ମନମୁଖି କାର୍ଯ୍ୟ ଯୋଗୁଁ ବିଧାୟକ ଓ ସାଂସଦ ଗୋଷ୍ଠୀ ଆଜି ମୁହାଁମୁହିଁ ହୋଇଥିବା ବେଳେ ଖୋଦ୍ ଜିଲ୍ଲା ପ୍ରଶାସନକୁ ହଟହଟା ହେବାକୁ ପଡ଼ିଛି।

### ଶେଷଦିନ ରଥଟଣା

# ଲେଉଟାଣି ବେଳେ ଲୀଳା ଦେଖାଇଲେ ଲୀଳାମୟ

- ବାରମ୍ବାର ବାମକୁ ଭିଡ଼ିଲା ଦର୍ପଦଳନ
- ଅଧାରେ ଲାଗି ଅଟକିଲା ନନ୍ଦିଘୋଷ
- ଲକ୍ଷ୍ମୀନାରାୟଣ ଭେଟ, ନୀଳାଦ୍ରି ବିଜେ



**ନୟାଗଡ଼,୨୬।୭(ସମିସ):** ନୟାଗଡ଼ ପୁରୁଣାସହର ଜଗନ୍ନାଥ ମନ୍ଦିର ପବିତ୍ର ଘୋଷଯାତ୍ରାର ରବିବାର ଥିଲା ଶେଷଦିନ। ନୀତି ଓ ପରମ୍ପରା ଅନୁସାରେ, ବାହୁଡ଼ାଯାତ୍ରା ଅବସରରେ ତିନି ରଥ ଟଣା ହୋଇଥାଏ। ଉକ୍ତ ଦିନ ପ୍ରଭୁ ଶ୍ରୀ ବଳଭଦ୍ରଙ୍କ ରଥ ମନ୍ଦିର ନିକଟରେ ପହଞ୍ଚିଥିବା ବେଳେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ଦକ୍ଷିଣକାଳୀ ମନ୍ଦିର ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ବାଲିସାହିଠାରେ ଅଟକିଥାଏ। ପରଦିନ ବଡ଼ ଏକାଦଶୀ ତିଥିରେ ରଥଟଣା ବନ୍ଦ ରହିଥାଏ। ଏହି ଦିନ ରଥ ଉପରେ ତିନିଠାକୁର ସୁନାବେଶ ହୋଇଥାନ୍ତି। ରବିବାର ନୀଳାଦ୍ରି ବିଜେ ଅବସରରେ ପୂର୍ବାହ୍ନରୁ ରଥଟଣା ଆରମ୍ଭ ହୋଇଥାଏ। ନୀତି ଓ ପରମ୍ପରା ଅନୁସାରେ, ସ୍ଥାନୀୟ ପୁଲିସ ପ୍ରଶାସନ ସହଯୋଗରେ ଦେବୋତ୍ତର ବିଭାଗ ପକ୍ଷରୁ ରଥଟଣା କାର୍ଯ୍ୟ ସଠିକ ସମୟରେ ଆରମ୍ଭ ହୋଇଥିଲା। ମାତ୍ର ଲୀଳାମୟଙ୍କ ଲୀଳା ପାଇଁ ପ୍ରଶାସନ ଓ ଭକ୍ତଙ୍କୁ ନାକେଦମ ହେବାକୁ ପଡ଼ିଛି। ଦେବୀ ସୁଭଦ୍ରାଙ୍କ ରଥଟଣା ପ୍ରଥମେ ଆରମ୍ଭ ହୋଇଥିଲା। ତେବେ ରଥ ବାରମ୍ବାର ବାମ ପଟକୁ ମୋଡ଼ ନେଇଥିଲା। ଗୋଟିଏ ସ୍ଥାନରେ ରଥ ଚକ ଡ୍ରେନ ଉପରେ ଚଢ଼ିଯାଇଥିଲା। ଅନ୍ୟ ଏକ ସ୍ଥାନରେ ରଥ ଏକ ବାଡ଼କୁ ଧକ୍କା ଦେଇଥିଲା। ବହୁ କଷ୍ଟରେ ମା' ସୁଭଦ୍ରାଙ୍କ ରଥ ମନ୍ଦିର ନିକଟରେ ପହଞ୍ଚିଥିଲା। ସେହିଭଳି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥ ଗୋଟିଏ ସ୍ଥାନରେ ବାମ ପଟରେ ଲାଗିଯିବାରୁ ପୁଲିସ ପ୍ରଶାସନ ହଇରାଣ ହେବାକୁ ପଡ଼ିଥିଲା। ବହୁ କଷ୍ଟରେ ରଥକୁ ବାହାର କରି ମନ୍ଦିର ଅଭିମୁଖେ ନିଆଯାଇଥିଲା। ପୁରୁଣା ସହରବାସୀଙ୍କ କହିବାନୁସାରେ, ପ୍ରତ୍ୟେକ ବର୍ଷ ଲେଉଟାଣି ବେଳେ ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଶ୍ରୀ ଜଗନ୍ନାଥ ରଥରେ ମନ୍ଦିରକୁ ଯିବା ବେଳକୁ ଏଭଳି ଲୀଳା କରିଥାନ୍ତି। ମନ୍ଦିର ନିକଟରୁ ଅଳ୍ପ ଦୂରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଅଟକାଯାଇ ଲକ୍ଷ୍ମୀ ନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ପରମ୍ପରା ଅନୁସାରେ, ରସଗୋଲା ଅର୍ପଣ କରାଯାଇ ଭକ୍ତମାନଙ୍କୁ ବଣ୍ଟା ଯାଇଥିଲା। ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ନୀଳାଦ୍ରି ବିଜେ କରାଯାଇଛି। ଦେବୋତ୍ତର ବିଭାଗ ପରିଚାଳକ ତାପସ କୁମାର ପଟ୍ଟନାୟକଙ୍କ ଉପସ୍ଥିତିରେ ସମସ୍ତ ନୀତି ଅନୁଷ୍ଠିତ ହୋଇଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ଡିଏସ୍‌ପି ନୀହାର ରଞ୍ଜନ ମହାନ୍ତି, ନୟାଗଡ଼ ଏସଡିପିଓ ସୃଷ୍ଟି ପ୍ରଧାନ, ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ, ସଦରଥାନା ଅଧିକାରୀ ପ୍ରିୟତମା ବେହେରା, ଇଟାମାଟି ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ଲକ୍ଷ୍ମୀନାରାୟଣ ଭେଟ



**ଗୋପାଳପୁର,୨୬।୭(ସମିସ):** ଶନିବାର ବଡ଼ ଏକାଦଶୀ ତିଥିରେ ରଣପୁରରେ ମହାପ୍ରଭୁଙ୍କ ରୁପାବେଶ ହୋଇଥିଲା ବେଳେ ରବିବାର ଦ୍ୱାଦଶୀ ତିଥିରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଛି। ଅପରାହ୍ନ ୨ଟାରେ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥଟଣା ଆରମ୍ଭ ହୋଇଥିଲା। ରଥଟଣା ବେଳେ ଦୁଇଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବା ବେଳେ କୌଣସି ବଡ଼ ଅଘଟଣ ଘଟିନାହିଁ। ନନ୍ଦିଘୋଷ ରଥ ଟଣାଯିବା ବେଳେ ବ୍ରେକ ଠିକ୍‌ରେ ନ ଧରିବାରୁ ଏଭଳି ଅଘଟଣ ଘଟିଥିବା ଆଲୋଚନା ହେଉଛି। ପରେ ରଥ ବଙ୍କା ଟଣାଯାଇ ଶ୍ରୀମନ୍ଦିର ପାଖରେ ଲାଗିଥିଲା। ପରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀନାରାୟଣ ଭେଟ କାର୍ଯ୍ୟକ୍ରମ। ମନ୍ଦିରରୁ ମା' ଲକ୍ଷ୍ମୀ ବିମାନରେ ଆସି ମହାପ୍ରଭୁଙ୍କୁ ମନ୍ଦିର ଭିତରକୁ ଯିବାକୁ ପ୍ରବେଶ କରିବା ଲାଗି ଅନୁରୋଧ କରିଥିଲେ।

# ଖଣ୍ଡପଡ଼ା ବିଧାୟକଙ୍କୁ ବିରୋଧ କଲେଣି ଦଳୀୟ କର୍ମୀ

**ନୟାଗଡ଼,୨୬।୭(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀବାସୀ ଏବେ ତ୍ରାହି ତ୍ରାହି ଡାକିଲେଣି। ବର୍ଷ ବର୍ଷ ଧରି ବଦନାମ ମୁଣ୍ଡାଇଥିବା ଦୁର୍ନୀତିଗ୍ରସ୍ତ ଗୋଷ୍ଠୀକୁ ଧରି ଖଣ୍ଡପଡ଼ା ବିଧାୟକ ରାଜନୀତି କରୁଥିବା ଏବଂ ଖଣିଠାରୁ ବାଲି ଯାଏଁ ଉକ୍ତ ଗୋଷ୍ଠୀ ଚାନ୍ଦା ଆଦାୟ କରୁଥିବା ନେଇ ଖୋଦ ବିଜେପି ଦଳୀୟ କାର୍ଯ୍ୟକର୍ତ୍ତା ଅଭିଯୋଗ କଲେଣି। ଖାଲି ଅଭିଯୋଗ ନୁହେଁ, ସିଧାସଳଖ ମେଳି ବାନ୍ଧିଲେଣି। ସ୍ୱାଧୀନ ଭାବେ ନିର୍ବାଚନ ମଇଦାନରେ ରହିଥିବା ଦୁଷ୍ମନ୍ତ କୁମାର ସ୍ୱାଇଁ ଗତ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିକୁ ଆସିଥିଲେ। ଅସନ୍ତୁଷ୍ଟ ବିଜେଡି ଗୋଷ୍ଠୀ, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସମର୍ଥକ ଓ ମୂଳ ବିଜେପି କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ବିଜୟୀ ହୋଇଥିଲେ। ନିର୍ବାଚନ ଜିତିବା ପରେ ବିଧାୟକ ଦୁଷ୍ମନ୍ତ କେବଳ ଦୁର୍ନୀତିଗ୍ରସ୍ତ ଗୋଷ୍ଠୀଙ୍କୁ ଧରି କାର୍ଯ୍ୟ କରୁଥିବା ବେଳେ ଖଣ୍ଡପଡ଼ାର ବିକାଶ ରସାତଳକୁ ଗଲାଣି। ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଅନେକ ଅଧିକାରୀ, ମନ୍ତ୍ରୀଙ୍କୁ ଆଣି ନିର୍ବାଚନ ମଣ୍ଡଳୀ ବୁଲାଇ ସୋସିଆଲ ମିଡିଆରେ ଫଟୋ ଛାଡ଼ିବା ବ୍ୟତୀତ କାଣିଚାଏ ବିକାଶ ମୂଳକ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଫଳକ ପୋତି ବାହାବା ନିଆଯାଉଥିବା ବେଳେ ବିକାଶ କିନ୍ତୁ ଚୁଲିରେ ପଶିଲାଣି। ଯାହାକୁ ନେଇ ଶନିବାର ମୂଳ ବିଜେପି କାର୍ଯ୍ୟକର୍ତ୍ତାମାନେ ଭାପୁର ପୂର୍ତ୍ତ ଡାକବଙ୍ଗଳାରେ ମେଳି ବାନ୍ଧି ବିଧାୟକଙ୍କୁ ବିରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ବୈଠକରେ ନୟାଗଡ଼ ଜିଲ୍ଲା ବିଜେପି ସମ୍ପାଦକ ପ୍ରଦୀପ କିଶୋର ପଟ୍ଟନାୟକ, ଜିଲ୍ଲା ସମ୍ପାଦିକା ସସ୍ମିତା ତ୍ରିପାଠୀ, ଯୁବ ସଂଗଠକ ସଞ୍ଜୟ କୁମାର ଦାସ, କରବର ମଣ୍ଡଳ ସଭାପତି ସୁନୋଜ କୁମାର ଧଳ, ପ୍ରଫୁଲ୍ଲ କୁମାର ସାହୁ, ଅନନ୍ତ ଚରଣ ବେହେରା, ପ୍ରକାଶ ବାହିନୀପତି, ମଣ୍ଡଳ ଉପସଭାପତି ମଧୁସୂଦନ ପଣ୍ଡା, ରମେଶ ଚନ୍ଦ୍ର ଗୋଛି, ବଂଶୀଧର ପଣ୍ଡା, ନବକୃଷ୍ଣ ନାୟକ, ଯଦୁନାଥ ଦଳବେହେରା, ବାପୁଜୀ ପ୍ରଧାନ, ଶରତ କୁମାର କାଠୁଆ, ପ୍ରଫୁଲ୍ଲ ମଲ୍ଲିକ, ଅର୍ଜୁନ ରାଉତରାୟ, ରବୀନ୍ଦ୍ର ବାରିକ, ଅଜୟ ନାୟକ ସମେତ ୩୦ରୁ ଅଧିକ ତୃଣମୂଳ ସଂଗଠକ ଯୋଗଦେଇ ବିଧାୟକଙ୍କ କାର୍ଯ୍ୟକଳାପକୁ ବିରୋଧ କରିଥିବା ଜଣାପଡ଼ିଛି।

**ଗୋଛି କାଟିବାକୁ ସୌମ୍ୟ ଗୋଷ୍ଠୀ ସଜବାଜ**

ସେହିଭଳି ପୂର୍ବତନ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଏବେ ପୁନର୍ବାର ଖଣ୍ଡପଡ଼ା ଆସି ନିଜ ସଂଗଠନକୁ ସଜାଡୁଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ହେବ ସୌମ୍ୟଙ୍କ ନେତୃତ୍ୱରେ ଅନେକ ସାଂଗଠନିକ ବୈଠକ ହୋଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସୌମ୍ୟଙ୍କ ଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ନିର୍ବାଚନ ଲଢ଼ିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ଗତ ସାଧାରଣ ନିର୍ବାଚନରେ ସୌମ୍ୟ ଗୋଷ୍ଠୀଙ୍କ ସମର୍ଥନ, ସୌମ୍ୟଙ୍କଠାରୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ ଅନେକ ପ୍ରକାର ସହଯୋଗ ପାଇଥିବା ଦୁଷ୍ମନ୍ତ କୁଆଡ଼େ ଉକ୍ତ ଗୋଷ୍ଠୀଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରିଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ସୌମ୍ୟଙ୍କ ଗୋଷ୍ଠୀ ବିଧାୟକ ଦୁଷ୍ମନ୍ତଙ୍କ ଗୋଛି କାଟିବା ଜିଦରେ ଅଟଳ ଥିବା ସୂଚନା ମିଳିଛି।

# ଏଟିଏମ୍‌ରେ ନାହିଁ ଟଙ୍କା, ସମସ୍ୟା ଭୋଗିଲେ ଗ୍ରାହକ

**ନୟାଗଡ଼,୨୬।୭(ସମିସ):** ନୟାଗଡ଼ ସହରରେ ବିଭିନ୍ନ ବ୍ୟାଙ୍କ ଏଟିଏମ୍‌ଗୁଡ଼ିକ ରବିବାର ଖାଲି ରହିଥିବା ଦେଖାଯାଇଛି। କ୍ୟାସ୍ ନ ଥିବାରୁ ଜରୁରୀ ଆବଶ୍ୟକ ଥିବା ଗ୍ରାହକମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗିଛନ୍ତି। ନୟାଗଡ଼ ସହରରେ ଅନେକ ସମୟରେ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଜିଲ୍ଲା ପ୍ରଶାସନ ବ୍ୟାଙ୍କଗୁଡ଼ିକୁ କୌଣସି ତାଗିଦ୍ କରୁନାହିଁ। ନୟାଗଡ଼ ସହରର ପ୍ରମୁଖ ସ୍ଥାନରେ ଥିବା ଏସବିଆଇ, ୟୁନିୟନ୍, କାନାରା, ୟୁକୋ ବ୍ୟାଙ୍କ ଏଟିଏମ୍‌ଗୁଡ଼ିକରେ ଶନି ଓ ରବିବାର କ୍ୟାସ୍ ଅଭାବ, ଲିଙ୍କ ଫେଲ୍ ଭଳି ସମସ୍ୟା ଓ ଦେଖିବାକୁ ମିଳିଛି। ସମବାୟ ବ୍ୟାଙ୍କ ଏଟିଏମ୍ ଅନେକ ସମୟରେ କାମ କରୁ ନ ଥିବା ବେଳେ ଗ୍ରାହକମାନେ ହଇରାଣ ହେଉଛନ୍ତି। ନୟାଗଡ଼ ସହରରେ ୩୦ରୁ ଊର୍ଦ୍ଧ୍ୱ ଏଟିଏମ୍ ଥିଲେ ମଧ୍ୟ ଆବଶ୍ୟକ ସମୟରେ ଗ୍ରାହକ ହଇରାଣ ହେବାକୁ ନେଇ ପ୍ରଶ୍ନ ଉଠିଛି। ବ୍ୟାଙ୍କଗୁଡ଼ିକ ଉପଯୁକ୍ତ ଏଟିଏମ୍ ସେବା ଯୋଗାଇ ନ ଦେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଆଇନଜୀବୀ ରଣଜିତ୍ ଦାଶ କହିଛନ୍ତି।



# ଠାକୁରଙ୍କୁ ଦର୍ଶନ କଲେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ

**ନୟାଗଡ଼,୨୬।୭(ସମିସ):** ନୟାଗଡ଼ ଜିଲ୍ଲାରେ ଦିବ୍ୟାଙ୍ଗଙ୍କ ଶିକ୍ଷା ଓ ପୁନର୍ବାସ କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବା' ଦ୍ୱାରା ପରିଚାଳିତ ବୌଦ୍ଧିକ ଅକ୍ଷମତାଯୁକ୍ତ ଶିଶୁମାନଙ୍କ ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅପରାହ୍ନରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁନାବେଶରେ ରଥ ଉପରେ ଦର୍ଶନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ, ବଡ଼ଭାଇ ବଳଦେବଙ୍କ ତଳଧ୍ୱଜ ଓ ମା' ସୁଭଦ୍ରାଙ୍କ ଦର୍ପଦଳନ ଓ ଚକ୍ରରାଜ ଶୁଦର୍ଶନଙ୍କୁ ଅତି ନିକଟରୁ ରଥ ଉପରେ ଦର୍ଶନ କରି ଭକ୍ତି ଓ ଆନନ୍ଦରେ ବିଭୋର ହୋଇଛନ୍ତି। ପ୍ରତି ରଥ ନିକଟରେ ଠାକୁରଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ସହଯୋଗରେ 'ସେବା'ର ଅଧକ୍ଷ ବୈକୁଣ୍ଠନାଥ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ରଥରେ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱତନ୍ତ୍ର ଶିକ୍ଷକ ଲୋକଜିତ ପରିଡ଼ା, ପବିତ୍ରମୋହନ ଇନ୍ଦ୍ରଜିତ, କ୍ଷୀରୋଦ ଚନ୍ଦ୍ର ନାୟକ, ବିଚିତ୍ର ପ୍ରଧାନ, ଶିକ୍ଷୟିତ୍ରୀ ସାଗରିକା ସାହୁ, ନିରୁପମା ବଳିଆରସିଂ ଓ ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଡମ୍ପିଂୟାର୍ଡ ବଢ଼ାଉଛି ସମସ୍ୟା, ରାସ୍ତା ପୋତିଲାଣି ଆବର୍ଜନା

**ନୟାଗଡ଼,୨୬।୭(ସମିସ):**



ନୟାଗଡ଼ ପୌର ପରିଷଦର ମନମୁଖି କାର୍ଯ୍ୟ ପାଇଁ କେତେବେଳେ ଶହ ଶହ ଜୀବନ ଚାଲିଯିବ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବାରମ୍ବାର ଦାବି ପରେ ବି ନୟାଗଡ଼ ଆଦର୍ଶ ଶ୍ମଶାନ ନିକଟ ତଥା ଭାଲୁଖୋଲଠାରେ ଥିବା ଡମ୍ପିଂ ୟାର୍ଡକୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଉନାହିଁ। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କ ଜୀବନ ଏବେ ବାଜିରେ ଲାଗିଛି। ନୟାଗଡ଼ ସଦରଥାନାଠାରୁ କ୍ଷେତ୍ରିବରପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ନୂତନ ପୂର୍ତ୍ତ ବିଭାଗ ରାସ୍ତା ଅଧାଯାଏଁ ଅଳିଆ ଗଦା ହୋଇ ରହୁଥିବାରୁ ଦୁଇଟି ଗାଡ଼ି ରାସ୍ତାରେ ପାସ୍ କରିବା କଷ୍ଟକର ହୋଇପଡୁଛି। ସବୁଠାରୁ ଅଧିକ ସମସ୍ୟା ଭୋଗୁଛନ୍ତି ଡିଏଭି ସ୍କୁଲ ଛାତ୍ରଛାତ୍ରୀ। ନୟାଗଡ଼ ସହରରେ ଗୁଣାତ୍ମକ ଶିକ୍ଷାଦାନ ଲକ୍ଷ୍ୟ ନେଇ ନୂତନ ଭବନକୁ ସ୍ଥାନାନ୍ତରିତ ହୋଇଥିବା ଡିଏଭି ପବ୍ଲିକ୍ ସ୍କୁଲ ବର୍ତ୍ତମାନ ଏକ ଗୁରୁତର ପରିବେଶ ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଅନେକ ଅଭିଭାବକ ଅଭିଯୋଗ କରିଛନ୍ତି।

ସ୍କୁଲ ପରିସରରୁ ଅନତି ଦୂରରେ ଥିବା ପୌର ପରିଷଦ ଡମ୍ପିଂ ୟାର୍ଡରୁ ନିର୍ଗତ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘବର୍ଷ ଧରି ନୟାଗଡ଼ ରାମ ସାହୁ ଗଳି ଓଲ୍ଡ ହଷ୍ଟେଲ ନିକଟରେ ଭଡ଼ା ଘରେ ଚାଲୁଥିବା ଡିଏଭି ସ୍କୁଲ ଚଳିତ ଶିକ୍ଷାବର୍ଷରୁ ନିଜସ୍ୱ ନୂତନ ଭବନରେ ଶିକ୍ଷାଦାନ ଆରମ୍ଭ କରିଛି। ଏହି ନୂତନ କ୍ୟାମ୍ପସ ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡ ସାମ୍ନା ଓ ସଦର ଥାନା ନିକଟବର୍ତ୍ତୀ ନୂତନ ରାସ୍ତାରେ ଅବସ୍ଥିତ। ମାତ୍ର କିଛି ଦୂରତାରେ ପୌର ପରିଷଦର ଡମ୍ପିଂ ୟାର୍ଡ ଥିବାରୁ ପ୍ରତିଦିନ ସେଠାରେ ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ଆବର୍ଜନା ପକାଯାଉଛି। ଫଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳ ଦୁର୍ଗନ୍ଧମୟ ହୋଇପଡୁଛି। ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଦୁର୍ଗନ୍ଧ ସହିବା ସହ ବିଭିନ୍ନ ଅସୁବିଧା ଓ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଏପରି ପରିବେଶ ଫୁସଫୁସ ସଂକ୍ରମଣ, ଶ୍ୱାସଜନିତ ସମସ୍ୟା ଏବଂ ଗୁରୁତର ଚର୍ମରୋଗ ଭଳି ସ୍ୱାସ୍ଥ୍ୟଗତ ବିପଦକୁ ବଢ଼ାଇପାରେ। ଗୋଟିଏ ପଟେ ଡିଏଭି କର୍ତ୍ତୃପକ୍ଷ ଆଧୁନିକ ଭିତ୍ତିଭୂମି ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ଜିଲ୍ଲାର ଶିକ୍ଷା କ୍ଷେତ୍ରକୁ ନୂଆ ଦିଗ ଦେବାକୁ ପ୍ରୟାସରତ ଥିବାବେଳେ, ଅନ୍ୟପଟେ ଡମ୍ପିଂ ୟାର୍ଡ ଜନିତ ଅସ୍ୱାସ୍ଥ୍ୟକର ପରିବେଶ ସେହି ଲକ୍ଷ୍ୟ ପ୍ରତି ବଡ଼ ଅନ୍ତରାୟ ସୃଷ୍ଟି କରୁଛି। ଅଭିଭାବକଙ୍କ କହିବା ଅନୁସାରେ, ଏ ସମ୍ପର୍କରେ ବାରମ୍ବାର ପୌର ପରିଷଦକୁ ଅବଗତ କରାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ବର୍ଷା ଋତୁରେ ଆବର୍ଜନାରୁ ସେ ଅଞ୍ଚଳ ଅଧିକ ଦୁର୍ଗନ୍ଧମୟ,

**ଜୀବନ ସହ ଖେଳୁଛି ପୌର ପରିଷଦ**

ମଶାମାଛି ଓ ରୋଗଜୀବାଣୁ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ଚିନ୍ତା ବଢ଼ିଛି। ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏବଂ ପୌର ପରିଷଦ ତୁରନ୍ତ ହସ୍ତକ୍ଷେପ କରି ଡମ୍ପିଂ ୟାର୍ଡ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣ ଜନତା ଦାବି କରିଛନ୍ତି। ଏହି ରାସ୍ତା ଉପରେ ନିର୍ଭର କରୁଥିବା ନୂଆଗାଁ ବ୍ଲକ ଖଣ୍ଡୁଗାଁ ଓ ମାଳିସାହି ପଞ୍ଚାୟତର ଅନେକ ଗ୍ରାମବାସୀ ରାସ୍ତା ଉପରେ ଆବର୍ଜନା ଗଦା ହେବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଜିଲ୍ଲା ପ୍ରଶାସନ ଓ ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

- 'ସକାଳ' ପ୍ରଭାବ, ତୁରନ୍ତ ପଦକ୍ଷେପ ନେଲେ ଇଓ

# 'କିଓସ୍କୋ'ର ତଦାରଖ ଓ ସଫେଇ

**ନୟାଗଡ଼,୨୬।୭(ସମିସ):** ସହରକୁ ଆସୁଥିବା ଲୋକଙ୍କୁ ଜରୁରୀ ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଅନେକ ସ୍ଥାନରେ ୨୦୨୩-୨୪ ମସିହାରେ କିଓସ୍କୋ ନିର୍ମାଣ କରାଯାଇଥିଲା। ଏହି କିଓସ୍କୋଗୁଡ଼ିକର ଦୁରବସ୍ଥା ନେଇ ରବିବାର "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାକୁ ନେଇ ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ନୟାଗଡ଼ ସହର ପୁରୁଣା ବସଷ୍ଟାଣ୍ଡ, ଦକ୍ଷିଣକାଳୀ ମନ୍ଦିର, ଟ୍ୟାକ୍ସି ଷ୍ଟାଣ୍ଡ, ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବଲାଙ୍ଗୀ ପାର୍କ, ବାଳିକା ଉଚ୍ଚ ବିଦ୍ୟାଳୟ ଆଦି ସ୍ଥାନରେ ଥିବା କିଓସ୍କୋଗୁଡ଼ିକ ତଦାରଖ କରାଯିବା ସହ ଏହାକୁ ସଫେଇ କରାଯାଇଛି। ସମସ୍ତ ସ୍ଥାନରେ ବ୍ଲିଚିଂ ପକାଯାଇ ସଫା କରାଯାଇଛି। ତ୍ରିନାଥ ଛକରେ ଥିବା କିଓସ୍କୋ ଏବଂ ବଲାଙ୍ଗୀ ପାର୍କ ମଧ୍ୟରେ ରହିଥିବା କିଓସ୍କୋଗୁଡ଼ିକରେ କିଛି ସମସ୍ୟା ଥିବାରୁ ଏହାକୁ ଖୁବଶୀଘ୍ର ସମାଧାନ କରାଯିବା ସହ ମରାମତି କରାଯିବ ବୋଲି ଜଣାଇଛନ୍ତି।



# ଟାଙ୍ଗୀ ଷ୍ଟେଟ ବ୍ରିଗେଡ଼ ବିଦ୍ୟାଳୟରେ କାର୍ଗିଲ୍ ବିଜୟ ଦିବସ ପାଳିତ



ଟାଙ୍ଗୀ, ୨୬।୭ (ସମିସ): ଟାଙ୍ଗୀ ଷ୍ଟେଟ୍ ବ୍ରିଗେଡ଼ ସ୍କୁଲ ପକ୍ଷରୁ ୨୮ ତମ କାରଗିଲି ବିଜୟ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଜୟ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଟାଙ୍ଗୀ ଥାନା ଅଫିସର ସୁନୀଲ କୁମାର ମୁର୍ମୁ, ମୁଖ୍ୟ ବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ବାଳକୃଷ୍ଣ ମିଶ୍ର, ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ପ୍ରସାଦ ଧଳ, ବିଦ୍ୟାଳୟ ଚେୟାରମ୍ୟାନ ଅଶୋକ କୁମାର ନନ୍ଦ, ପ୍ରତିଷ୍ଠାତା ସମ୍ପାଦିକା ବିଜୟନୀ ସୁଦକ୍ଷିଣା ଦାଶ ପ୍ରମୁଖ ଯୋଗଦେଇ ୧୯୯୯ ମସିହା ମେ' ୩ ତାରିଖରେ ଆରମ୍ଭ ହୋଇଥିବା ଭାରତ ପାକିସ୍ଥାନ ଯୁଦ୍ଧ ରେ ଭାରତୀୟ ସୈନ୍ୟଙ୍କ ଅଦ୍ୟମ ସାହାସ ଓ ବଳିଦାନର ଫଳ ସ୍ୱରୁପ ଜୁଲାଇ ୨୬ ତାରିଖରେ ଭାରତମାତା ପିନ୍ଧିଥିଲା ବିଜୟର ତିଳକ।ସେହି ଦିବସକୁ ସାରା ଭାରତବର୍ଷ କାରଗିଲି ବିଜୟ ଦିବସ ଭାବେ ପାଳନ କରାଯାଉଛି ବୋଲି ବକ୍ତବ୍ୟ ଦେଇଥିଲେ। ଏହି ଯୁଦ୍ଧରେ ଶହୀଦ ହୋଇଥିବା ୫୨୭ ଜଣ ଭାରତୀୟ ସୈନ୍ୟଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀ ବିଜୟ କୁମାର ପ୍ରଧାନ, ଦୁଖିଶ୍ୟାମ ମହାପାତ୍ର, ବିଜୟ କୁମାର ରଥ, ପ୍ରମୋଦ କୁମାର ବଳିୟାରସିଂ, ସୁବାସ ଚନ୍ଦ୍ର ମହାରଣା, ମହାଦେବ ପରିଡ଼ା, ରବୀନ୍ଦ୍ର କୁମାର ବେହେରା ଓ ଅଭିଭାବକ ସୁବାସ ଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ମହାରଣା ପ୍ରମୁଖଙ୍କୁ ସ୍କୁଲ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୁଭଶ୍ରୀ ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାର୍ଷିକ ପରୀକ୍ଷାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଅଧକ୍ଷା ସାବିତ୍ରୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।

ଖୋର୍ଦ୍ଧା ପୌର ପରିଷଦ

# ଜମିରହୁଛି ଆବର୍ଜନା ଜଳ; ବଢୁଛି ଡେଙ୍ଗୁ ଭୟ

ଖୋର୍ଦ୍ଧା, ୨୬।୭ (ସମିସ)



ଡରାଉଛି ଡେଙ୍ଗୁ। ଏନେଇ ସଚେତନତା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଖୋର୍ଦ୍ଧା ପୌରାଞ୍ଚଳରେ କିନ୍ତୁ ଏହା ସମ୍ପୂର୍ଣ୍ଣ ଓଲଟା ଦେଖାଯାଉଛି। ପୌରପ୍ରଶାସନର ହେୟ ମନୋଭାବ କାରଣରୁ ପରିମଳ ଏବଂ ବିପର୍ଯ୍ୟସ୍ତ ଡ୍ରେନେଜ ବ୍ୟବସ୍ଥା ଯୋଗୁଁ ସହରବାସୀ ହନ୍ତସନ୍ତ ହେଉଛନ୍ତି। ପୌରପରିଷଦର ଖାମଖିଆଲ ନୀତି, ମନଇଚ୍ଛା ସଫେଇ କାରଣରୁ ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ପୌରପରିଷଦ ଅଧୀନ ଅଧିକାଂଶ ନାଳ ଅନାବନା ଗଛରେ ପୋତି ହୋଇପଡ଼ିବା ସହିତ କେତକ ସ୍ଥାନରେ ଭାଙ୍ଗି ସମ୍ପୂର୍ଣ୍ଣ ଭାବେ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। ଏପରିକି ବହୁ ନାଳ ଏବେ ସଫେଇ ଅଭାବରୁ ମାସ ମାସ ଧରି ଆବର୍ଜନା ଜଳ ଜମିରହୁଛି। ଯାହା ଡେଙ୍ଗୁ ମଶା ଜନ୍ମ ନେବାର ପ୍ରମୁଖ ସ୍ଥାନ ବୋଲି କୁହାଯାଉଛି।

ପ୍ରକାଶଥାଉକି, ପୌରପ୍ରଶାସନରହେୟମନୋଭାବ କାରଣରୁ ପୌରାଞ୍ଚଳବାସୀ ନୟାନ୍ତ ହେଲେଣି। ଆବର୍ଜନା ସହରର ବିଭିନ୍ନ ରାସ୍ତା ଉପରେ ଜମା ହୋଇରହୁଛି। ଯାହା ପରିବେଶକୁ ଅତ୍ୟନ୍ତ ଦୁର୍ଗନ୍ଧମୟ କରିବା ସହିତ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨୦୦୦ମସିହାରେ ୮ଗୋଟି ରାଜସ୍ୱ ଗ୍ରାମକୁ ନେଇ ଖୋର୍ଦ୍ଧା ପୌରପରିଷଦ ଗଠିତ ହୋଇଥିଲା। ବର୍ତ୍ତମାନ ଏହାର ଜନସଂଖ୍ୟା ପ୍ରାୟ ୫୦ହଜାର ରୁ ଉର୍ଦ୍ଧ୍ୱ ହେବ। ୨୨ଗୋଟି ୱାର୍ଡ଼ କୁ ନେଇ ଗଠିତ ପୌରପରିଷଦ ବିଭିନ୍ନ ସ୍ଥାନରେ ନାଳ ଗୁଡିକ ଭାଙ୍ଗି, ପୋତି ହୋଇ ପରିତ୍ୟକ୍ତ ଅବସ୍ଥାକୁ ଚାଲିଯାଇଛି। କିଛି ସ୍ଥାନରେ ନୂଆ ନାଳ ନିର୍ମାଣ ହୋଇଥିଲେ ମଧ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଏହା କାମରେ ଲାଗୁନଥିବାର ଜଣାପଡ଼ିଛି। ପୌରବାସୀଙ୍କୁ ଉତମ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ଏବଂ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ନାଳ ସଫେଇ କାର୍ଯ୍ୟକୁ ଲକ୍ଷାଧିକ ଟଙ୍କା ବ୍ୟୟରେ ଘରୋଇ କରଣ କରାଯାଇଛି।ମାତ୍ର ଏହାର କାର୍ଯ୍ୟକାରିତା ଉପରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିପର୍ଯ୍ୟସ୍ତ ଅବସ୍ଥାରେ ନାଳ ଗୁଡିକ ଥିବା କାରଣରୁ ସଫେଇ ଠିକଭାବେ କରାଯାଉନଥିବାର ପୌରବାସୀ ଅନୁଭବ କରୁଛନ୍ତି। ସ୍ୱଚ୍ଛତା ଆଳରେ ଘରୋଇ ଠିକା ସଂସ୍ଥାକୁ ପୋସା ଚାଲିଥିବା ଅଭିଯୋଗ ହେଉଛି। ସମବାୟ ବ୍ୟାଙ୍କ ଛକଠାରୁ ପୌରପରିଷଦ କାର୍ଯ୍ୟାଳୟ ରାସ୍ତା ଦେଇ ଯାଇଥିବା ନାଳ କଥା ନକହିଲେ ଭଲ। ସେହିପରି ବହୁ ଡ୍ରେନ ପ୍ରାୟ ପୋତି ହୋଇଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ରାସ୍ତାରେ ଯାଉଛି।ସହରରେ ଅଧିକାଂଶ ଡ୍ରେନ ନିର୍ମାଣ କାମ ଅଧାରୁ ଶେଷ ହୋଇଯାଇଛି। ପୁଣି ଡ୍ରେନ ଗୁଡିକ ରାସ୍ତା ଠାରୁ ଉପରେ ରହିଛି। ଫଳରେ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତାରେ ଭାସୁଛି। ଏପରିକି ସହରର ସମସ୍ତ ଡ୍ରେନ ଜବରଦଖଲରେ ରହିଛି। ଡ୍ରେନ୍ ଉପରେ ବେଆଇନ ଭାବେ ଘର ଏବଂ ବ୍ୟବସାୟିକ ପ୍ରତିଷ୍ଠାନ କରି କେତେକ ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତ ଭଡା ଲଗାଇଛନ୍ତି। ସେହିପରି ମୁଖ୍ୟ ଡ୍ରେନ ସହ ସଂଯୋଗ ନଥିବାରୁ ଆବର୍ଜନା ପାଣି ସାହି ରାସ୍ତାରେ ପ୍ରବାହିତ ହେଉଛି। ପ୍ରଦୂଷିତ ପରିବେଶ ଫଳରେ ଦିନକୁ ଦିନ ମଶାଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଡ୍ରେନ ଠିକ୍ ସମୟରେ ସଫା ହେଉନଥିବା ବେଳେ ବ୍ଲିଚିଂ ଟିକିଏ ବି ପଡୁନଥିବା ପୌରାଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମଶା ପାଇଁ ସହରବାସୀ ଶାନ୍ତିରେ ଟିକିଏ ଶୋଇ ପାରୁନାହାନ୍ତି। ମଶାଙ୍କୁ ଘଉଡାଇବା ପୌରାଞ୍ଚଳରେ ମଝିରେ କାଁ ଭାଁ ମଶା ଧୂଆ ଠାଏ ଠାଏ ଦିଆଯାଉଥିବାବେଳେ ସମ୍ପୁର୍ଣ୍ଣ ପୌରପରିଷଦରେ ମଶାଧୂଆଁ ଦିଆଯାଇନଥିବା ଏବଂ ମଶାତେଲ ପଡୁନଥିବା ଅଭିଯୋଗ ହେଉଛି। ଏପରିକି ସହରର ବିଭିନ୍ନ ସ୍ଥାନରେ ଥିବା ପରିତ୍ୟକ୍ତ ସ୍ଥାନଗୁଡିକରେ ପ୍ରଦୂଷିତ ପାଣି ଜମି ରହୁଛି।

ଖୋର୍ଦ୍ଧା ଅଞ୍ଚଳରୁ ୩ ରୋଗୀ ଚିହ୍ନଟ

ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ, ଖୋର୍ଦ୍ଧା ଜିଲ୍ଲାରେ ଚଳିତ ବର୍ଷ ୩୨ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ଭୁବନେଶ୍ୱର ମହାନଗର ନିଗମରୁ ୮ ଓ ଗ୍ରାମାଞ୍ଚଳରୁ ୨୪ଜଣ ରହିଛନ୍ତି ବୋଲି କହିଥିଲେ। ତନ୍ମଧ୍ୟରେ ଖୋର୍ଦ୍ଧା ଅଞ୍ଚଳରୁ ୩ଜଣ ରହିଛନ୍ତି। ଡେଙ୍ଗୁ ମୁକାବିଲା ଲାଗି ଜିଲ୍ଲା ପ୍ରଶାସନର ବୈଠକ ବସୁଥିବାବେଳେ ଏଥିରେ ଖୋଦ୍ ପୌରନିର୍ବାହୀ ଅଧିକାରୀ ପୌରପ୍ରଶାସନ ସଜାଗଥିବା ସଫେଇ ଦେଉଛନ୍ତି। ମାତ୍ର ପୌରପ୍ରଶାସନ କେତେ ସଜାଗ ତାହା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ରହିଥିବା ଆବର୍ଜନା ଓ ରାସ୍ତାରେ ଭାସୁଥିବା ଡ୍ରେନ ପାଣି ସ୍ୱଷ୍ଟ କରୁଛି ବୋଲି ସହରରେ ଚର୍ଚ୍ଚା ହେଉଛି। ବିଏମ୍‌ସି ପରେ ମଶା ଭୟ ଏବେ ଧିରେ ଧିରେ ଖୋର୍ଦ୍ଧା ପୌରାଞ୍ଚଳକୁ ପଶୁଥିବା କୁହାଯାଉଛି। ଯାହାଫଳରେ ସହରବାସୀଙ୍କ ମନରେ ଏବେ ଡେଙ୍ଗୁ ଭୟ ବସା ବାନ୍ଧିଲାଣି। ପୌରପ୍ରଶାସନର ଖାମଖିଆଲ ମନୋଭାବ ଯୋଗୁଁ ସ୍ଥାନୀୟ ଜନସାଧରଣଙ୍କ ମନ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ମା' ମହାଲକ୍ଷ୍ମୀଙ୍କ ମାନଭଞ୍ଜନ

# ଶ୍ରୀ ରଙ୍କନାଥ ଦେବଙ୍କ ନୀଳାଦ୍ରି ବିଜେ



ବାଲୁଗାଁ, ୨୬।୭ (ସମିସ): ଭଗବତୀ କ୍ଷେତ୍ର ବାଣପୁରର ଆରାଧ ଠାକୁର ଶ୍ରୀ ରଙ୍କନାଥ ଦେବଙ୍କ ନବ ଦିନ ବ୍ୟାପି ରଥ ଯାତ୍ରା ର ଲୀଳା ଖେଳ ସାରି ବାହୁଡା ଯାତ୍ରାରେ ଶ୍ରୀଜିଉ ମାନେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରି ସ୍ୱମନ୍ଦିରକୁ ବାହୁଡି ଥିଲେ। ମନ୍ଦିର ସିଂହଦ୍ୱାର ନିକଟରେ ମହାପ୍ରଭୁ ଶ୍ରୀ ରଙ୍କନାଥ ଦେବଙ୍କ ଶନିବାର ସୁନାବେଶ ଅନୁଷ୍ଠିତ ହେବା ପରେ ବିଳମ୍ବିତ ରାତ୍ରରେ ରଥା ରୁଢ ଶ୍ରୀଜିଉ ମାନଙ୍କ ତିନି ରଥ ଉପରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ଅଧରପଣା ପୂଜା ପରେ ରଥ ସହିତ ଥିବା ପାର୍ଶ୍ୱ ଦେବା ଦେବୀ, ଭୂତ ପ୍ରେତ ପିଶାଚ ଓ ରାକ୍ଷାସଙ୍କ ଆହାର ତୃପ୍ତି ନିମନ୍ତେ ଏହି ଅଧର ପଣା ଭୋଗ ହାଣ୍ଡିକୁ ଭଙ୍ଗା ଯିବାର ଏକ ଅନନ୍ୟ ପରମ୍ପରା ଅନୁଷ୍ଠିତ ହୋଇ ଯାଇଛି। ମନ୍ଦିର ପରିସରରେ ଥିବା କୂଅରୁ ସେବାୟତମାନେ ନିଷ୍ଠାର ସହ ପାଣି ଆଣିବା ପରେ ସେଥିରେ ଛେନା, କଦଳୀ, କ୍ଷୀର, ସର, କର୍ପୁର, ଗୋଲମରିଚ ଓ ଜାଇଫଳ ଗୁଣ୍ଡ ଆଦି ମିଶାଇ ସୁଆର ସେବାୟତ ମାନେ ଏହି ଅଧର ପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ମାନେ ଏହି ପଣାକୁ ଶ୍ରୀଜିଉ ମାନଙ୍କୁ ସମର୍ପଣ କରି ଅଧରରେ ଲଗାଇବା ପରେ ହାଣ୍ଡି ଗୁଡିକୁ ରଥ ଉପରେ ଭଙ୍ଗା ଯାଇଥିଲା। ରବିବାର ରଥାରୁଢ ଶ୍ରୀଜିଉ ମାନଙ୍କ ସମସ୍ତ ରୀତି ନୀତି ସମାପନ ପରେ ଅପରାହ୍ନରେ ପହଣ୍ଡି କରାଯାଇ ରତ୍ନ ବେଦିକୁ ନୀଳାଦ୍ରି ବିଜେ କରାଯାଇଥିଲା। ଆଗରେ ମହାପ୍ରଭୁ ଶ୍ରୀ ରଙ୍କନାଥ ଦେବଙ୍କୁ ରତ୍ନ ବେଦିକୁ ନୀଳାଦ୍ରି ବିଜେ କରିବା ସମୟରେ ମା ମହାଲକ୍ଷ୍ମୀ ଅଭିମାନ କରି କବାଟ କିଳି ଦେଇଥିଲେ। ମା ଙ୍କ ମାନଭଞ୍ଜନ କରିବା ପାଇଁ ମହାପ୍ରଭୁ କବାଟକୁ ମୁଣ୍ଡରେ ପିଟି ଡ଼ାକିବା ପରେ ରସଗୋଲା ଦେଇ ମା ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ ମହାପ୍ରଭୁ। ମା ଙ୍କ ରାଗ ଶାନ୍ତ ହେବା ପରେ ତିନି ଠାକୁରଙ୍କର ପହଣ୍ଡି କରାଯାଇ ନୀଳାଦ୍ରି ବିଜେ କରାଇ ରତ୍ନ ବେଦିରେ ବିରାଜମାନ କରାଯାଇଛି। ରତ୍ନ ସିଂହାସନରେ ତିନି ଠାକୁର ବିରାଜମାନ ହେବା ପରେ ଠାକୁରଙ୍କର ଅଳତୀ କରାଯାଇଥିଲା। ମହାପ୍ରଭୁଙ୍କ ଏପରି ମନୋହର ନୀଳାଦ୍ରି ବିଜେ ଭଳି ଅପୂର୍ବ ଲୀଳା ଦର୍ଶନ ନିମନ୍ତେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଦୈନଦିନ ଭଜନ ସମାରୋହ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଥିବା ବେଳେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ। ସେହିପରି ଐତିହାସିକ ପଲଟଣ ପଡ଼ିଆ ସ୍ଥିତ ଶ୍ରୀ ଚରଣ ଚକାଦେବଙ୍କର ପବିତ୍ର ଅଧର ପଣା ନୀତି ଓ ନୀଳାଦ୍ରି ବିଜେ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଯାଇଛି। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ଏହି ଅପୂର୍ବ ଲୀଳା ଦର୍ଶନ କରି ଆଶ୍ରୀବାଦ ଲାଭ କରିଥିଲେ।

# ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନ୍ ବାର୍ଷିକ ଉତ୍ସବ



ଖୋର୍ଦ୍ଧା, ୨୬।୭ (ସମିସ): ସ୍ଥାନୀୟ ଜେଲରୋଡ୍ ସ୍ଥିତ ଶ୍ୟାମ ମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହ ପରିସରରେ ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ୍‌ର ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ତଥା ଜ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଲୋକମାନଙ୍କର ସହଯୋଗ ଓ ପରାମର୍ଶ ପାଇଲେ ବିକାଶର ଧାରା ଆଗେଇ ଚାଲିବ ବୋଲି କହିଥିଲେ। ୧୯୮୮ ମସିହାରେ ପଞ୍ଜିକୃତ ହୋଇଥିବା ପେନସନ୍‌ର୍ସ ଆସୋସିଏସନ୍‌ର ନିଜସ୍ୱ ଗୃହ ନଥିବାରୁ ବିଧାୟକ ଉଦବେଗ ପ୍ରକାଶ କରିବା ସହ ଗୃହ ନିର୍ମାଣ ଦିଗରେ ସମସ୍ତ ସହଯୋଗ ଦେବା ପାଇଁ ଘୋଷଣା କରିଥିଲେ। ଏ ସଂଗଠନକୁ ଦୃଢତାର ସହ ଚଳାଇ ଆସିଥିବା ନସିମୁଦ୍ଦିନ୍ ଖାଁଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଅତିଥି ପରିଚୟ ଓ ସମ୍ପାଦକ ନସିମୁଦ୍ଦିନ୍ ଖାଁ ବାର୍ଷିକ ବିବରଣୀ ପାଠ କରିବା ପୂର୍ବକ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ସଭାମଞ୍ଚରେ କାର୍ଯ୍ୟକାରୀ ସଭାପତି ମାୟାଧର ମହାଳିକ, ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ, ଉପଦେଷ୍ଟା ପୂର୍ବତନ ଆରକ୍ଷୀ ଅଧିକ୍ଷକ ଦେବପ୍ରସାଦ ମଜୁନଦାର, ସମାଜସେବୀ ଦିଲ୍ଲୀପ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ଼. ବାସୁଦେବ ପାତ୍ର, ଡ଼. ଚପଳା କୁମାରୀ ପଣ୍ଡା, ଶତ୍ରୁଘ୍ନ ବିଷୋଇ, ପ୍ରଫୁଲ୍ଲ କୁମାର ସାହୁ, ପ୍ରାଧାପକ ମନମୋହନ ବଳିଆରସିଂହ, ଶାନ୍ତିଲତା ବଳିଆରସିଂହ, ବିନାୟକ ପାଇକରାୟ, ବିଭୁତି ଭୂଷଣ ମହାପାତ୍ର, ବ୍ରଜେଶ୍ୱର ପତି, ବୈକୁଣ୍ଠନାଥ ମହାପାତ୍ର, ସନାଉଲା ଖାଁ, ବୈଦ୍ୟନାଥ ବରାଳ ପ୍ରମୁଖ ପେନସନ୍ ର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ନାରାୟଣ ଦାଶ ଧନ୍ୟବାଦ ଦେଇଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା


ଟାଙ୍ଗୀ, ୨୬।୭ (ସମିସ): ଟାଙ୍ଗୀ ବ୍ଲକ ଅଧୀନସ୍ଥ କୁହୁଡି କ୍ଷେତ୍ରବାସୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରକୋଷ୍ଠରେ ମହାବୀର ଆଥେଲେଟିକ ଆସୋସିଏସନ୍ ସମ୍ପାଦକ ମନୋଜ କୁମାର ମାନସିଂହଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷୟିତ୍ରୀ ଭକ୍ତିଲତା ମହାପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ମୁଖ୍ୟବକ୍ତା ପ୍ରାକ୍ତନ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁବାସିନୀ ଦେଇ, ସତ୍ୟଭାମା ବେହେରା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ ଅଶୋକ କୁମାର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବସନ୍ତ କୁମାର ସିଂ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି, ପ୍ରାକ୍ତନ ଶିକ୍ଷକ ହେମନ୍ତ କୁମାର ଜେନା, ଶେଷଦେବ ସାହୁ, ବିଭୁ ପ୍ରସାଦ ପାଣି ଯୋଗ ଦେଇଥିଲେ। ଅତିଥିବର୍ଗ ଅବସର ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ବହୁମୁଖୀ ପ୍ରତିଭାକୁ ଆଲୋକପାତ କରିଥିଲେ। ଶେଷରେ ଛାତ୍ରୀ ପ୍ରିୟଙ୍କା ପେଣ୍ଟୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଦାବରୀଶ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବାଣପୁର, ୨୬।୭ (ସମିସ): ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ଓ ସ୍ୱର୍ଗତ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୭୦ତମ ଶ୍ରାଦ୍ଧୋତ୍ସବ ମହାବିଦ୍ୟାଳୟ ପରିସର ସ୍ଥିତ ସଭା ଗୃହରେ ରବିବାର ସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ବରିଷ୍ଠ ନାଗରିକ ସଂଘର ସଭାପତି ଡ.ଚିନ୍ତାମଣି ମିଶ୍ର, ପୁରାତନ କ୍ରୀଡା ଶିକ୍ଷକ ବୈରାଗୀ ବଳଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ମାନେ ପଣ୍ଡିତଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ.ଶୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ଡ..ନୃସିଂହ ଚରଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଡ..ଚନ୍ଦ୍ରଶେଖର ଦାସ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ନିଜର ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ଡ.ଅରବିନ୍ଦ ନାୟକ ବେଦପାଠ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମନ୍ତ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ଡ଼ଃ ବର୍ମା ବିବରଣୀ ପାଠ କରିଥିବା ବେଳେ ସହ ସଂଯୋଜିକା ଡ଼ଃ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଧ୍ୟାପିକା ମିକିମନସ୍ୱିନୀଙ୍କ ସଂଯୋଜନାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା।

# ବଜ୍ରପାତରେ ମନ୍ଦିର ଦଧିନଉତି ଓ କାନ୍ଥ ଫାଟିଲା; ଦୁଇ ଆହତ



ବେଗୁନିଆ, ୨୬।୭ (ସମିସ): ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଅଧୀନ ଗୋଡ଼ା ଗ୍ରାମସ୍ଥିତ ରାଧା ମୋହନ ଦେବଙ୍କ ମଠ ପରିସରରେ ଥିବା ମନ୍ଦିରରେ ରବିବାର ଦିନ ସକାଳ ସମୟରେ ବଜ୍ରପାତ ଘଟିଛି। ଏଥିରେ ଦଧି ନଉତି ଓ କାନ୍ଥ ଫାଟି ଯିବା ସହ ବୈଦ୍ୟୁତିକ ଉପକରଣ ପୋଡ଼ି ଯାଇଛି। ତତ୍ ସହିତ ମଠର ମାତା ସୁରେଖା ନାୟକ ଓ ସେବିକା ଝରି ମହାରଣା ଆହତ ହୋଇଛନ୍ତି। ତୁରନ୍ତ ସେମାନଙ୍କୁ ଚିକିତ୍ସା ନିମିତ୍ତ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରା ଯାଇଛି। ଖବର ଲେଖା ହେଲା ବେଳକୁ ସେମାନେ ସୁସ୍ଥ ଅଛନ୍ତି ବୋଲି ସୂଚନା ମିଳିଛି।

ଖୋର୍ଦ୍ଧା -ପୁରୀ ପ୍ରସ୍ତାବିତ ଜାତୀୟ ରାଜପଥ ନିର୍ମାଣ ପ୍ରସଙ୍ଗ

# ସାଂସଦଙ୍କୁ ସାଙ୍କେତିକ ନକ୍ସା ପ୍ରଦାନକଲା ଖୋର୍ଦ୍ଧା ବିକାଶ ମଞ୍ଚ

ଖୋର୍ଦ୍ଧା, ୨୬।୭ (ସମିସ)



ପ୍ରସ୍ତାବିତ ଖୋର୍ଦ୍ଧା-ପୁରୀ ଜାତୀୟ ରାଜପଥ ନିର୍ମାଣ ଦାବିରେ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ସଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଏକ ପ୍ରାରମ୍ଭିକ ନକ୍ସା ପ୍ରଦାନ କରାଯାଇଛି। ବିକାଶ ମଞ୍ଚର ଏକ ପ୍ରତିନିଧି ଦଳ ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଏହି ନକ୍ସା ପ୍ରଦାନ କରିଛନ୍ତି।

ମଞ୍ଚର ସଭାପତି ଶ୍ରୀ ପୃଷ୍ଟିଙ୍କ କହିବା ଅନୁସାରେ, ଏହି ନକ୍ସା ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଛକରୁ ପ୍ରସ୍ତାବିତ ନୂତନ ଜାତୀୟ ରାଜପଥ ବାଜପୁର ନିକଟ ଦେଇ ପୁରୀ ସମୁଦ୍ର କୂଳକୁ ଯିବାବେଳେ ଗିରଳ ଛକରେ ସଂଯୋଗ ହେବ। ଗିରଳ ଛକ ହେଉଛି ପୁରୀ ମଙ୍ଗଳାଘାଟ ଛକ ଠାରୁ ସାତପଡ଼ା ଆଡ଼କୁ ଯାଉଥିବା ରାସ୍ତାର ୫ କି.ମି. ଦୂରରେ ପଡ଼ିବ। ମଙ୍ଗଳାଘାଟ ଛକ ହେଉଛି ବାଟ ମଙ୍ଗଳା ଠାରୁ ପ୍ରାୟ ୨କି.ମି., ଶ୍ରୀମନ୍ଦିର ଠାରୁ ପ୍ରାୟ ୨କି.ମି., ମଙ୍ଗଳାଘାଟ ଠାରୁ ସମୁଦ୍ର ବେଳାଭୂମି ୩ କି.ମି., କିରଳ ଛକ ଠାରୁ ୩ କି.ମି. ଏବଂ ମଙ୍ଗଳାଘାଟ ଛକ ଓ କିରଳ ଛକ ମଧ୍ୟରେ ଦୂରତା ହେଉଛି ୫ କି.ମି.। ମଙ୍ଗଳାଘାଟ ଛକ ଓ ଗିରଳ ଛକର ଦକ୍ଷିଣକୁ ରହିଛି ବଳିଆପଣ୍ଡା ଏବଂ ବିରାଟ ସାମୁଦ୍ରିକ ବେଳାଭୂମି। ମଙ୍ଗଳାଘାଟ ଛକ ଓ ଗିରଳ ଛକର ଦକ୍ଷିଣ ପାର୍ଶ୍ୱରେ ହେବାକୁ ଅଛି ପୁରୀର ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ ଏବଂ ଆନ୍ତର୍ଜାତିକ ଏୟାରପୋର୍ଟ।

ଖୋର୍ଦ୍ଧା ପୁରୀ ରାଜପଥ କାର୍ଯ୍ୟକାରୀ ହେଲେ ପୁରୀ ସହରର ଭିଡ଼କୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ମଞ୍ଚ ପକ୍ଷରୁ ପ୍ରସ୍ତାବ ରଖାଯାଇଛି। ଏହି ରାସ୍ତା ଦ୍ୱାରା ମୁଖ୍ୟତଃ ଦକ୍ଷିଣ ଭାରତ, ପଶ୍ଚିମ ଭାରତ ଓ ଉତର ଭାରତର ଯାନଗୁଡ଼ିକ ପୁରୀକୁ ଯିବା ପାଇଁ ୬୦କି.ମି. କମିଯିବ।

ଏହି ପ୍ରସ୍ତାବିତ ରାସ୍ତା ଦ୍ୱାରା ଦୁଇଟି ସଂସଦୀୟ କ୍ଷେତ୍ର ଯଥା ଭୁବନେଶ୍ୱର ଓ ପୁରୀ ଏବଂ ୭ଟି ନିକଟସ୍ଥ ବିଧାନସଭା କ୍ଷେତ୍ର, ଯଥା-ଖୋର୍ଦ୍ଧା, ଜଟଣୀ, ପିପିଲି, ସତ୍ୟବାଦୀ, ଚିଲିକା, ବ୍ରହ୍ମଗିରୀ ଓ ପୁରୀ ରହିଛି। ଏହାଦ୍ୱାରା ରାଜ୍ୟର ପର୍ଯ୍ୟଟନ, ପରିବହନ, ସାଧାରଣ କୃଷକ, ମତ୍ସ୍ୟଜୀବୀ, ଶିକ୍ଷା, ସାମାଜିକ ବ୍ୟବସ୍ଥା, ଐତିହ୍ୟ, ସଂସ୍କୃତି ଓ ପରମ୍ପରା କ୍ଷେତ୍ରରେ ଉନ୍ନତି ସାଧନ ହୋଇପାରିବ ବୋଲି ମଞ୍ଚ ପକ୍ଷରୁ ପ୍ରସ୍ତାବ ରଖାଯାଇଛି।

ପ୍ରସ୍ତାବ ନକ୍ସା ପ୍ରଦାନ ସମୟରେ ବିକାଶ ମଞ୍ଚର ସଭାପତି ଶ୍ରୀ ପୃଷ୍ଟିଙ୍କ ସହିତ ସମାଜସେବୀ ଗୁଣନିଧି ମହାପାତ୍ର, ବିଶିଷ୍ଟ ଚାଟାର୍ଡ ଆକାଉଟାଂଟ୍ ହେମନ୍ତ ଅଗ୍ରୱାଲାଙ୍କ ପ୍ରମୁଖ ବହୁ ବୁଦ୍ଧିଜୀବୀ ଉପସ୍ଥିତଥିଲେ।

# ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି




ବାଣପୁର, ୨୬।୭ (ସମିସ): ବିଚ୍ଛିର୍ଣ୍ଣାଞ୍ଚଳ ମିଶ୍ରଣ ସଂଘର୍ଷ ସମିତିର ପୁରଧା ପୁଣ୍ୟଶ୍ଳୋକ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୭୦ତମ ପୁଣ୍ୟତିଥିରେ ଜନ୍ମମାଟି ବାଣପୁର ବାସୀଙ୍କ ତରଫରୁ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଚିଲିକା ସାହିତ୍ୟ ସମାଜ ର ସଭାପତି ବାଳମୁକୁନ୍ଦ ଦାସଙ୍କ ପରିଚାଳନାରେ ତଥା ଶିକ୍ଷାବିତ୍ ରାଜେନ୍ଦ୍ର ପ୍ରସାଦ ରଥ, ବ୍ରଜବନ୍ଧୁ ମିଶ୍ର ଓ ଶିଶିର କୁମାର ଦାସଙ୍କ ସହଯୋଗରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭାତରୁ ବାଣପୁର ଐତିହ୍ୟ ସୁରକ୍ଷା ସମିତି, ମାଧ୍ୟମିକ ଶିକ୍ଷକ ମହାସଂଘ, ପ୍ରାଥମିକ ଶିକ୍ଷକ ସଂଘ, ସାହିତ୍ୟ ସିନ୍ଦୁରା, କବି କୃଷ୍ଣଚନ୍ଦ୍ର ପାଠାଗାର, କୁମାର ପାଠାଗାର, ପରୀଡ଼ା ପାଠାଗାର, ଗୋଦାବରୀଶ ବିଦ୍ୟାପୀଠ, ଗୋଦାବରୀଶ ମହାବିଦ୍ୟାଳୟ, ଗ୍ରାମୀଣ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଓଡ଼ିଆ ଭାଷା ସୁରକ୍ଷା ସମିତି, ଆମ ଭାଷା ସାହିତ୍ୟ ସଂସ୍କୃତି ପରିଷଦ, ନେହେରୁ ସେବାସଂଘ, ଚିଲିକା ପ୍ରେସ୍ କ୍ଲବ୍, ଶାଳିଆ ପ୍ରେସ୍ କ୍ଲବ୍, ଚିଲିକା ରିପୋର୍ଟରସ୍ ଆସୋସିଏସେନ୍, ଏକତା ପରିଷଦ ଟ୍ରଷ୍ଟ, ବାଇକଣ୍ଠିଆ ଟ୍ରଷ୍ଟ, ଚିତ୍ରାଚାର୍ଯ୍ୟ ଉପେନ୍ଦ୍ର ମହାରଥି ସ୍ମୃତି କମିଟି, ଭବାନୀ ଦେବୀ ଯୁବ ସେବାସଂଘ, ପଲ୍ଲୀ ସଂସ୍କୃତି କଳା ପରିଷଦ, ଡା. ରାଧାଚରଣ ପଣ୍ଡା ସ୍ମୃତି କମିଟି ଆଦି ବାଣପୁରର ବିଭିନ୍ନ ସାହିତ୍ୟିକ, ସାମାଜିକ, ସାଂସ୍କୃତିକ, ଶିକ୍ଷା ଓ ସେବା ଅନୁଷ୍ଠାନ ତରଫରୁ ପୁଣ୍ୟଶ୍ଳୋକଙ୍କ ସ୍ୱରଚିତ କାଳଜୟୀ କବିତା 'ତୁଙ୍ଗ ଶିଖରୀ ଚୂଳ' ସମବେତ ସଙ୍ଗୀତ ଗାନ କରି ନିକଟସ୍ଥ ପୁଷ୍କରିଣୀରେ ତିଳତର୍ପଣ କରି ତାଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ତେବେ ବାଣପୁର ବଜାର ସ୍ଥିତ ଯୋଗୀ ପୋଖରୀ ନିକଟରେ ସ୍ଥାପିତ ସ୍ୱର୍ଗତ ମିଶ୍ରଙ୍କ ବହୁ ପୁରାତନ ପ୍ରତିମୂର୍ତ୍ତିଟି ଧିରେ ଧିରେ ଅବକ୍ଷୟ ଘଟୁଥିବାରୁ ପଣ୍ଡିତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ମେଡ଼ିକାଲ ଛକରେ ସ୍ଥାପନ କରିବା ପାଇଁ ବାଣପୁର ଏନଏସି ନଗରପାଳ ମିଟୁ ନାୟକ ବିଭିନ୍ନ ଅନୁଷ୍ଠାନର ଅନୁରୋଧକୁ ସାଦରେ ଗ୍ରହଣ କରିଛନ୍ତି।

ସକାଳ
THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୬.୫୭ ● ପାଉଣ୍ଡ ୧୨୯.୭୦
- ୟୁରୋ ୧୧୦.୧୭ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୮୫୦ (ଭୁବନେଶ୍ୱର)
- ରୁପା : ୨,୪୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୦୫୯.୦୦
- ନିଫ୍ଟି ୨୩,୭୬୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ଜଙ୍କ୍‌ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର

## ସରକାର କରିଛନ୍ତି ସୁପାରିସ ■ ପ୍ରତି ତିନି ଜଣରେ ଜଣେ ଶିଶୁ ଜଙ୍କ୍‌ଫୁଡ୍‌ର ଶିକାର

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଜଙ୍କ ଫୁଡ୍ ଏବଂ ମିଠା ପାନୀୟ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ବିପଦ। ଚିପ୍ସ, ପିଜା, ବର୍ଗର, ଫ୍ରେଞ୍ଚ ଫ୍ରାଏଜ୍, ପ୍ୟାକେଜ୍ ସ୍ନାକ୍ସ, ଥଣ୍ଡା ପାନୀୟ, ମୋମୋ ଏବଂ ମିଠା ପାନୀୟ ଭଳି ଜଙ୍କ ଫୁଡ୍ ଦେଶରେ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି। ପରିସ୍ଥିତି ଏପରି ହୋଇଛି ଯେ ବର୍ତ୍ତମାନ ଦେଶରେ ୫-୧୯ ବର୍ଷ ବୟସର ଲକ୍ଷ ଲକ୍ଷ ଶିଶୁ ମେଦବହୁଳତା, ପୂର୍ବ ମଧୁମେହ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟାରେ ପୀଡିତ। ପାଞ୍ଚ ପ୍ରତିଶତ କିଶୋର ଉଚ୍ଚ ରକ୍ତଚାପରେ ପୀଡିତ। ଏହାର ଅର୍ଥ ହେଉଛି ପ୍ରତି ତିନି ଜଣ ଶିଶୁରେ ଜଣେ କୌଣସି ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ। ଏହାକୁ ନଜରରେ ରଖି କେନ୍ଦ୍ର ସରକାର ଆଗାମୀ ଦିନରେ ଜଙ୍କ୍ ଫୁଡ୍‌ରେ ଲାଗିବ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ ବିଚାର କରୁଛନ୍ତି। ସରକାରଙ୍କୁ ପ୍ରଦାନ କରାଯାଇଥିବା ଏହାର ରିପୋର୍ଟରେ, ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଜାତୀୟ



ପୁଷ୍ଟିକର ପ୍ରତିଷ୍ଠାନ (ଏନ୍‌ଆଇଏନ୍) ଏପରି ଖାଦ୍ୟ ଏବଂ ଚିନି ପାନୀୟ ଉପରେ ସ୍ୱାସ୍ଥ୍ୟ କର ଲାଗୁ କରିବାକୁ କିମ୍ବା ପ୍ରଚଳିତ ଟିକସରେ ବୃଦ୍ଧି କରିବାକୁ ସୁପାରିଶ କରିଛି।

ଜଙ୍କ୍ ଫୁଡ୍‌କୁ ଏଚ୍‌ଏଫ୍‌ଏସ୍‌ଏସ୍ (ଉଚ୍ଚ ଚର୍ବି, ଉଚ୍ଚ ଚିନି ଏବଂ ଉଚ୍ଚ ଲୁଣ) ଖାଦ୍ୟ କୁହାଯାଏ। ଏହି ଖାଦ୍ୟଗୁଡ଼ିକରେ ପ୍ରାୟତଃ ଟ୍ରାନ୍ସ ଫ୍ୟାଟ୍, ସାଚୁରେଟେଡ୍ ଫ୍ୟାଟ୍, ରିଫାଇନ୍ ମଇଦା, କୃତ୍ରିମ ସ୍ୱାଦ ଏବଂ ବିଭିନ୍ନ ମିଶ୍ରଣ ରହିଥାଏ। ଏଗୁଡ଼ିକରେ ପୋଷଣ କମ୍ ଏବଂ କ୍ୟାଲୋରି ଅଧିକ ଥାଏ। ଏହି କାରଣରୁ ଏହି ଖାଦ୍ୟର ନିୟମିତ ବ୍ୟବହାର ଦ୍ରୁତ ଓଜନ ବୃଦ୍ଧି ଏବଂ ଅନେକ ରୋଗର ବିକାଶ କରିଥାଏ। ନିରନ୍ତର ସେବନ ପିଲା ଏବଂ କିଶୋରମାନଙ୍କ ମଧ୍ୟରେ ସ୍ଥୂଳତା ବୃଦ୍ଧି କରେ, ଯାହା ମଧୁମେହ, ହୃଦରୋଗ, ଉଚ୍ଚ ରକ୍ତଚାପ ଏବଂ କର୍କଟ ଭଳି ଅଣ-

### ଆଇସିଏମ୍‌ଆର୍-ଏନ୍‌ଆଇଏନ୍ ରିପୋର୍ଟ

ସଂକ୍ରାମକ ରୋଗ ଆଶଙ୍କା ବଢ଼ାଇଥାଏ। ରିପୋର୍ଟ ଅନୁସାରେ, ଭାରତରେ ଅଲ୍ଟ୍ରା-ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍) ର ବଜାର ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୦୦୬ରେ ୦.୯ ବିଲିୟନ ଡଲାର ମୂଲ୍ୟର ଏହି ବଜାର ୨୦୧୯ ସୁଦ୍ଧା ୩୭.୯ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ୨୦୦୯ରୁ ୨୦୨୩ ମଧ୍ୟରେ ଏପରି ଉତ୍ପାଦର ବିକ୍ରି ପ୍ରାୟ ୧୫୦ ପ୍ରତିଶତ ବୃଦ୍ଧି ପାଇଛି। ଟେଲିଭିଜନ, ମୋବାଇଲ୍ ଫୋନ୍, ସୋସିଆଲ ମିଡିଆ, କ୍ରିକେଟ୍ ମ୍ୟାଚ୍, ସ୍କୁଲ ପରିସରରେ ଏବଂ ପ୍ରଭାବଶାଳୀ ମାର୍କେଟିଂ ମାଧ୍ୟମରେ ପିଲାମାନେ ନିରନ୍ତର ଜଙ୍କଫୁଡ୍ ବିଜ୍ଞାପନ ଦ୍ୱାରା ପ୍ରୋତ୍ସାହିତ। ରିପୋର୍ଟ ଅନୁଯାୟୀ, ପିଲାମାନଙ୍କ ଟିଭି ଚ୍ୟାନେଲରେ ପ୍ରାୟ ୯୦ ପ୍ରତିଶତ ବିଜ୍ଞାପନ ଏପରି ଖାଦ୍ୟ ପାଇଁ କରାଯାଉଛି। ୯୨.୬ ପ୍ରତିଶତ ଅଭିଭାବକ ରିପୋର୍ଟ କରିଛନ୍ତି ଯେ ସ୍କୁଲ ଏବଂ କଲେଜ ପାଖରେ ଏପରି ଖାଦ୍ୟ ସହଜରେ ଉପଲବ୍ଧ। ପ୍ରମୁଖ କ୍ରିକେଟ୍ ଇଭେଣ୍ଟ ସମୟରେ ୮୦ ପ୍ରତିଶତରୁ ଅଧିକ ବିଜ୍ଞାପନ ଅସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ମିଠା ପାନୀୟର ହିଁ ଦେଖିବାକୁ ମିଳୁଛି।

ଭାରତରେ ପୂର୍ବରୁ ଜଙ୍କଫୁଡ୍ ବିକ୍ରି ଏବଂ ପ୍ରଚାରକୁ ନିୟନ୍ତ୍ରଣ କରୁଥିବା ଅନେକ ନିୟମ ରହିଛି, କିନ୍ତୁ କଠୋର ପ୍ରବର୍ତ୍ତନ ଅଭାବରୁ, ଏହି ନିୟମଗୁଡ଼ିକର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ପଡୁନାହିଁ। ତମାଖୁ ଏବଂ ମଦ ଭଳି ଚର୍ବି, ଲୁଣ ଏବଂ ଚିନି ଅଧିକ ଥିବା ଖାଦ୍ୟ ଏବଂ ପାନୀୟ ଉପରେ କର ବୃଦ୍ଧି କରାଯାଇପାରେ। ଲକ୍ଷ୍ୟ ହେଉଛି ଜଙ୍କ ଫୁଡ୍ ଅଧିକ ମହଙ୍ଗା ଏବଂ ପୁଷ୍ଟିକର ଖାଦ୍ୟକୁ ଅପେକ୍ଷାକୃତ ଶସ୍ତା କରିବା।

**କମୁଛି ବିମାନ ସିଟ୍ ସାଇଜ୍**

# ୪୦ ବର୍ଷରେ ସିଟ୍ ୪ ଇଞ୍ଚ କମିଛି

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଯଦି ଆପଣ ଭାବୁଛନ୍ତି ଯେ ଇକୋନୋମି-କ୍ଲାସ୍ ବିମାନ ସିଟ୍‌ରେ ଆପଣଙ୍କ ଗୋଡ଼ ବିସ୍ତାର କରିବା କଷ୍ଟକର ହେଉଛି, ତେବେ ଏହା କେବଳ ଆପଣଙ୍କର ଭୁଲ ଧାରଣା ନୁହେଁ। ଗତ ଚାରି ଦଶନ୍ଧି ଧରି, ସାରା ବିଶ୍ୱରେ ବିମାନ କମ୍ପାନୀଗୁଡ଼ିକ ଧୀରେ ଯାତ୍ରୀ ସିଟ୍ ଆକାରକୁ ସଙ୍କୁଚିତ କରିଛନ୍ତି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ସମୟ ମଧ୍ୟରେ ଲୋକଙ୍କ ହାରାହାରି ଉଚ୍ଚତା ଏବଂ ଓଜନ ମଧ୍ୟ ବୃଦ୍ଧି ପାଇଛି। ଫଳସ୍ୱରୂପ ଆଜି ଜଣେ ସାଧାରଣ ଯାତ୍ରୀଙ୍କୁ ସମାନ ବିମାନରେ ପୂର୍ବ ଅପେକ୍ଷା ଯଥେଷ୍ଟ କମ୍ ସ୍ଥାନରେ ଯାତ୍ରା କରିବାକୁ ପଡୁଛି। ବିମାନ ଶିଳ୍ପ ତଥ୍ୟ ଏବଂ ବିମାନ ସିଟ୍ ମାନଚିତ୍ର ଦର୍ଶାଉଛି ଯେ ଏହି ସଂକୋଚନ କେବଳ ଆରାମର ବିଷୟ



ନୁହେଁ, ବରଂ ବର୍ତ୍ତମାନ ଏକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା ପାଲଟିଛି।

୧୯୮୦ ଏବଂ ୧୯୯୦ ଦଶକରେ, ଇକୋନୋମି କ୍ଲାସରେ ସିଟ୍ ପିଚ୍ କିମ୍ବା ଦୁଇଟି ସିଟ୍ ମଧ୍ୟରେ ଦୂରତା ସାଧାରଣତଃ ୩୪-୩୫ ଇଞ୍ଚ ଥିଲା। ବର୍ତ୍ତମାନ ସମୟରେ ଅଧିକାଂଶ ପ୍ରମୁଖ ଏୟାରଲାଇନ୍ସରେ ସିଟର ଆକାର ୩୦-୩୧ ଇଞ୍ଚ ହ୍ରାସ ପାଇଛି, ଯେତେବେଳେ କି ଭାରତ ସମେତ ବିଶ୍ୱବ୍ୟାପୀ କମ୍ ମୂଲ୍ୟର ଏୟାରଲାଇନ୍ସରେ, ଏହି ଆକାର ୨୮-୨୯ ଇଞ୍ଚକୁ ହ୍ରାସ ପାଇଛି। ଏହାର ଅର୍ଥ ହେଉଛି, ହାରାହାରି ପ୍ରତ୍ୟେକ ଯାତ୍ରୀ ପୂର୍ବ ତୁଳନାରେ ୪ ରୁ ୭ ଇଞ୍ଚ କମ୍ ଲେଗ୍ ରୁମ୍ ପାଉଛନ୍ତି। ଏହି ସମୟ ମଧ୍ୟରେ ସିଟ୍ ପ୍ରଶସ୍ଥ ମଧ୍ୟ ୧୮-୧୯ ଇଞ୍ଚରୁ ପ୍ରାୟ ୧୬.୫-୧୭ ଇଞ୍ଚକୁ ହ୍ରାସ ପାଇଛି। ପୂର୍ବରୁ ସିଟ୍‌ଗୁଡ଼ିକରେ ମୋଟା କୁଶନ ଥିଲା, କିନ୍ତୁ ବର୍ତ୍ତମାନ ସ୍ଲିମ୍‌ଲାଇନ୍ ଡିଜାଇନ୍ ସାଧାରଣ ହୋଇଯାଇଛି, ଯାହା ଦ୍ୱାରା ଏୟାରଲାଇନ୍ସଗୁଡ଼ିକ ସମାନ ସ୍ଥାନରେ ଅଧିକ ସିଟ୍ ଫିଟ୍ କରିପାରିବେ। ଆଶ୍ଚର୍ଯ୍ୟଜନକ ଭାବରେ, ସିଟ୍ ସଙ୍କୁଚିତ ହେବା ସହିତ ମାନବ ଶରୀର ମଧ୍ୟ ବୃଦ୍ଧି ପାଇଛି।

ଏହି ପରିବର୍ତ୍ତନ କେବଳ ସିଟ୍ ପର୍ଯ୍ୟନ୍ତ ସୀମିତ ନୁହେଁ, ବରଂ ବିମାନ ଭିତରେ ଥିବା ସିଟ୍ ସଂଖ୍ୟାରେ ମଧ୍ୟ ସ୍ପଷ୍ଟ। ବୋଇଂ ୭୩୭ରେ ପୂର୍ବରୁ ୧୨୦-୧୩୦ ସିଟ୍ ଥିଲା, କିନ୍ତୁ ବର୍ତ୍ତମାନ ବିମାନ କମ୍ପାନୀଗୁଡ଼ିକ ସମାନ ବିମାନରେ ୧୮୦-୧୯୦ ସିଟ୍ ଯୋଡୁଛନ୍ତି। ସେହିପରି, ଏୟାରବସ୍ ଏ୩୨୦ ଯାହା ପୂର୍ବରୁ ସର୍ବାଧିକ ୧୫୦ ସିଟ୍ ଥିଲା, ଏବେ ୧୮୦-୧୮୬ ସିଟ୍‌ରେ

### ଭଡ଼ା ବଢୁଛି; ଯାତ୍ରୀଙ୍କୁ କମ୍ ଆରାମ

### ଦୀର୍ଘ ଯାତ୍ରା ପାଇଁ ଅସହଜ ହେଉଛି ଉଡ଼ାଣ

### ସୃଷ୍ଟି କରୁଛି ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସମସ୍ୟା

ପହଞ୍ଚିଛି। ସ୍ପଷ୍ଟ ଭାବରେ, ବିମାନର ଗଠନ ପ୍ରାୟତଃ ସମାନ ରହିଛି, କିନ୍ତୁ ଏଥିରେ ଯାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି।

### ଅଧିକ ଲେଗ୍‌ରୁମ୍ ଏକ ପ୍ରିମିୟମ୍ ବୈଶିଷ୍ଟ୍ୟ

ଆଜି ଅଧିକ ଲେଗ୍‌ରୁମ୍ କିମ୍ବା ପସନ୍ଦିତ ସିଟ୍ ରହିବା ଆଉ ଏକ ମାଗଣା ସୁବିଧା ନୁହେଁ, ବରଂ ଅତିରିକ୍ତ ଆୟର ଏକ ଉତ୍ସ। ଭାରତରେ, ଘରୋଇ ବିମାନରେ ଏକ ଏକ୍ସଏଲ୍ କିମ୍ବା ଅତିରିକ୍ତ-ଲେଗ୍‌ରୁମ୍ ସିଟ୍ ପାଇଁ ଯାତ୍ରୀମାନଙ୍କୁ ଅତିରିକ୍ତ ୫୦୦ ରୁ ୨,୦୦୦ ଟଙ୍କା ଦେବାକୁ ପଡ଼େ। ଆନ୍ତର୍ଜାତୀୟ ବିମାନରେ, ରୁଟ୍ ଏବଂ ଚାହିଦା ଉପରେ ନିର୍ଭର କରି, ଅନେକ ଏୟାରଲାଇନ୍ସ ଏଥିପାଇଁ ୩,୦୦୦ ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଶୁଳ୍କ ନିଅନ୍ତି।

**ଏଆଇରେ ପ୍ରଚୁର ନିବେଶ, ଆମେରିକା ପାଇ ମହଙ୍ଗା ପଡ଼ିବ**

# ପ୍ରତିଯୋଗିତା ବଢୁଛି; ରିଟର୍ଣ୍ଣ ଶୂନ୍

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବିଶ୍ୱର ପରବର୍ତ୍ତୀ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ବିପ୍ଳବ ଭାବରେ ବିବେଚନା କରାଯାଏ। ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା ଭଳି ଆମେରିକୀୟ କମ୍ପାନୀଗୁଡ଼ିକ ଡାଟା ସେଣ୍ଟର ଏଆଇ ଚିପ୍ସ ଏବଂ କ୍ଲାଉଡ୍ ଭିତ୍ତିଭୂମିରେ ଶହ ଶହ ବିଲିୟନ ଡଲାର ଖର୍ଚ୍ଚ କରୁଛନ୍ତି। ନିବେଶକମାନେ ବିଶ୍ୱାସ କରନ୍ତି ଯେ ଏହି ନିବେଶ ଆଗାମୀ ବର୍ଷଗୁଡ଼ିକରେ ଏହି କମ୍ପାନୀଗୁଡ଼ିକର ରୋଜଗାରକୁ ନୂତନ ଉଚ୍ଚତାରେ ପହଞ୍ଚାଇବ। ତଥାପି, ଏଆଇରେ ଏତେ ବଡ଼ ନିବେଶ ପ୍ରକୃତରେ କମ୍ପାନୀଗୁଡିକୁ ଏ ଯାଏ ରିଟର୍ଣ୍ଣ ପ୍ରଦାନ କରିନାହିଁ। ନିବେଶକମାନଙ୍କ ମଧ୍ୟରେ ଏହି ଚିନ୍ତା ବର୍ତ୍ତମାନ ପ୍ରତିଫଳିତ ହେଉଛି। ଏଆଇକୁ ଆମେରିକୀୟ ବଜାରରେ ସବୁଠାରୁ ବଡ଼ ବିପ୍ଳବ ଭାବରେ ବିବେଚନା କରାଯାଏ, କିନ୍ତୁ ଏବେ ଚୀନ୍ ପକ୍ଷରୁ ପ୍ରତିଯୋଗିତାର ସଙ୍କେତ ମିଳୁଛି। ହେଲେ ଆମେରିକା ଏଆଇରେ ଯେଉଁଭଳି ଭାବେ ଅର୍ଥ ନିବେଶ କରିଛି, ସେଥିରେ ରିଟର୍ଣ୍ଣ ନ ମିଳିଲେ ତାହା ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ।

ଏହି ବିତର୍କ ମଧ୍ୟରେ, ଗ୍ଲୋବାଲ୍ ବ୍ରୋକେରେଜ୍ ଜେଫେରିଜ୍‌ର ଗ୍ଲୋବାଲ୍ ହେଡ୍ ଅଫ୍ ଇକ୍ୱିଟି ଷ୍ଟ୍ରାଟେଜି କ୍ରିସ୍ ଉଡ୍ ଏକ ଗମ୍ଭୀର ଚେତାବନୀ ଦେଇଛନ୍ତି। ସେ ଯୁକ୍ତି ଦର୍ଶାଇଛନ୍ତି ଯେ ଆମେରିକାରେ ଏଆଇ ଭିତ୍ତିଭୂମିରେ ବିପୁଳ ନିବେଶ ଭବିଷ୍ୟତରେ ପୁଞ୍ଜିର ବ୍ୟାପକ ଅପଚୟ ଆଣିପାରେ। ଏହା ମୁଖ୍ୟତଃ ଚୀନ୍‌ର ଦ୍ରୁତ ବର୍ଦ୍ଧିତ ଏଆଇ କ୍ଷମତା ଏବଂ ସେଠାରେ ବିକଶିତ ହେଉଥିବା କମ୍ ମୂଲ୍ୟର, ମୁକ୍ତ-ଉତ୍ସ ଏଆଇ ମଡେଲ୍‌ଗୁଡ଼ିକୁ ହେତୁ ହେବ। କ୍ରିସ୍ ଉଡ୍ ଉଲ୍ଲେଖ କରିଛନ୍ତି ଯେ ଆମେରିକାର ଟେକ୍ କମ୍ପାନୀଗୁଡ଼ିକ ରେକର୍ଡ ସ୍ତରରେ ଏଆଇରେ ନିବେଶ କରୁଛନ୍ତି। କେବଳ ମାଇକ୍ରୋସଫ୍ଟ, ଗୁଗଲ୍,ଆମାଜନ୍ ଏବଂ ମେଟା କେବଳ ୨୦୨୬ରୁ ୨୦୨୭ ମଧ୍ୟରେ ପ୍ରାୟ ୧.୫୭ ଟ୍ରିଲିୟନ ଡଲାରର ମିଳିତ ପୁଞ୍ଜି ବ୍ୟୟ ହେବାର ଆକଳନ କରାଯାଇଛି। ଏଠାରେ ପ୍ରଶ୍ନ ହେଉଛି ଏହି କମ୍ପାନୀଗୁଡ଼ିକ ଏହି ନିବେଶ ସହିତ ସମାନ ରାଜସ୍ୱ ସୃଷ୍ଟି କରିବେ କି ନାହିଁ। ଯଦି ଏହା ନ ହୁଏ, ତେବେ ନିବେଶକଙ୍କ ଆଶା ଭାଙ୍ଗିଯାଇପାରେ ଏବଂ ଷ୍ଟକ୍ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ଦେଖାଯାଇପାରେ।

କିଛି ବର୍ଷ ପୂର୍ବେ, ଏହା ବିଶ୍ୱାସ କରାଯାଉଥିଲା ଯେ ଏଆଇରେ ଆମେରିକାର ପ୍ରାଧାନ୍ୟ ଦୀର୍ଘ ସମୟ ଧରି ଜାରି ରହିବ, କିନ୍ତୁ ବର୍ତ୍ତମାନ ଚୀନ୍ ଏହି ବ୍ୟବଧାନକୁ ଦ୍ରୁତ ଗତିରେ ହ୍ରାସ କରିଛି। ଯଦି ସାରା ବିଶ୍ୱରେ କମ୍ପାନୀଗୁଡ଼ିକ କମ୍ ମୂଲ୍ୟର ଚୀନ୍ ମଡେଲଗୁଡ଼ିକୁ ଗ୍ରହଣ କରନ୍ତି, ତେବେ ଆମେରିକୀୟ କମ୍ପାନୀଗୁଡ଼ିକର ମହଙ୍ଗା ଏଆଇ ନିବେଶରୁ ସମ୍ଭାବ୍ୟ ଲାଭ ହ୍ରାସ ପାଇପାରେ। ଏହି ବିପଦକୁ କ୍ରିସ୍ ଉଡ୍ ଇଙ୍ଗିତ କରୁଛନ୍ତି। ଏଆଇ ବ୍ୟବସାୟ କେବଳ ଭଲ ମଡେଲ ନିର୍ମାଣ କରିବାରେ ସୀମିତ ନୁହେଁ; ଏଥିପାଇଁ ବଡ଼ ଡାଟା ସେଣ୍ଟର, ଅତ୍ୟାଧୁନିକ ଚିପ୍ସ, ଶକ୍ତି, ନେଟୱାର୍କ ଏବଂ କ୍ଲାଉଡ୍ ଭିତ୍ତିଭୂମି ଉପରେ ଯଥେଷ୍ଟ ଖର୍ଚ୍ଚ ଆବଶ୍ୟକ। ବର୍ତ୍ତମାନ, ଆମେରିକୀୟ ଟେକ୍ କମ୍ପାନୀଗୁଡ଼ିକ ଏହି ଆଶାରେ କୋଟି କୋଟି ଡଲାର ଖର୍ଚ୍ଚ କରୁଛନ୍ତି ଯେ ଭବିଷ୍ୟତରେ ଏଆଇ ସେବାରୁ ସେମାନଙ୍କର ରାଜସ୍ୱ ବହୁଗୁଣିତ ହେବ।

**ଇ-ଫାଇଲିଂ ସାଇଟ୍ ବନ୍ଦ**

# କରଦାତାଙ୍କ ପାଇଁ ବଢୁଛି ସମସ୍ୟା

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧। ଫଳସ୍ୱରୂପ, ଅନେକ କରଦାତା ଏବଂ ସିଏ ଆୟକର ବିଭାଗର ଇ-ଫାଇଲିଂ ପୋର୍ଟାଲରେ ସିଷ୍ଟମ୍ ସମସ୍ୟା ବିଷୟରେ ଅଭିଯୋଗ କରିଛନ୍ତି। ବହୁ ସଂଖ୍ୟକ ଲୋକ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ'ରେ ପୋଷ୍ଟ କରିଛନ୍ତି ଯେ ପୋର୍ଟାଲ ଠିକ୍ ଭାବରେ କାମ କରୁନାହିଁ, ଯାହା ଫଳରେ ସେମାନଙ୍କର ଆଇଟିଆର୍‌ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।

ଉପଭୋକ୍ତାଙ୍କ ଅନୁଯାୟୀ, ଅନେକ ପୋର୍ଟାଲରେ ଲଗ୍ ଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେତେକ ସମସ୍ୟା କିଛି ଘଣ୍ଟା ଧରି ଜାରି ରହିଛି ବୋଲି ରିପୋର୍ଟ କରିଛନ୍ତି, ଯେତେବେଳେ କି ଅନ୍ୟମାନେ ରିପୋର୍ଟ କରିଛନ୍ତି ଯେ ପୋର୍ଟାଲ ସମ୍ପୂର୍ଣ୍ଣ ଭାବରେ ବନ୍ଦ ଅଛି, ଯାହା ଫଳରେ ଆଇଟିଆର୍ ଦାଖଲ ଏବଂ ଜମା କରିବାରେ ସମସ୍ୟା ହେଉଛି।




### ସାଢ଼େ ତିନି କୋଟିରୁ ଅଧିକ ଆଇଟିଆର୍ ଦାଖଲ

ଜଣେ ବ୍ୟବହାରକାରୀ ଏକ୍ସ'ରେ ଲେଖିଛନ୍ତି, ଆୟକର ପୋର୍ଟାଲ ଦୁଇ ଘଣ୍ଟା ଧରି ବନ୍ଦ ଅଛି। ସେଥିରେ ଆଇଟିଆର୍ ଫାଇଲିଂ ଏବଂ ଜମା ଫି' ପ୍ରକ୍ରିୟାକରଣ ହେଉନାହିଁ। ଅତି କମ୍‌ରେ ଆୟକର ଦିବସରେ ପୋର୍ଟାଲ ଠିକ୍ ଭାବରେ କାମ କରିବା ଉଚିତ ଥିଲା। ଆଉ ଜଣେ ବ୍ୟବହାରକାରୀ ଲେଖିଛନ୍ତି ଯେ ଇ-ଫାଇଲିଂ ପୋର୍ଟାଲ ଦୀର୍ଘ ସମୟ ଧରି ବନ୍ଦ ଥିଲା, ଯାହା ଫଳରେ କୌଣସି ରିଟର୍ଣ୍ଣ ଫାଇଲ୍ ହେଉନଥିଲା କିମ୍ବା ଜମା କରାଯାଉ ନ ଥିଲା। ଅପରପକ୍ଷେ ସୋସିଆଲ ମିଡିଆରେ ଅନେକ ଲୋକ ଏହା ମଧ୍ୟ ପରାମର୍ଶ ଦେଇଛନ୍ତି ଯେ ଯଦି ଏହି ସମସ୍ୟା ଶୀଘ୍ର ସମାଧାନ ନହୁଏ, ତେବେ ଜୁଲାଇ ୩୧ ଆଇଟିଆର୍ ଫାଇଲିଂ ଶେଷ ତାରିଖକୁ ବୃଦ୍ଧି କରାଯିବା ଉଚିତ। ତଥାପି, ସରକାର କିମ୍ବା ଆୟକର ବିଭାଗ ଏ ପର୍ଯ୍ୟନ୍ତ ଶେଷ ତାରିଖ ବୃଦ୍ଧି କରିବା ସମ୍ପର୍କରେ କୌଣସି ମତାମତ ଦେଇନାହାଁନ୍ତି।

ଆୟକର ବିଭାଗର ୱେବସାଇଟ୍ ଅନୁଯାୟୀ, ୨୦୨୬-୨୭ ବର୍ଷ ପାଇଁ ସାଢ଼େ ତିନି କୋଟି ନିୟୁତରୁ ଅଧିକ ଆଇଟିଆର୍ ଦାଖଲ କରାଯାଇଛି। ପ୍ରତିବର୍ଷ, ଶେଷ ତାରିଖ ପାଖେଇ ଆସିଲେ ବହୁ ସଂଖ୍ୟକ ଲୋକ ସେମାନଙ୍କର ରିଟର୍ଣ୍ଣ ଫାଇଲ୍ କରନ୍ତି, ଯାହା କାରଣରୁ ପୋର୍ଟାଲ ପ୍ରାୟତଃ ସମସ୍ୟାର ସମ୍ମୁଖୀନ ହୁଏ। ତେବେ ଆୟକର ବିଭାଗ ପକ୍ଷରୁ ପୋର୍ଟାଲର ସମସ୍ୟା ବିଷୟରେ କୌଣସି ମନ୍ତବ୍ୟ ଦିଆଯାଇନାହିଁ। ବର୍ତ୍ତମାନ ପାଇଁ, ପୋର୍ଟାଲ ବ୍ୟବହାର କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା କରଦାତାମାନଙ୍କୁ ଏହାର ସମାଧାନ ପାଇଁ ଅପେକ୍ଷା କରିବାକୁ ପଡିବ।

# ଟ୍ରେନରେ ଆଉ ମିଳିବନି ମଇଳା ବେଡ୍‌ସିଟ୍

**ନୂଆଦିଲ୍ଲୀ,୨୬।୭(ଏଜେନ୍ସି):** ଯାତ୍ରୀମାନେ ଟ୍ରେନରେ ପ୍ରାୟତଃ ମଇଳା କିମ୍ବା ଦାଗଯୁକ୍ତ ଚାଦର ଦିଆଯାଇଥିବା ଅଭିଯୋଗ କରିଥାନ୍ତି। ରେଳବାଇ ଏବେ ଏକ ଉଚ୍ଚ-ପ୍ରଯୁକ୍ତି ସମାଧାନ ସହିତ ଏହି ସମସ୍ୟାର ସମାଧାନ କରିବ। ଏଣିକି ଏଆଇ-ସକ୍ଷମ କ୍ୟାମେରାଗୁଡ଼ିକ ଏସି ଟ୍ରେନ କୋଚରେ ଚାଦର ଏବଂ ତକିଆର ସ୍ୱଚ୍ଛତା ଯାଞ୍ଚ କରିବ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଲଣ୍ଡ୍ରିରେ ଧୋଇଥିବା ଚାଦର ଏବଂ ତକିଆର ସଫାତା ଯାଞ୍ଚ କରିବା ପାଇଁ ମଧ୍ୟ ଏଆଇ ବ୍ୟବହାର କରାଯିବ। ଏଥିପାଇଁ, ରେଳବାଇ ସ୍ୱତନ୍ତ୍ର ଏଆଇ-ସକ୍ଷମ କ୍ୟାମେରା ବ୍ୟବହାର କରି ଟ୍ରେନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ଚାଦର ଏବଂ ତକିଆ ସଠିକ୍ ଭାବରେ ସଫା ହୋଇଛି କି ନାହିଁ ତାହା ସତର୍କତାର ସହ ଯାଞ୍ଚ କରିବ।

ରିପୋର୍ଟ ଅନୁଯାୟୀ, ପୁଣେ, ଜୟପୁର ଏବଂ ଯୋଧପୁର ଡିଭିଜନର ଲଣ୍ଡ୍ରିରେ ଏଆଇ କ୍ୟାମେରା ବ୍ୟବହାର କରି ଦାଗ

### ରେଳବାଇ ଲଣ୍ଡ୍ରିରେ ଲାଗିଛି ଏଆଇ କ୍ୟାମେରା

### ମାତ୍ର କିଛି ସେକେଣ୍ଡରେ କରିବ ଦାଗ ଚିହ୍ନଟ

ଚିହ୍ନଟ କରିବା ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି। ଯାହା ଦ୍ୱାରା ଟ୍ରେନରେ ବ୍ୟବହୃତ କପଡାର ଗୁଣବତ୍ତା ଏବଂ ପରିଷ୍କାରତା ସୁନିଶ୍ଚିତ କରାଯାଇପାରିବ। ଏହା ବ୍ୟତୀତ, ଯାନ୍ତ୍ରିକ ଲଣ୍ଡ୍ରିରେ କପଡାର ଧଳାତା ଏବଂ ଉଜ୍ଜ୍ୱଳତା ମାପିବା ପାଇଁ ହ୍ୱିଟୋ-ମିଟର ବ୍ୟବହାର କରାଯାଉଛି। ଏହା ଏକ ଉପକରଣ ଯାହା କପଡାର ଧଳାତା ଏବଂ ପରିଷ୍କାରତା ମାପିପାରିବ। ପ୍ରକ୍ରିୟାକୁ ନିରୀକ୍ଷଣ କରିବା ପାଇଁ ଲଣ୍ଡ୍ରିରେ ସିସିଟିଭି କ୍ୟାମେରା ମଧ୍ୟ ସ୍ଥାପନ କରାଯାଇଛି। ଏଆଇ କ୍ୟାମେରା ସହିତ କପଡାର ପରିଷ୍କାରତା ଯାଞ୍ଚ କରିବା ପାଇଁ, ଧୋଇବା ଏବଂ ଫିନିସିଂ ଲାଇନରେ କ୍ୟାମେରା ସ୍ଥାପନ କରାଯିବ। ସଫା କରିବା ପରେ, ଯେତେବେଳେ ଚାଦର କିମ୍ବା ତକିଆ କଭର ବେଲ୍ଟ ଦେଇ ଯାଏ, ଏହି କ୍ୟାମେରାଗୁଡ଼ିକ ପ୍ରତ୍ୟେକ ପୋଷାକର ଉଚ୍ଚ-ରିଜୋଲ୍ୟୁସନ୍ ଚିତ୍ର ନେଇଥାଏ। ପରବର୍ତ୍ତୀ କାର୍ଯ୍ୟ ଏଆଇ ଦ୍ୱାରା କରାଯିବ, ହଜାର ହଜାର ସଫା ଏବଂ ଦାଗଯୁକ୍ତ ପୋଷାକରୁ ତଥ୍ୟ ଉପରେ ତାଲିମପ୍ରାପ୍ତ।

# ମାରୁତି ସୁଜୁକି ବ୍ରିଜା ଟର୍ବୋ ବୁଷ୍ଟରଜେଟ୍ ବଜାରରେ

**ନୂଆଦିଲ୍ଲୀ,୨୬।୭:** ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ମାରୁତି ସୁଜୁକି) ପକ୍ଷରୁ ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟର ଶୁଭାରମ୍ଭ କରାଯାଇଛି ଯାହା ଯୁବ ଭାରତୀୟଙ୍କୁ ଉତ୍ସାହଜନ ଚାଳନା କାର୍ଯ୍ୟକ୍ଷତା ପ୍ରଦାନ କରିଥାଏ। ନୂଆ ବ୍ରିଜା ଟର୍ବୋ ବୁଷ୍ଟରଜେଟ ମାତ୍ର ୭୩୯,୯୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଉପଲବ୍ଧ ହେବ। ଏହା ପ୍ରଗତିଶୀଳ ସ୍ମାର୍ଟ ହାଇବ୍ରିଡ ଟେକ୍ନୋଲୋଜି ସହିତ ପ୍ରମାଣିତ ଓ ପରିଭାଷିତ କେ୧୫ସି ଡୁଆଲ ଜେଟ ଡୁଆଲ ଭିଭିଟି ଇଞ୍ଜିନରେ ଉପଲବ୍ଧ ହେବ। ନୂଆ ବ୍ରିଜା କେ୧୫ସିରେ ଏକ ନୂତନ -ସ୍ପିଡ ମାନୁଆଲ ଟ୍ରାନ୍ସମିଶନ ସହ ଷ୍ଟିଅରି-ମାଉଣ୍ଟେଡ୍ ପ୍ୟାଡେଲ ସିଫ୍ଟର ରହିଛି। ବ୍ରିଜା ଟର୍ବୋ ବୁଷ୍ଟରଜେଟ ୨୦.୪୭ କିମି/ଲିଟରର ଇନ୍ଧନ ଦକ୍ଷତା ରହିଛି ଯାହା ଏକ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଦେଇଥାଏ। ଏହି ନୂତନ କାର୍ ଭିଭାସିଅସ ଅରେଞ୍ଜ ଓ ଲଷ୍ଟ୍ରସ ବିଜ୍ କଲର ସମେତ ପର୍ଲ ବ୍ଲୁଇଶ ବ୍ଲାକ, ମାଗ୍ମା ଗ୍ରେ, ସିଜ୍‌ଲିଂ ରେଡ, ସ୍ପ୍ଲେଣ୍ଡିଡ ସିଲଭର ଓ ପର୍ଲ ଆର୍କଟିକ ହ୍ୱାଇଟ ଭଳି ଏକାଧିକ ରଙ୍ଗ ବିକଳ୍ପରେ ଉପଲବ୍ଧ ହେଉଛି। ନୂଆ ବ୍ରିଜା ବ୍ଲୁଇଶ ବ୍ଲାକ ରୁମ୍ ସହ ଲଷ୍ଟ୍ରସ ବିଜ, ବ୍ଲୁଇଶ ବ୍ଲାକ ରୁଫ୍ ସହ ଆର୍କଟିକ ହ୍ୱାଇଟ ଓ ବ୍ଲୁଇଶ ବ୍ଲାକ ରୁଫ୍ ସହ ସିଜ୍‌ଲିଙ୍ଗ ରେଡ ଭଳି ଡୁଆଲ-ଟୋନ କଲରରେ ମଧ୍ୟ ଉପଲବ୍ଧ।

# ସଞ୍ଚୟ ଖାତା ସୁଧ ଉପରେ ବି ଲାଗୁଛି ଟିକସ

**ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି):** ଲୋକମାନେ ସାଧାରଣତଃ ସେମାନଙ୍କର କଷ୍ଟ ଅର୍ଜିତ ଟଙ୍କାକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟାଙ୍କ କିମ୍ବା ଡାକ ଘରେ ସଞ୍ଚୟ ଖାତା ଖୋଲିଥାନ୍ତି। ବ୍ୟାଙ୍କଗୁଡ଼ିକ ତ୍ରୈମାସିକ କିମ୍ବା ଅର୍ଦ୍ଧବାର୍ଷିକ ଆଧାରରେ ଏହି ସଞ୍ଚୟ ଖାତାରେ ଜମା ଉପରେ ସୁଧ ଦିଅନ୍ତି। ଅଧିକାଂଶ କରଦାତାଙ୍କ ମଧ୍ୟରେ ଏକ ସାଧାରଣ ଭୁଲ ଧାରଣା ହେଉଛି ଯେ ସଞ୍ଚୟ ଖାତାରେ ଅର୍ଜିତ ସୁଧ ସମ୍ପୂର୍ଣ୍ଣ କରମୁକ୍ତ, କିନ୍ତୁ ଆୟକର ଆଇନ ଅନୁଯାୟୀ ଏହା ନୁହେଁ। ଆୟକର ଆଇନ ଅନୁଯାୟୀ, ଆପଣଙ୍କ ସଞ୍ଚୟ ଖାତାରେ ଅର୍ଜିତ ସୁଧ ଆୟ ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ବାର୍ଷିକ ଆୟରେ ଯୋଡା ଯାଇଥାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ କର ଲାଗୁ ହୋଇଥାଏ। ତଥାପି, ଆୟକର ବିଭାଗ ସାଧାରଣ ନାଗରିକ ଏବଂ ବରିଷ୍ଠ ନାଗରିକ ଉଭୟଙ୍କୁ ଏହି ସୁଧ ଆୟ ଉପରେ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ବିଭିନ୍ନ ଧାରା ଅଧୀନରେ କର ଛାଡ଼ କରେ।

ସାଧାରଣ କରଦାତାଙ୍କ ପାଇଁ (୬୦ ବର୍ଷରୁ କମ୍ ବୟସ୍କ), ସଞ୍ଚୟ ଖାତା ସୁଧ ଉପରେ କର ଛାଡ଼ ଆୟକର ଆଇନର ଧାରା ୮୦ଟିଟିଏ ଅନୁଯାୟୀ ଉପଲବ୍ଧ। ଏହି ଧାରା ଅନୁଯାୟୀ, ଏକ ଆର୍ଥିକ ବର୍ଷରେ ବ୍ୟାଙ୍କ, ସମବାୟ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରେ ଥିବା ସଞ୍ଚୟ ଖାତାରୁ ଉପାର୍ଜନ କରାଯାଇଥିବା ମୋଟ ସୁଧ




ଉପରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିଆତି ଦାବି କରାଯାଇପାରିବ। ଏହାର ସରଳ ଅର୍ଥ ହେଉଛି ଯଦି ଆପଣଙ୍କର ସମସ୍ତ ସଞ୍ଚୟ ଖାତାରୁ ସମଗ୍ର ବର୍ଷ ପାଇଁ ଅର୍ଜିତ ମୋଟ ସୁଧ ୧୦ ହଜାର ଟଙ୍କା କିମ୍ବା ତା'ଠାରୁ କମ୍ ହୋଇଥାଏ, ତେବେ ଆପଣଙ୍କୁ ଏଥିରେ କୌଣସି ଟିକସ ଦେବାକୁ ପଡ଼ିବନାହିଁ। ତଥାପି, ଯଦି ଆପଣଙ୍କର ସଞ୍ଚୟ ଖାତାରୁ ସୁଧ ଆୟ ୧୦ ହଜାର ଟଙ୍କା ସୀମା ଅତିକ୍ରମ କରେ, ତେବେ ଅତିରିକ୍ତ ପରିମାଣ 'ଅନ୍ୟ ଉତ୍ସରୁ ଆୟ'ରେ ଯୋଡା ଯାଏ ଏବଂ ଆପଣଙ୍କ ଟିକସ ସ୍ଲାବ ଅନୁଯାୟୀ ଟିକସ ଲଗାଯାଏ। ଧାରା ୮୦ ଟିଟିଏ ଅନୁଯାୟୀ ଏହି ଛାଡ଼ କେବଳ ସଞ୍ଚୟ ଖାତାରୁ ଅର୍ଜିତ ସୁଧ ଉପରେ ଉପଲବ୍ଧ, ସ୍ଥାୟୀ ଜମା (ଏଫ୍‌ଡି) କିମ୍ବା ଆରଡି ଉପରେ ନୁହେଁ।

ବରିଷ୍ଠ ନାଗରିକମାନଙ୍କୁ (୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର) ଆଶ୍ୱସ୍ତି ଦେବା ପାଇଁ ଆୟକର ବିଭାଗ ଧାରା ୮୦ ଟିଟିବି ପ୍ରଚଳନ କରିଛି, ଯାହା ସାଧାରଣ ନାଗରିକଙ୍କ ପାଇଁ ଉପଲବ୍ଧ ଅପେକ୍ଷା ଯଥେଷ୍ଟ ଅଧିକ ଛାଡ଼ ପ୍ରଦାନ କରେ। ଧାରା ୮୦ ଟିଟିବି ଅନୁଯାୟୀ, ବରିଷ୍ଠ ନାଗରିକମାନେ ଏକ ଆର୍ଥିକ ବର୍ଷରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସୁଧ ଆୟ ଉପରେ ଟିକସ ଛାଡ଼ ଦାବି କରିପାରିବେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସବୁଠାରୁ ବଡ଼ ସୁବିଧା ହେଉଛି ଏହି ୫୦ ହଜାର ଟଙ୍କାର ସୀମାରେ କେବଳ ସଞ୍ଚୟ ଆକାଉଣ୍ଟରୁ ସୁଧ ନୁହେଁ, ବରଂ ସ୍ଥାୟୀ ଜମା (ଏଫ୍‌ଡି), ପୁନରାବୃତ୍ତି ଜମା (ଆରଡି) ଏବଂ ପୋଷ୍ଟ ଅଫିସ ଯୋଜନାରୁ ସୁଧ ମଧ୍ୟ ଅନ୍ତର୍ଭୁକ୍ତ। ଏହାର ଅର୍ଥ ହେଉଛି ଯଦି ଜଣେ ବୟସ୍କ ବ୍ୟକ୍ତିଙ୍କ ସମସ୍ତ ଜମା ଯୋଜନାରୁ ବାର୍ଷିକ ସୁଧ ଆୟ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ହୋଇଥାଏ, ତେବେ ସେମାନଙ୍କୁ ଏହା ଉପରେ କୌଣସି ଟିକସ ଦେବାକୁ ପଡ଼ିବ ନାହିଁ ଏବଂ ବ୍ୟାଙ୍କଗୁଡ଼ିକ ଏହା ଉପରେ ଟିଡିଏସ୍ କାଟିବେ ନାହିଁ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୭୧୩- ରୁଷ୍ ଓ ତୁର୍କୀ ଶାନ୍ତି ସନ୍ଧିରେ ସ୍ୱାକ୍ଷର କଲେ।
- ୧୮୯୭- ବାଲ୍ ଗଙ୍ଗାଧର ତିଲକଙ୍କୁ ପ୍ରଥମ ଥର ପାଇଁ ଗିରଫ କରାଗଲା।
- ୧୯୩୯- କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳର ସ୍ଥାପନା।
- ୧୯୮୭- ଟାଇଟାନିକ୍ ଜାହାଜର ପ୍ରଥମ ଥର ଧ୍ୱଂସାବଶେଷ ଠାବ କରାଗଲା।
- ୧୯୯୪- ଯଶପାଳ ରାଣା ସୁଟିଂ ଚାମ୍ପିୟନ୍‌ସିପ୍‌ରେ ସ୍ୱର୍ଣ୍ଣପଦକ ଜିତିଲେ।
- ୨୦୦୨- ୟୁକ୍ରେନ୍‌ରେ ଏକ ବିମାନ ଦୁର୍ଘଟଣାରେ ୭୦ ଲୋକଙ୍କ ପ୍ରାଣହାନି।

## ଚେହେରା ଲୁଚାଇଲେ ରଣବୀର



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ରଣବୀର ସିଂହ 'ଧୂରନ୍ଧର ୨'ର ଜବରଦସ୍ତ ସଫଳତା ପରେ ଏବେ ବକ୍ସ ଅଫିସ୍‌କୁ ପୁଣି ଏକ ବ୍ଲକ୍‌ବଷ୍ଟର୍ ଫିଲ୍ମ ଦେବା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ରଣବୀର ଏବେ ତାଙ୍କ ଆଗାମୀ ଫିଲ୍ମ 'ପ୍ରଳୟ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ସେ ଫିଲ୍ମ ନିର୍ମାତା ହଂସଲ ମେହେଟ୍ଟାଙ୍କ ଅଫିସ୍ ବାହାରେ ଦେଖା ଯାଇଥିଲେ। ଏହିସମୟରେ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ କ୍ୟାପ୍ ପିନ୍ଧି ନିଜର ନୂଆ ଲୁକ୍‌କୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିଲେ। ରଣବୀର 'ପ୍ରଳୟ' ଫିଲ୍ମ ପାଇଁ ଏକ ନୂଆ ଲୁକ୍ ଆପଣାଉଛନ୍ତି, ଯାହାକୁ ସେ ଫିଲ୍ମର ଅଫିସିଆଲ୍ ଘୋଷଣା ପୂର୍ବରୁ ଲୋକଲୋଚନକୁ ଆଣିବାକୁ ଚାହୁଁ ନାହାନ୍ତି। ସେଥିପାଇଁ ସେ ଆଖିରେ ଚଷମା, ମୁହଁରେ ମାସ୍କ ଏବଂ ମୁଣ୍ଡରେ କ୍ୟାପ୍ ପିନ୍ଧି ମୁହଁକୁ ଗଣମାଧ୍ୟମଠାରୁ ଲୁଚାଉଥିବା ଚର୍ଚ୍ଚା ହେଉଛି। ସେ ଅଗଷ୍ଟରୁ 'ପ୍ରଳୟ'ର ସୁଟିଂ ଆରମ୍ଭ କରିବେ। ଫିଲ୍ମର ସୁଟିଂ ଦୀପାବଳି ପର୍ଯ୍ୟନ୍ତ ଚାଲିବ। ଏହି ଫିଲ୍ମର ଏକ ବଡ଼ ଅଂଶର ସୁଟିଂ ଅଷ୍ଟ୍ରେଲିଆରେ କରାଯିବ। ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ଏଥିରେ ରଣବୀରଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହା ତାଙ୍କର ପ୍ରଥମ ହିନ୍ଦୀ ଫିଲ୍ମ ମଧ୍ୟ ହେବ। ଫିଲ୍ମର ବଜେଟ୍ ରହିଛି ୩୦୦ କୋଟି। ଏହା ରଣବୀରଙ୍କ କ୍ୟାରିୟରର ସବୁଠାରୁ ବ୍ୟୟବହୁଳ ସୋଲୋ ଫିଲ୍ମ ହେବାକୁ ଯାଉଛି। ବିଶେଷ କଥା ହେଉଛି, ରଣବୀର ଏହି ଫିଲ୍ମକୁ ନିଜ ପ୍ରଡକ୍ସନ ହାଉସ୍ ଅଧୀନରେ କୋ-ପ୍ରଡ୍ୟୁସ ମଧ୍ୟ କରୁଛନ୍ତି।

## ରସଗୋଲା ଦିବସ



ଆଜି ରସଗୋଲା ଦିବସ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀଳାଦ୍ରି ବିଜେ ଅବସରରେ ଏହି ଦିନ ପାଳନ କରାଯାଏ। ଏହି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଫେରି ଶ୍ରୀମନ୍ଦିରକୁ ବିଜେ କରନ୍ତି। ଏହି ତିଥିରେ ପୁରୀ ବଡ଼ଦେଉଳର ଜୟ ବିଜୟ ଦ୍ୱାରରେ ମହାଲକ୍ଷ୍ମୀଙ୍କ କ୍ରୋଧ ଭାଙ୍ଗିବା ପାଇଁ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ରସଗୋଲା ଅର୍ପଣ କରାଯାଏ। ତା' ପରେ ଠାକୁରମାନେ ମନ୍ଦିରରେ ପ୍ରବେଶ କରନ୍ତି। ଦ୍ୱାଦଶ ଶତାବ୍ଦୀରୁ ନୀଳାଦ୍ରି ବିଜେ ସମୟରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଭେଟି ପରମ୍ପରା ଚାଲି ଆସୁଛି ବୋଲି ଐତିହାସିକ ଓ ଗବେଷକମାନେ ମତ ଦିଅନ୍ତି। ଏହି ପରମ୍ପରା ଓଡ଼ିଆ ସଂସ୍କୃତିରେ ରସଗୋଲାର ମହତ୍ତ୍ୱକୁ ଦର୍ଶାଏ। ଓଡ଼ିଶାର ରସଗୋଲାକୁ ଆହୁରି ପ୍ରସାର ପ୍ରଚାର କରିବା ପାଇଁ ରସଗୋଲା ଦିବସ ପାଳନ ହେଉଛି। ୨୦୧୫ ଜୁଲାଇ ୩୦ ନୀଳାଦ୍ରି ବିଜେ ଦିନ ଏହା ପ୍ରଥମେ ସୋସିଆଲ ମିଡିଆରୁ ଆରମ୍ଭ ହୋଇଥିଲା। ରସଗୋଲାକୁ ନେଇ ପଶ୍ଚିମବଙ୍ଗ ଓ ଓଡ଼ିଶା ମଧ୍ୟରେ 'ମିଠାଯୁଦ୍ଧ' ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ 'ରସଗୁଲ୍ଲା' ତାଙ୍କର ବୋଲି ଦାବି କରିଥିଲା। ୧୮୬୮ ମସିହାରେ କଲିକତାରେ ନବୀନ ଚନ୍ଦ୍ର ଦାସ ପ୍ରଥମେ 'ରସଗୁଲ୍ଲା' ତିଆରି କରିଥିଲେ ବୋଲି ଯୁକ୍ତି ବାଢ଼ିଥିଲା ପଶ୍ଚିମବଙ୍ଗ। ଓଡ଼ିଶା ପକ୍ଷରୁ ତଥ୍ୟ ପ୍ରମାଣ ସହ ରସଗୋଲାର ଉତ୍ପତ୍ତି ଓଡ଼ିଶାରୁ ବୋଲି ସ୍ପଷ୍ଟ କରାଯାଇଥିଲା। ଶେଷରେ ୨୦୧୯ ମସିହା ଜୁଲାଇ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ ଜିଆଇ ଟ୍ୟାଗ୍ ମିଳିଥିଲା। ବିକଳାନନ୍ଦ କରଙ୍କ ସାଲେପୁର ରସଗୋଲା ଓ ପାହାଳରେ ପ୍ରସ୍ତୁତ ରସଗୋଲା ଦେଶ ତଥା ବିଦେଶରେ ବି ପରିଚିତ। ରସଗୋଲା ଦିବସ ପାଇଁ ପାହାଳ ଓ ସାଲେପୁରରେ ପ୍ରବଳ ଭିଡ଼ ଜମେ। ମିଠା ବ୍ୟବସାୟୀମାନେ ବିଭିନ୍ନ ଆକାରର ଏବଂ ନୂଆ ନୂଆ ସ୍ୱାଦର ରସଗୋଲା ପ୍ରସ୍ତୁତ କରିଥାନ୍ତି। ପାହାଳ ରସଗୋଲା ଆକାରରେ ସାମାନ୍ୟ ଛୋଟ, ଅତି ନରମ ଏବଂ ଏହାକୁ ସାରା ଦିନ ଗରମ ସିରାରେ ରଖାଯାଇଥାଏ। ଏହାକୁ ତତଲା ଖାଇବାକୁ ଲୋକେ ପସନ୍ଦ କରନ୍ତି। ସେହିପରି ସାଲେପୁର ରସଗୋଲା ଆକାରରେ ବଡ଼ ଏବଂ ସାମାନ୍ୟ ଶକ୍ତ ହୋଇଥାଏ। ଏହାର ସ୍ୱାଦ ଦୀର୍ଘ ଦିନ ପର୍ଯ୍ୟନ୍ତ ଖରାପ ହୁଏନାହିଁ ଏବଂ ଏହାକୁ ପ୍ୟାକେଟ୍ କରି ବାହାରକୁ ପଠାଯାଏ।

## ଆଜି ବାହୁଡ଼ିଥିଲେ

### ମିସାଇଲ୍ ମ୍ୟାନ୍ ଏପିଜେ ଅବଦୁଲ କଲାମ



ଭାରତର ପୂର୍ବତନ ଲୋକପ୍ରିୟ ରାଷ୍ଟ୍ରପତି ତଥା 'ମିସାଇଲ୍ ମ୍ୟାନ୍' ଭାବେ ପରିଚିତ ଏପିଜେ ଅବଦୁଲ କଲାମଙ୍କର ଆଜି ପୁଣ୍ୟତିଥି। ଭାରତରେ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ସଫଳତାର ଶିଖରରେ ପହଞ୍ଚାଇଥିବା ବ୍ୟକ୍ତି ହେଉଛନ୍ତି କଲାମ। ଏପରିକି ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାମିଲନାଡୁର ରାମେଶ୍ୱରମ୍‌ରେ ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ସେ ଏକ ଗରିବ ମୁସଲିମ୍ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପିଲାଟିବେଳୁ ସଂଘର୍ଷରେ ଜୀବନ ଅତିବାହିତ କରିଥିବା କଲାମ ପରବର୍ତ୍ତୀ ସମୟରେ ଭାରତୀୟ ବିଜ୍ଞାନ ଜଗତର ମହାନାୟକ ପାଲଟି ଯାଇଥିଲେ। ସେ ତିରୁଚିଲାପଲ୍ଲୀର ସେଣ୍ଟ ଜୋସେଫ୍ କଲେଜରୁ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ୧୯୬୦ରେ ମାଡ୍ରାସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ମହାକାଶ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଡିଆରଡିଓରେ ଜଣେ ବୈଜ୍ଞାନିକ ଭାବେ ଯୋଗ ଦେଇଥିଲେ। ୧୯୬୯ରେ ସେ ଇଣ୍ଡିଆନ୍ ସ୍ପେସ୍ ରିସର୍ଚ୍ଚ ଅର୍ଗାନାଇଜେସନ୍ ବା ଇସ୍ରୋକୁ ବଦଳି ହୋଇଯାଇଥିଲେ। ସେବେଠୁ ସେ ରଚି ଚାଲିଲେ ଗୋଟିଏ ପରେ ଗୋଟିଏ ଇତିହାସ। ୧୯୯୮ ଐତିହାସିକ ପୋଖରାନ୍ ଆଣବିକ ବୋମା ପରୀକ୍ଷଣର ସେ ଥିଲେ ମୁଖ୍ୟ ପୁରୋଧା। ତାଙ୍କର ପ୍ରଚେଷ୍ଟା ଓ ଗବେଷଣା ବଳରେ ଅଗ୍ନି, ତ୍ରିଶୂଳ, ପୃଥ୍ୱୀ, ଆକାଶ, ଓ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବିକଶିତ କରାଯାଇଛି। ତେଣୁ ତାଙ୍କୁ ଭାରତୀୟ କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ଏକାଦଶ ରାଷ୍ଟ୍ରପତି ଥିଲେ। ରାଷ୍ଟ୍ରପତି ହେବା ପରେ ମଧ୍ୟ ସେହିଭଳି ସାଧାରଣ ଜୀବନଯାପନ କରୁଥିଲେ କଲାମ। ସଭାସମିତିରେ ଚାକଚକ୍ୟ ଆସନ ଅଳଙ୍କୃତ କରିବା ତ ଦୂରର କଥା, କାହାରିଠାରୁ ଫୁଲତୋଡ଼ାଟିଏ ଗ୍ରହଣ କରିବାକୁ ସେ କୁଣ୍ଠାବୋଧ ପ୍ରକାଶ କରୁଥିଲେ। ଏହି ସମୟ ମଧ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଯାଇ ବିଜ୍ଞାନକୁ ଅତି ସରଳ ଭାବେ ଛାତ୍ରମାନଙ୍କୁ ବୁଝାଇ ସେମାନଙ୍କ ସହ ସମୟ ଅତିବାହିତ କରୁଥିଲେ। କଲାମ ତାଙ୍କ ଜୀବନ କାଳରେ ଅନେକ ପୁସ୍ତକ ମଧ୍ୟ ଲେଖିଛନ୍ତି। ତାଙ୍କ ଆତ୍ମଜୀବନୀ 'ୱିଙ୍ଗସ୍ ଅଫ୍ ଫାୟାର୍', 'ଭିଜନ୍ ୨୦୨୦', 'ଇଗ୍ନାଇଟେଡ୍ ମାଇଣ୍ଡସ୍' ଆଦି ପୁସ୍ତକ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି। ମହାକାଶ ବିଜ୍ଞାନ ଏବଂ ପ୍ରତିରକ୍ଷା ବିଜ୍ଞାନରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୧୯୯୭ ମସିହାରେ 'ଭାରତ ରତ୍ନ'ରେ ସମ୍ମାନିତ କରାଯାଇଥିଲା। ଏହାପୂର୍ବରୁ ୧୯୮୧ରେ ଭାରତ ସରକାର ତାଙ୍କୁ ପଦ୍ମ ଭୂଷଣରେ ସମ୍ମାନିତ କରିଥିଲେ। ୧୯୯୦ରେ ତାଙ୍କୁ ପ୍ରଦାନ କରାଯାଇଥିଲା ପଦ୍ମ ବିଭୂଷଣ। ୪୦ ଗୋଟି ବିଶ୍ୱବିଦ୍ୟାଳୟରୁ ସେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପାଇଥିଲେ। ୨୦୧୫ ଆଜିର ଦିନରେ ସିଲଂର ଆଇଆଇଏମ୍ ଇନଷ୍ଟିଚ୍ୟୁଟ୍‌ରେ ଭାଷଣ ଦେଉଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା।

## ସ୍ତୁତି

### କେଉଁ ଅଙ୍ଗୁଳି ପାଇଁ କେଉଁ ଗ୍ରହ ମୁଦି

**ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ ଅଙ୍ଗୁଳିର ସମ୍ବନ୍ଧ କୌଣସି ଗ୍ରହ ସହିତ ସମ୍ବନ୍ଧିତ। ଏଣୁ କୌଣସି ଗ୍ରହର ମୁଦି ବା ଧାତୁ ଧାରଣ କରିବା ବେଳେ ଠିକ୍ ଅଙ୍ଗୁଳିରେ ପିନ୍ଧିବା ଉଚିତ।**



**ତର୍ଜନୀ:** ସୁନା ମୁଦି ତର୍ଜନୀ ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ସୂର୍ଯ୍ୟ ଗ୍ରହ ସହିତ ସମ୍ବନ୍ଧିତ। ଆତ୍ମବିଶ୍ୱାସ, ନେତୃତ୍ୱ ନେବାର କ୍ଷମତା, ସମ୍ମାନ ସହିତ ଏହା ଜଡ଼ିତ ବୋଲି ବିବେଚନା କରାଯାଏ।

**ମଧ୍ୟମା:** ଲୁହା ମୁଦି ଶନି ଗ୍ରହ ସହିତ ସମ୍ବନ୍ଧିତ। ଏହାକୁ ଧାରଣ କରିବା ପୂର୍ବରୁ ଜ୍ୟୋର୍ତିବିଦ୍‌ଙ୍କ ପରାମର୍ଶ ନେବା ଉଚିତ। ଏହାକୁ ମଧ୍ୟମା ଅଙ୍ଗୁଳିରେ ପିନ୍ଧିବା ଭଲ।

**ଅନାମିକା:** ତମ୍ବା ବା ସୁନା ସୂର୍ଯ୍ୟ ଗ୍ରହ ସହିତ ଜଡ଼ିତ। ଏହା ଯଶ, ପ୍ରତିଷ୍ଠା ଏବଂ ସକାରାତ୍ମକ ଶକ୍ତିର ପ୍ରତୀକ। ଅନାମିକା ଅଙ୍ଗୁଳିରେ ଏହାକୁ ଧାରଣ କରିବା ଭଲ।

**କନିଷ୍ଠା:** ରୂପା ମୁଦି ବୁଧ ଗ୍ରହ ସହିତ ଜଡ଼ିତ। ବାଣୀ, ବୁଦ୍ଧି, ସଂଚାର କୌଶଳ ସହିତ ଏହା ଜଡ଼ିତ। ଉକ୍ତ ମୁଦିକୁ କନିଷ୍ଠା ଅଙ୍ଗୁଳିରେ ପିନ୍ଧିବା ଭଲ।

**ବୁଢ଼ା ଅଙ୍ଗୁଳି:** ଶୁକ୍ର ଗ୍ରହ ସହିତ ରୂପା ଜଡ଼ିତ। ଆକର୍ଷଣ, ସୃଜନଶୀଳତା ଏବଂ ସୌନ୍ଦର୍ଯ୍ୟର ଏହା ପ୍ରତୀକ। ଏହାକୁ ବୁଢ଼ା ଅଙ୍ଗୁଳିରେ ପିନ୍ଧିବା ଉଚିତ।

## ନୀଳାଦ୍ରି ବିଜେ



**ରଥଯାତ୍ରାର ଅନ୍ତିମ ପର୍ବ ହେଉଛି ନୀଳାଦ୍ରି ବିଜେ। ଏହିଦିନ ମହାପ୍ରଭୁ ରତ୍ନବେଦୀକୁ ବାହୁଡ଼ିବେ। ତିନି ଠାକୁର ରତ୍ନ ସିଂହାସନରେ ବିଜେ କରିବେ। ତେବେ ଅଧରପଣା ପରଦିନ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଏହାକୁ 'ନୀଳଦ୍ରି ବିଜେ' ବା 'ନୀଳାଦ୍ରି ବିଜୟ' କୁହାଯାଏ। ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ଶ୍ରୀବିଗ୍ରହମାନେ ନୀଳାଦ୍ରି ବିଜେ କରନ୍ତି। ଏହିଦିନ ମହାପ୍ରଭୁଙ୍କ ପାଖରେ ରସଗୋଲା ଭୋଗ ଲାଗି କରାଯାଏ।**

ଏହିଦିନ ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହା ପରେ ବିଜେ କାହାଳୀ ବାଜେ। ତା'ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ତେବେ ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯାଏ। ଏହା ପରେ ଗୋଟି ପହଣ୍ଡିରେ ସୁଦର୍ଶନ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀ ଜଗନ୍ନାଥ ରତ୍ନସିଂହାସନକୁ ବିଜେ କରନ୍ତି। ଏହି ସମୟରେ ଭକ୍ତଙ୍କ ହରିବୋଲ, ହୁଳହୁଳି, ଘଣ୍ଟ, ଘଣ୍ଟି, ଶଙ୍ଖ ନାଦରେ ସିଂହଦ୍ୱାର ପ୍ରକମ୍ପିତ ହୁଏ।

ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରିବା ପରେ ଲକ୍ଷ୍ମୀଠାକୁରାଣୀ ଭେଟ ମଣ୍ଡପକୁ ଆସିଥାନ୍ତି। ଜଗନ୍ନାଥ ଓ ଲକ୍ଷ୍ମୀ ଠାକୁରାଣୀ ପରସ୍ପର ଭେଟ ହୋଇଥାନ୍ତି। ପରମ୍ପରା ଅନୁସାରେ, ମହାପ୍ରଭୁ ସିଂହଦ୍ୱାର ନିକଟରେ ପହଞ୍ଚିବା ବେଳେ ସାମୟିକ ଭାବେ ଦ୍ୱାର ବନ୍ଦ ହୋଇଥାଏ। ତା'ସହ ଏହା କିଛି କ୍ଷଣ ପରେ ଖୋଲି ଯାଏ। ପୁଣି ମହପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଆଉ ଥରେ ଉକ୍ତ ଦ୍ୱାର ଭିତର ପଟୁ ବନ୍ଦ କରାଯାଏ। ଏଠାରେ ଜଗନ୍ନାଥ ଓ ଲକ୍ଷ୍ମୀଙ୍କ ମଧ୍ୟରେ କଳି ହୋଇଥାଏ। ରଥଯାତ୍ରାରେ ବଡ଼ ଭାଇ ଓ ସାନ ଭଉଣୀଙ୍କୁ ସାଙ୍ଗରେ ନେଇ ମାଉସୀ ଘରକୁ ଯାତ୍ରା କରିଥିଲେ। ସାଙ୍ଗରେ ଲକ୍ଷ୍ମୀ ମା' ଯାଇ ନ ଥିବାରୁ ସେ ଅଭିମାନ କରିଥିଲେ। ମହାପ୍ରଭୁ ତାଙ୍କ ମାନଭଞ୍ଜନ କରନ୍ତି। ତେଣୁ ମହାପ୍ରଭୁଙ୍କ ସହଚର ଓ ମା' ଲକ୍ଷ୍ମୀଠାକୁରାଣୀଙ୍କ ସହଚରୀଙ୍କ ମଧ୍ୟରେ ଲୋକ ପାରମ୍ପରିକ ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲେ।

ନୀଳାଦ୍ରି ବିଜେର ଅନ୍ୟତମ ବିଶେଷତ୍ୱ ହେଲା ରସଗୋଲା ଭୋଗ। ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ରସଗୋଲା ଖୁଆଇ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରନ୍ତି। ମହାପ୍ରଭୁଙ୍କ ମାନବୀୟ ଲୀଳାରେ ଦାମ୍ପତ୍ୟ ଭାବନାର ଏହା ଅନନ୍ୟ ନିଦର୍ଶନ। ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରି ବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଅନ୍ୟପଟେ ଏହିଦିନକୁ ରସଗୋଲା ଦିବସ ଭାବେ ମଧ୍ୟ ପାଳନ କରାଯାଏ।

## ଗୁରୁ ମନ୍ତ୍ରର ମହତ୍ତ୍ୱ



ଗୁରୁ-ଶିଷ୍ୟ ସମ୍ପର୍କର ଏକ ନିଆରା ଉତ୍ସବ ହେଉଛି ଗୁରୁ ପୂର୍ଣ୍ଣିମା। ଜୁଲାଇ ୨୯ ତାରିଖରେ ଏହାକୁ ପାଳନ କରାଯିବ। ଗୁରୁ ପୂର୍ଣ୍ଣିମା ଭଳି ଏକ ଶୁଭ ଅବସରରେ ଶିଷ୍ୟ ନିଜ ଗୁରୁଙ୍କ ପୂଜା କରି କୃତଜ୍ଞତା ଜ୍ଞାପନ କରନ୍ତି। ଏହାସହ ଏହି ଅବସରରେ ବହୁ ସଂଖ୍ୟକ ଲୋକ ଗୁରୁ ମନ୍ତ୍ର ନିଅନ୍ତି।

- ଗୁରୁ ମନ୍ତ୍ର ଦେବାର ବିଶେଷ ବିଧି ଅଛି। ଶିଷ୍ୟଙ୍କୁ ଗୁରୁ ମନ୍ତ୍ର ସହ ଜଡ଼ିତ ନିୟମକୁ ପାଳନ କରିବାକୁ ପଡ଼ିଥାଏ। ସେହିପରି ଗୁରୁ ଆଜ୍ଞା ସବୁବେଳେ ପାଳନ କରିବାକୁ ପଡ଼ିଥାଏ। ଯେଉଁ ବ୍ୟକ୍ତି ଗୁରୁଙ୍କ ଆଦେଶରେ ଜୀବନ ଅତିବାହିତ କରନ୍ତି, ଭଲ ଆଚରଣ ଏବଂ ଭଗବାନଙ୍କ ଭକ୍ତି କରନ୍ତି, ତାଙ୍କ ଜୀବନ ସଫଳ ହୁଏ।
- ଗୁରୁ ଯେତେବେଳେ ନିଜ ଶିଷ୍ୟଙ୍କୁ ଦୀକ୍ଷା ଦିଅନ୍ତି, କାନରେ ମନ୍ତ୍ର କୁହନ୍ତି। ହିନ୍ଦୁ ଧର୍ମରେ ଶରୀରର ଡାହାଣ ଭାଗକୁ ଅଧିକ ପବିତ୍ର ବୋଲି କୁହାଯାଏ। ତେଣୁ ଗୁରୁ ଶିଷ୍ୟର ଡାହାଣ କାନରେ ମନ୍ତ୍ର କହନ୍ତି। ମନ୍ତ୍ରକୁ ଧୀରେ ଧୀରେ କାନରେ କହିବା ପଛରେ କାରଣ ଅଛି। ଏହି ପ୍ରକ୍ରିୟା ଯେଉଁଳି ଗୁପ୍ତ ଓ ଏହାର ପ୍ରଭାବ ଅଧିକ ରହିବ। ମନ୍ତ୍ରର ଶକ୍ତି କେବଳ ଗୁରୁ ଓ ଶିଷ୍ୟ ପର୍ଯ୍ୟନ୍ତ ହିଁ ସୀମିତ ରହିବା ଉଚିତ।
- ସେହିପରି ଗୁରୁ ଶିଷ୍ୟଙ୍କ କାନରେ ମନ୍ତ୍ର କହୁଥିବା ବେଳେ ଶିଷ୍ୟ ମଧ୍ୟ ଏହାକୁ ସବୁଦିନ ପାଇଁ ନିଜ ଭିତରେ ହିଁ ସୀମିତ ରଖନ୍ତି। ଏହାର ଅର୍ଥ ଗୁରୁ ମନ୍ତ୍ର କାହାକୁ କୁହାଯାଏ ନାହିଁ। କୁହାଯାଏ ମନ୍ତ୍ର ଅନ୍ୟ କାହାରିକୁ କହିବା ଦ୍ୱାରା ଏହାର ଶକ୍ତି କମ୍ ହୋଇଯାଏ। ଶିଷ୍ୟର ମନ୍ତ୍ର ଜପକୁ ନେଇ ଏକାଗ୍ରତା କମ୍ ହୋଇଯାଏ। ଏହା ଦ୍ୱାରା ଗୁରୁ ମନ୍ତ୍ରର ଲାଭ ପ୍ରାପ୍ତ ହୁଏ ନାହିଁ।
- ଧାର୍ମିକ ମାନ୍ୟତାନୁସାରେ, ଗୁରୁ ମନ୍ତ୍ର ସାଧକଙ୍କୁ ଆଧ୍ୟାତ୍ମିକ ଅନୁଶାସନ, ଏକାଗ୍ରତା, ଆତ୍ମଚିନ୍ତନର ମାର୍ଗ ଦେଖାଏ। ଗୁରୁ ମାର୍ଗଦର୍ଶନରେ ନିୟମିତ ମନ୍ତ୍ର ଜପ କରିବା ଦ୍ୱାରା ସାଧକ ମନ ଶାନ୍ତ ରହେ। ତା'ସହ ସେ ନିଜ ଇଷ୍ଟଙ୍କ ପ୍ରତି ଭକ୍ତି ଓ ସାଧନାରେ ଅଧିକ ଏକାଗ୍ର ହୋଇପାରେ। ଅବଶ୍ୟ ଗୁରୁ ମନ୍ତ୍ର ଓ ସାଧନା ସହିତ ଜଡ଼ିତ ନିୟମ ଅଲଗା ଅଲଗା ସଂପ୍ରଦାୟ ଏବଂ ଗୁରୁ ପରମ୍ପରାରେ ଅଲଗା ହୋଇପାରେ।

## ଚତୁର୍ମାସରେ ବିଷ୍ଣୁ ପୂଜାର ନିୟମ

ହରିଶୟନ ଏକାଦଶୀରୁ ଆରମ୍ଭ ହୋଇଛି ଚତୁର୍ମାସ। ଏହା ଚାରିମାସ ଧରି ବଳବତ୍ତର ରହିବ। କାଳ ଅଶୁଦ୍ଧି ହେତୁ ଏହି ସମୟରେ କୌଣସି ପ୍ରକାର ମାଙ୍ଗଳିକ କାର୍ଯ୍ୟ ପାଇଁ ବାରଣ କରାଯାଇଥାଏ। ଚତୁର୍ମାସରେ ସୃଷ୍ଟିର ପାଳନ କର୍ତ୍ତା ଭଗବାନ ବିଷ୍ଣୁ ଯୋଗନିଦ୍ରାରେ ଥାନ୍ତି। ଏହି ସମୟରେ ବିଷ୍ଣୁଙ୍କୁ ପୂଜା କରିବା ଦ୍ୱାରା ସମସ୍ତ ମନୋକାମନା ପୂରଣ ହେଉଥିବା ବିଶ୍ୱାସ ଅଛି। ବିଷ୍ଣୁଙ୍କୁ ପ୍ରସନ୍ନ କରିବା ପାଇଁ ଏହି ମାସରେ କିଭଳି ପୂଜା ନିୟମ ପାଳନ କରିବା ଦରକାର, ସେ ସମ୍ପର୍କରେ ଜାଣିବା।



- ଏହି ମାସରେ ଭଗବାନ ବିଷ୍ଣୁଙ୍କୁ ଦୀପଦାନ ଏବଂ ଧ୍ୱଜା ଦାନ କରିବା ଉଚିତ।
- ଗାଈଙ୍କୁ ଘାସ ଖାଇବାକୁ ଦେବା ଉତ୍ତମ।
- ଚତୁର୍ମାସରେ କରାଯାଉଥିବା ପୂଜାପାଠ ଅନ୍ୟ ସମୟ ତୁଳନାରେ ୧୦ ଗୁଣ ଅଧିକ ଫଳଦାୟୀ ହୋଇଥାଏ।
- ଶାଳଗ୍ରାମ ପାଖରେ ଘିଅ ଦୀପ ଜାଳିଲେ ଶ୍ରୀହରିଙ୍କ କୃପା ଦୃଷ୍ଟି ପଡ଼ିଥାଏ।
- ଏହି ମାସରେ ଶ୍ରୀମଦ୍ ଭଗବତ ଗୀତା ଏବଂ ବିଷ୍ଣୁ ସହସ୍ରନାମ ପାଠ, ଶ୍ରୀ ରାମକଥା ବଚନ ପଢ଼ିବା ଉଚିତ।
- ଏହି ମାସରେ ଭଗବାନ ବିଷ୍ଣୁଙ୍କ ନରସିଂହ ଅବତାରକୁ ପୂଜା କରାଯାଏ। ଏହି ରୂପକୁ ଆରାଧନା କରିବା ଦ୍ୱାରା ସମସ୍ତ ପାପରୁ ମୁକ୍ତି ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୁଏ।
- ଚତୁର୍ମାସରେ ଭଗବାନ ବିଷ୍ଣୁଙ୍କ ସହ ମା' ଲକ୍ଷ୍ମୀଙ୍କୁ ପୂଜା କଲେ ଧନ ଆଗମନ ହୁଏ।
- ଦକ୍ଷିଣାବର୍ତ୍ତୀ ଶଙ୍ଖରେ ଅଭିଷେକ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥାନ୍ତି।

# ଭାରତକୁ ଡବଲ୍ ବିଶ୍ୱକପ୍ ଯୋଗ୍ୟତା

**ୟୁଥ୍ ୫-ଏ ସାଇଡ୍ ହକି**

ମସ୍କାଟ,୨୬।୭ (ଏଜେନ୍ସି): ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୩-୧ ଗୋଲରେ ପରାସ୍ତ କରି ଭାରତୀୟ ବାଳକ ଦଳ ଏଠାରେ ଅନୁଷ୍ଠିତ ଏସୀୟ ୟୁଥ୍ ୫-ଏ ସାଇଡ୍ ହକିରେ ଚାମ୍ପିଅନ ହୋଇଛି। ସେହିପରି ବାଳିକା ବିଭାଗରେ ଚୀନ୍‌ଠାରୁ ୨-୪ ଗୋଲରେ ପରାଜିତ ହୋଇ ବାଳିକା ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଫଳରେ ଭାରତର ଉଭୟ ଦଳ ଆଗାମୀ ଏଫ୍‌ଆଇଏଚ୍ ୟୁଥ୍ ୫-ଏ ସାଇଡ୍ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଏହି ବିଜୟ ଫଳରେ ହକି ଇଣ୍ଡିଆ ପକ୍ଷରୁ ସ୍ୱର୍ଣ୍ଣ ବିଜେତା ବାଳକ ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨ ଲକ୍ଷ ଲେଖାଏଁ, ସପୋର୍ଟ ଷ୍ଟାଫ୍‌ଙ୍କୁ ୧ ଲକ୍ଷ ଲେଖାଏଁ, ରନର୍ସଅପ୍ ବାଳିକା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧ ଲକ୍ଷ ଲେଖାଏଁ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ୫୦ ହଜାର ଲେଖାଏଁ ଟଙ୍କା ପୁରସ୍କାର ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ଭାରତର ଉଭୟ ଦଳକୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

# ମାଷ୍ଟର ଶକ୍ତିଉତ୍ତୋଳକଙ୍କୁ ୫ ପଦକ

ଭୁବନେଶ୍ୱର, ୨୬।୭ (ସମିସ): ମହାରାଷ୍ଟ୍ରରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ମାଷ୍ଟରମାନେ ୫ଟି ପଦକ ଜିତିବାରେ ସଫଳ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ମାଷ୍ଟର-୨'ରେ କୃଷ୍ଣଚନ୍ଦ୍ର ସାହୁ ରୌପ୍ୟ, ଉମାକାନ୍ତ ବେହେରା, ମୋହନ ନାଗ, ବାବୁଲା ସାମଲ ଓ ବିଟିଭି ରମଣମୂର୍ତ୍ତି କାଂସ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ବେଞ୍ଚପ୍ରେସ୍‌ରେ ମହିଳାମାନେ ଦମ୍ ଦେଖାଇ କାଂସ୍ୟ ବିଜୟରେ ଗୁରୁତ୍ୱ ଦେଇଥିଲେ। ସେମାନଙ୍କ ମଧ୍ୟରେ ରୀତା ଘୋଷ, ପ୍ରତିମା ରଥ, ଗୀତାଞ୍ଜଳି ନାୟକ ଓ ମୌସୁମୀ ଟକରି କାଂସ୍ୟ ପଦକ ନେଇ ଫେରିଥିଲେ। ରାକେଶ ଶତପଥୀଙ୍କ ପ୍ରଶିକ୍ଷଣ ଏମାନଙ୍କୁ ପଦକ ଜିତାଇବାରେ ସହାୟତା କରିଥିଲା। ଏହି ସଫଳ ପ୍ରତିଯୋଗୀଙ୍କୁ ଡଃ ହରିପ୍ରସାଦ ପଟ୍ଟନାୟକ, ଇଂ ଚିତ୍ତରଞ୍ଜନ ସ୍ୱାଇଁ, ଗୌରୀ ମହାନ୍ତି ଓ ପ୍ରଦୀପ ପାତ୍ର ଅଭିନନ୍ଦନ ଜଣାଇଛନ୍ତି।

# କେଭି ଜାତୀୟ ସୁଟିଂରେ ସତ୍ୟମ୍‌ଙ୍କୁ ରୌପ୍ୟ



ଭୁବନେଶ୍ୱର, ୨୬।୭ (ସମିସ): ପଞ୍ଜାବର ଫଗୱାରାଠାରେ ଶେଷ ହୋଇଥିବା କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର ୫୫ତମ ବାର୍ଷିକଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ-୩'ର ୮ମ ଶ୍ରେଣୀ ଛାତ୍ର ସତ୍ୟମ ବିଷୋୟୀ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ୧୦ ମିଟର ଏୟାର ରାଇଫଲ ପିପ୍ ସାଇଟ୍ ଇଭେଣ୍ଟର ୧୭ ବର୍ଷରୁ କମ୍ ବାଳକ ବିଭାଗରେ ଏହି ସଫଳତା ପାଇଛନ୍ତି। କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ସତ୍ୟମଙ୍କ ନିଜ ଘର ବେଗୁନିଆରେ। ତାଙ୍କର ଏହି ସଫଳତା ଲାଗି କେଭି-୩'ର ପ୍ରିନ୍ସିପାଲ, ଶିକ୍ଷକମାନେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଓଡ଼ିଶା ବାହୁକୁସ୍ତି ସଂଘର କର୍ମକର୍ତ୍ତା ନିର୍ବାଚନ

ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଓଡ଼ିଶା ବାହୁକୁସ୍ତି ସଂଘର ବାର୍ଷିକ ସାଧାରଣ ପରିଷଦ ବୈଠକ ଓ ଆସନ୍ତା ୪ ବର୍ଷ ଲାଗି ନୂଆ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ରାଜ ସଭାପତି ଓ ହରିପ୍ରସାଦ ପଟ୍ଟନାୟକ ସମ୍ପାଦକ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିଜୟ କୁମାର ଶର୍ମା, ଉପସଭାପତି ଭାବେ ସୁଶାନ୍ତ କୁମାର ପାତ୍ର ଓ ସଞ୍ଜୀବ କୁମାର ଚିନାରା, ଯୁଗ୍ମ ସମ୍ପାଦକ ସାଗର ନାୟକ ଓ ଗୌରାଙ୍ଗ ପାତ୍ର, ସହସମ୍ପାଦକ ଭାବେ ଶଶିକାନ୍ତ ଜେନା ଓ କୋଷାଧକ୍ଷ ଭାବେ ଗୋପାଳଚନ୍ଦ୍ର ନାୟକ ଆସନ୍ତା ୪ ବର୍ଷ ଲାଗି ମନୋନୀତ ହୋଇଛନ୍ତି।



**ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା**

# ରେକର୍ଡ ସହ ରିଷିକାନ୍ତଙ୍କୁ ରୌପ୍ୟ

ଗ୍ଲାସ୍‌ଗୋ,୨୬।୭ (ଏଜେନ୍ସି)

ରିଷିକାନ୍ତ ସିଂ ଏଠାରେ ଚାଲିଥିବା ୨୩ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତ ଲାଗି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି।




ରବିବାର ଅନୁଷ୍ଠିତ ପୁରୁଷ ୬୦ କିଲୋଗ୍ରାମ ଭାରୋତ୍ତୋଳନରେ ରିଷିକାନ୍ତ ସ୍ନାଚ୍‌ରେ ରାଜ୍ୟଗୋଷ୍ଠୀ ରେକର୍ଡ ପ୍ରତିଷ୍ଠା କରିବା ପରେ ଓଭରଅଲ ପୋଜିସନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିଭଳି ରବିବାର ରାତିରେ ମୀରାବାଇ ଚାନୁ ଦେଶ ପାଇଁ ସ୍ୱର୍ଣ୍ଣିମ ସଫଳତା ଆଣିଥିଲେ। ଏହା ପୂର୍ବରୁ ପାରା ଭାରୋତ୍ତୋଳନରେ ଝଣ୍ଟୁ କୁମାର ପ୍ରଥମ ପଦକ ଭାବେ କାଂସ୍ୟ ହାସଲ କରିଥିଲେ। ରବିବାର ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନିରାଶାଜନକ ହୋଇଥିଲାବେଳେ ରିଷିକାନ୍ତଙ୍କ ରେକର୍ଡ ଓ ଶ୍ରୀହରି ନଟରାଜଙ୍କ ନେତୃତ୍ୱରେ ଭାରତର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ରିଲେ ଟିମ୍ ଫାଇନାଲରେ ପ୍ରବେଶ କରିବା ଉଲ୍ଲେଖନୀୟ ହୋଇଥିଲା।

ପୂର୍ବରୁ ପୁରୁଷ ୬୦ କିଲୋଗ୍ରାମ୍ ଶ୍ରେଣୀର ଫାଇନାଲରେ ରିଷିକାନ୍ତ ସିଂ ସ୍ନାଚ୍‌ର ତୃତୀୟ ପ୍ରୟାସରେ ୧୨୧ କେଜି ଓଜନ ଉଠାଇ ରାଜ୍ୟଗୋଷ୍ଠୀ ରେକର୍ଡ ଭାଙ୍ଗିଦେଇଥିଲେ। ଏହି ପ୍ରଦର୍ଶନ ପରେ ସେ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଚାଲିଆସିଥିଲେ। ପ୍ରଥମ ସ୍ଥାନରେ ଥିବା ମାଲେସିଆର ମହମ୍ମଦ୍ ଅନିକ୍ ବିନ୍ କାସଦନ ଓ ରିଷିକାନ୍ତଙ୍କ ମଧ୍ୟରେ କ୍ଲିନ୍ ଆଣ୍ଡ ଜର୍କରେ ଜୋରଦାର ଲଢ଼େଇ ହୋଇଥିଲା। ଏଥିରେ ପ୍ରଥମ ଆଟେମ୍ପଟରେ ରିଷିକାନ୍ତ ୧୪୩ କେଜି ଓଜନ ଉଠାଇଥିଲେ ଅନ୍ୟ ଦୁଇଟିରେ ଫେଲ ମାରିଥିଲେ। ଅନ୍ୟ ପକ୍ଷରେ ଦ୍ୱିତୀୟ ପ୍ରୟାସରେ ଅନିକ୍ ୧୪୫ କେଜି ଉଠାଇ ପ୍ରଥମ ସ୍ଥାନ ହାସଲ କରିନେଇଥିଲେ। ଉଭୟ ସ୍ନାଚ୍‌ରେ ୧୨୧ କେଜି ଓଜନ ଉଠାଇ ରେକର୍ଡ କରିଥିଲାବେଳେ ଅନିକ୍ ମୋଟରେ ୨୬୬ କେଜି ଓଜନ ଉଠାଇ ସ୍ୱର୍ଣ୍ଣ ପଦକ ଓ ରିଷିକାନ୍ତ ୨୬୪ କେଜି ଓଜନ ଉଠାଇ ରୌପ୍ୟ ଜିତିଥିଲେ।

## ଓଡ଼ିଶାର ତପନଙ୍କୁ ୧୫ତମ ସ୍ଥାନ

ଓଡ଼ିଶାର ଯୁବ ଜିମ୍ନାଷ୍ଟ ତପନ ମହାନ୍ତିଙ୍କୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନିରାଶ ହେବାକୁ ପଡ଼ିଛି। ରବିବାର ଅନୁଷ୍ଠିତ ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଅଲ୍‌ରାଉଣ୍ଡର ଫାଇନାଲରେ ତପନ ୧୫ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୀର ୨୪ ବର୍ଷୀୟ ତପନ ଏହି ଇଭେଣ୍ଟରେ ଛଅଟି ଯାକ ଡିସିପ୍ଲିନରେ ମୋଟ୍ ୭୦.୧୦୦ ପଏଣ୍ଟ ରଖିଥିଲେ। ସେ ଫ୍ଲୋରରେ ୧୧.୮୫୦, ପୋମେଲ ହର୍ସରେ ୯.୫୦୦, ରିଙ୍ଗ୍‌ସରେ ୧୨.୦୦୦, ଭଲ୍ଟରେ ୧୨.୭୦୦, ପାରାଲାଲ ବାର୍ସରେ ୧୨.୪୫୦ ଓ ହୋରିଜଣ୍ଟାଲ ବାର୍‌ରେ ୧୧.୬୦୦ ସ୍କୋର ରଖିଥିଲେ। ଏଥିପୂର୍ବରୁ ଆର୍ଟିଷ୍ଟିକ ଟିମ୍ ଇଭେଣ୍ଟରେ ଭାରତ ୧୨୩ ପଏଣ୍ଟ ପାଇ ପଞ୍ଚମ ସ୍ଥାନରେ ରହିଥିଲା।

## ସନ୍ତରଣ ରିଲେ ଟିମ୍‌ର ଦମ୍‌ଦାର ପ୍ରଦର୍ଶନ

ଭାରତୀୟ ସନ୍ତରଣ ଦଳ ପୁରୁଷ ୪ ଗୁଣା ୨୦୦ ଫ୍ରିଷ୍ଟାଇଲ ରିଲେ ଟିମ୍ ଇଭେଣ୍ଟର ଫାଇନାଲରେ ପ୍ରବେଶ କରି ଦମ୍‌ଦାର ପ୍ରଦର୍ଶନ କରିଛି। ଶ୍ରୀହରି ନଟରାଜ, ଆର୍ଯ୍ୟନ ନେହେରା, ଅନୀସ ଗୌଡ ଓ ଦକ୍ଷନ ଶଶିକୁମାର ଏହି ରିଲେ ଟିମ୍‌ର ସଦସ୍ୟ ରହିଥିଲେ। ଆଜି ଅନୁଷ୍ଠିତ ଦ୍ୱିତୀୟ ହିଟ୍‌ସରେ ଭାରତୀୟ ରିଲେ ଟିମ୍ ୭.୩୯.୪୮ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିଥିଲେ। ଫଳରେ ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ରବିବାର ବିଳମ୍ବିତ ରାତିରେ ହେବାକୁ ଥିବା ଫାଇନାଲରେ ଏହି ରିଲେ ଟିମ୍ ଭଲ ପ୍ରଦର୍ଶନ କରିବ ବୋଲି ଭାରତୀୟ ଦଳ ଆଶା ରଖିଛି।

ସେହିଭଳି ବ୍ୟକ୍ତିଗତ ଭଲ୍ଟରେ ପ୍ରତିଷ୍ଠା ସାମନ୍ତ ଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଥିବା ବେଙ୍ଗଲର ପ୍ରଣତି ନାୟକ ବ୍ୟକ୍ତିଗତ ଭଲ୍ଟରେ ୭ମ ସ୍ଥାନରେ ରହି ନିରାଶ କରିଛନ୍ତି।

**ଜିମ୍ବାୱେର ହ୍ୟାଟ୍ରିକ ପରାଜୟ**

# ଭାରତର ସିରିଜ କ୍ଲିନ୍‌ସୁଇପ୍

ହରାରେ, ୨୬।୭ (ଏଜେନ୍ସି)

ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ରବିବାର ଅନୁଷ୍ଠିତ ଅନ୍ତିମ ତଥା ତୃତୀୟ ଟି-୨୦ ମ୍ୟାଚରେ ଭାରତ ୩୫ ରନରେ ଘରୋଇ ଜିମ୍ବାୱେକୁ ହରାଇଦେଇଛି। ଫଳରେ ତିନି ମ୍ୟାଚବିଶିଷ୍ଟ ସିରିଜକୁ ଶ୍ରେୟସ ଆୟରଙ୍କ ଦଳ ୩-୦ରେ କ୍ଲିନସୁଇପ୍ କରିନେଇଛି। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଭାରତ ଯଥାକ୍ରମେ ୭ ୱିକେଟ୍ ଓ ୯୦ ରନରେ ବିଜୟୀ ହୋଇଥିଲା। ଭାରତ ଏବେ ଶ୍ରୀଲଙ୍କା ଗସ୍ତରେ ଯାଇ ସେଠାରେ ଘରୋଇ ଦଳ ବିପକ୍ଷରେ ଅଗଷ୍ଟ ୧୫ରୁ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ସୂର୍ଯ୍ୟବଂଶୀଙ୍କ ଦ୍ୱିତୀୟ ଅର୍ଦ୍ଧଶତକ**

ରବିବାର ଅନୁଷ୍ଠିତ ତୃତୀୟ ଟି-୨୦ରେ ଟସ୍ ଜିତି ବ୍ୟାଟିଂ କରିଥିବା ଭ୍ରମଣକାରୀ ଭାରତୀୟ ଦଳ ୫ ୱିକେଟରେ ୧୯୨ ରନର ବିଶାଳ ସ୍କୋର କରିଥିଲା। ସିରିଜରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ୪୯ ବଲରେ ୮୧ ରନ (୮ ଚୌକା ଓ ୪ ଛକା)ର ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୨୯, ଅଧିନାୟକ ଶ୍ରେୟସ ଆୟର ୨୭, ରିଙ୍କୁ ସିଂ ୨୫, ତିଳକ ବର୍ମା ୧୧* ଓ ଅଭିଷେକ ଶର୍ମା ୨ ରନ କରିଥିଲେ। ଜିମ୍ବାୱେର ବ୍ରାଡ୍ ଇଭାନ୍ସଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଜିମ୍ବାୱେ ର୍‍ୟାନ ବର୍ଲ (୪୩ ବଲରେ ୫୪ ରନ)ଙ୍କ ଅପରାଜିତ ଅର୍ଦ୍ଧଶତକ ସତ୍ତ୍ୱେ ୭ ୱିକେଟରେ ୧୫୭ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ଯାଦବ ୩ଟି ଓ ଯଶ ଠାକୁରଙ୍କୁ ୨ଟି ୱିକେଟ୍ ମିଳିଥିଲା। ସୂର୍ଯ୍ୟବଂଶୀ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ।



■ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

## ଭାରତ ପୁଣି ନଂ-୧

ଦୁବାଇ,୨୬।୭ (ଏଜେନ୍ସି): ଆଇସିସି ଦ୍ୱାରା ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଙ୍ଗ୍‌ରେ ଭାରତ ପୁଣିଥରେ ନଂ-୧ ସ୍ଥାନକୁ ଫେରିଛି। ଜିମ୍ବାୱେ ବିପକ୍ଷ ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦମ୍‌ଦାର ବିଜୟ ହାସଲ କରି ଭାରତ ୧୫ଦିନ ପରେ ଶୀର୍ଷ ସ୍ଥାନକୁ ଫେରିଥିଲା। ଜିମ୍ବାୱେ ସିରିଜ୍ ପୂର୍ବରୁ ଭାରତ ୨-୦ରେ ଆୟର୍ଲାଣ୍ଡଠାରୁ ଓ ୪-୦ରେ ଇଂଲଣ୍ଡଠାରୁ ହାରିଯିବା ପରେ ଦୀର୍ଘ ୧୬୦୫ ଦିନ ପରେ ନଂ-୧ ପୋଜିସନ ହରାଇଥିଲା। ଇଂଲଣ୍ଡ ନୂଆ ନଂ-୧ ଟିମ୍ ହୋଇଥିଲା। ଜିମ୍ବାୱେ ବିପକ୍ଷ ପ୍ରଥମ ଦୁଇଟି ମ୍ୟାଚ୍ ପରେ ଉଭୟ ଦଳର ରେଟିଂ ପଏଣ୍ଟ ସମାନ ୨୬୮ ରହିଛି। କିନ୍ତୁ ରେଟିଂ ଡେସିମାଲରେ ଭାରତ ଆଗରେ ଥିବାରୁ ନଂ-୧ ସ୍ଥାନ ପୁଣିଥରେ ହାସଲ କରିନେଇଛି।

● ରାଜ୍ୟ ଜୁନିଅର ଭାରୋତ୍ତୋଳନ

# ଭୁବନେଶ୍ୱର, ଗଞ୍ଜାମର ପ୍ରାଧାନ୍ୟ ଅବ୍ୟାହତ





ଭୁବନେଶ୍ୱର,୨୬।୭ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ପ୍ରତିଯୋଗିତାରେ ଗଞ୍ଜାମ ଓ ଭୁବନେଶ୍ୱରର ପ୍ରତିଯୋଗୀମାନେ ପ୍ରାଧାନ୍ୟ ବିସ୍ତାର ଅବ୍ୟାହତ ରଖିଛନ୍ତି। ପ୍ରତିଯୋଗିତାର ତୃତୀୟ ଦିନରେ ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ଦେବାଂଶୀ ପ୍ରିୟଦର୍ଶିନୀ ଓ ତପସ୍ୱୀନୀ ସିଂ, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ମଞ୍ଜିତା କଲାର, ମୋମି କବାସି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେହିପରି ୧୨ ବର୍ଷରୁ କମ୍ ବାଳକ ବିଭାଗରେ ବି ଜଗବନ୍ଧୁ ପାତ୍ର, ଗଗନଦୀପ ମହାନ୍ତ, ଆଦିତ୍ୟ କୁମାର ମଲ୍ଲିକ, ୧୪ ବର୍ଷରୁ କମ ବାଳକ ବିଭାଗରେ ଅନୁଭବ ରଣା, ଦୀପକ ସାଆନ୍ତା, ଘାସୀରାମ ନାଏକ ପ୍ରମୁଖ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ରାଜ୍ୟ ଭାରୋତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଜଣାଇଛନ୍ତି।

# ଗ୍ରୀକ୍ କ୍ଲବ୍ ପକ୍ଷରୁ ଖେଳିବେ ମନୀଷା

ନୂଆଦିଲ୍ଲୀ, ୨୬।୭ (ଏଜେନ୍ସି): ଭାରତୀୟ ମହିଳା ଫୁଟବଲ୍ ଦଳର ତାରକା ୱିଙ୍ଗର ମନୀଷା କଲ୍ୟାଣ ଗ୍ରୀକ୍ କ୍ଲବ ଏଇକେ ଏଥେନ୍ସ ପକ୍ଷରୁ ଖେଳିବାକୁ ଚୁକ୍ତି କରିଛନ୍ତି। ୨୪ ବର୍ଷୀୟା ମନୀଷା ଏହି ସୂଚନା ଦେଇଛନ୍ତି। ଫଳରେ ମନୀଷାଙ୍କ ଫୁଟବଲ୍ କ୍ୟାରିୟରରେ ଏହା ୪ର୍ଥ ବିଦେଶୀ କ୍ଲବ ହେବ। ମନୀଷା ଏଥିପୂର୍ବରୁ ପେରୁର ଆଲିଆଞ୍ଜା ଲିମା ଫେମେନିନୋ କ୍ଲବ ପକ୍ଷରୁ ଖେଳୁଥିଲେ। ସେହିଭଳି ୨୦୨୨ରେ ସେ ୟୁଫା ଓମେନ୍ସ ଚାମ୍ପିଅନ୍ସ ଲିଗରେ ସାଇପ୍ରସଭିତ୍ତିକ କ୍ଲବ ଆପୋଲୋନ ଲେଡିଜ ଏଫ୍‌ସି ପାଇଁ ପ୍ରତିନିଧିତ୍ୱ କରିଥିଲେ। ଫଳରେ ସେ ପ୍ରଥମ ଭାରତୀୟ ଫୁଟବଲର୍ ଭାବେ ୟୁଫା ମହିଳା ଚାମ୍ପିଅନ୍ସ ଲିଗ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

# ତନ୍‌ଭୀଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ଦେଲା ଓସ୍‌ବା



ଭୁବନେଶ୍ୱର, ୨୬।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା) ପକ୍ଷରୁ ରାଜ୍ୟର କୃତି ଖେଳାଳି ଓ କର୍ମକର୍ତ୍ତାଙ୍କୁ ରବିବାର ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଜାତୀୟ ର୍‍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅବସରରେ ଓସ୍‌ବା' ସାଧାରଣ ପରିଷଦର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗତବର୍ଷ ଏଠାରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଜାତୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଚାମ୍ପିଅନ ହୋଇଥିବା ତନ୍‌ଭୀ ପତ୍ରୀଙ୍କୁ ଓସ୍‌ବା ପକ୍ଷରୁ ୫ ଲକ୍ଷ ଟଙ୍କା, ପୁଷ୍ପଗୁଚ୍ଛ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହା ବ୍ୟତୀତ ବାଳିକା ଯୁଗଳରେ ରନର୍ସ ଅପ୍ ହୋଇଥିବା ନିମିଶା ଓଝା ଓ ସ୍ୱାତୀ ନାୟକଙ୍କୁ ୧ଲକ୍ଷ ୨୫ ହଜାର ଏବଂ ବିକାଶ ଟପ୍ପୋଙ୍କୁ ମଧ୍ୟ ୧ ଲକ୍ଷ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶାରେ ୪ଟି ଜୋନାଲ ବ୍ୟାଡ୍‌ମିଣ୍ଟନ ଏକାଡେମୀ ପ୍ରତିଷ୍ଠା କରାଯିବାକୁ ଏହି ବୈଠକରେ ସ୍ଥିର କରାଯାଇଛି। ଏଥିରେ ଆଭାସୀ ମାଧ୍ୟମରେ ଓସ୍‌ବାର ସଭାପତି ତଥା ବରିଷ୍ଠ ଆଇଏଏସ୍ ଅଧିକାରୀ ରାଜେଶ ପ୍ରଭାକର ପାଟିଲ ଯୋଗଦେଇଥିଲେ। ବରିଷ୍ଠ ଉପସଭାପତି କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ନୀଲିନ କୁମାର, କ୍ରୀଡ଼ା ଓ ଯୁବସେବା ବିଭାଗର ବରିଷ୍ଠ ଅଧିକାରୀ ସୋନାଲି ଚାନ୍ଦ ଉପସ୍ଥିତ ଥିଲେ।

**ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ୍**

# ଇଶାନି ଚାମ୍ପିଅନ, ଆହାନ ରନର୍ସଅପ୍



ଭୁବନେଶ୍ୱର,୨୬।୭ (ସମିସ): ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ରବିବାର ଅରାତି ବିଜୟ ମହାନ୍ତି ସ୍ମାରକୀ ଚେସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଇଶାନି ଦାସ ଚାମ୍ପିଅନ ହୋଇଥିଲାବେଳେ ବ୍ଲୁଜମ୍ସ ସ୍କୁଲର ଆହାନ ଅଭିଜ୍ଞାନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ୍‌ର ପ୍ରିୟଦର୍ଶନ ରାୟ ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆଶିଷନନ୍ଦ ଗୋସ୍ୱାମୀ ଚତୁର୍ଥ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧ର ଆଦର୍ଶ କୁମାର ରାଉତ ୫ମ ସ୍ଥାନ ଅଧିକାର କରିଥିଲେ। ଓମ୍ ଗୁରୁକୁଳ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାକୁ ସ୍କୁଲ୍‌ର ଏମ୍‌ଡି ଲକ୍ଷ୍ମୀଧର ବେହେରା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

FOR RENT
Warehouse/Shed Available for Rent. A 9,000 sq. ft. shed built on a 20,000 sq.ft. plot is available for rent on the Panikoili National Highway. Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
8249526803

ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

ନନ୍ଦିଘୋଷ
NANDIGHOSHA TV
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification:
Master's Degree / P.G. Diploma in Journalism
Experience:
Minimum 3 years of experience in Digital Media
Key Requirement:
• Basic understanding of Digital platform.
2 MULTIMEDIA PRODUCER
Educational Qualification:
Master's Degree / P.G. Diploma in Journalism
Experience:
Minimum 5 years of experience in Digital Media
Key Requirements:
• Experience in Video Production for social media platforms.
• Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS